
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର, ୧୪ ମଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 14 MAY 2022
Vol.No. 33 ■ No. 125 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022





ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ବାଲେଶ୍ୱର-୧


ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ
ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର
ପ୍ରାପ୍ତିସ୍ଥାନ
ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


## ରାହୁଲ ଭଟ୍ଟଙ୍କ ହତ୍ୟା ଘଟଣାକୁ ନେଇ ଶ୍ରୀନଗର ଅଶାନ୍ତ

ନୂଆଦିଲ୍ଲୀ, ୧୩/୦୫ : ଜାମ୍ମୁ କାଶ୍ମିରୁ ଏକ ବଡ ଧରଣର ଖବର ସାମ୍ନାକୁ ଆସିଛି । ତହସିଲ କାର୍ଯ୍ୟାଳୟ ଭିତରେ ପସି କର୍ମଚାରୀଙ୍କୁ ହତ୍ୟା କରିଛନ୍ତି ଆତଙ୍କବାଦୀ । ମୃତ କର୍ମଚାରୀ ଜଣେ କାଶ୍ମିରୀ ପଣ୍ଡିତ ହୋଇଥିବା ଜଣାପଡିଛି । ସେହିପରି ଜଣେ ପୁଲିସ କର୍ମଚାରୀଙ୍କ ଘର ଭିତରେ ପସି ସମାନ ଢଙ୍ଗରେ ହତ୍ୟା କରାଯାଇଛି । ଘଟଣାକୁ ନେଇ ସାରା ଅଚଂଳରେ ଆତଙ୍କ ଖେଳିଯାଇଛି । ସେପଟେ ଘଟଣାକୁ ନେଇ ସରକାର ଓ ପ୍ରଶାସନ ବିରୁଦ୍ଧରେ ପ୍ରର୍ଦଶନ କରିଛନ୍ତି କାଶ୍ମିର ପଣ୍ଡିତ । ଜାମ୍ମୁକାଶ୍ମିରରେ ପୁଣି କାଶ୍ମିର ପଣ୍ଡିତଙ୍କ ଟାର୍ଗେଟ କିଲିଂ ଘଟଣା ସାମ୍ନାକୁ ଆସିଛି । ଗୁରୁବାର ବଡଗାମ ଜିଲ୍ଲାରେ ଥିବା ତହସିଲ ଅଫିସ ଭିତରେ ପଶି ଆଖିବୁଜା ଗୁଳିଚାଳନା କରିଛନ୍ତି କୁକ୍ଷାତ ଆତଙ୍କବାଦୀ । ଘଟଣାରେ



ଜଣେ କିରାଣୀ ରାହୁଲ ଭଟ୍ଟଙ୍କ ମୃତ୍ୟୁ ହୋଇଛି । ରାହୁଲ ଭଟ୍ଟ ଜଣେ କାଶ୍ମିର ପଣ୍ଡିତ ହୋଇଥିବା ଜଣାପଡିଛି । ଶୁକ୍ରବାର ପୁଲଓ୍ୱାମା ଜିଲ୍ଲାରୁ ମଧ ଏକ ସମାନ ଢଙ୍ଗର ଘଟଣା ସାମ୍ନାକୁ ଆସିଛି । ଆତଙ୍କବାଦୀ ମାନେ ଅହମଦ ଠୋକର ନାମକ ଜଣେ ପୁଲିସ କର୍ମୀଙ୍କ ଘରେ ପସି ତାଙ୍କୁ ବିଭତ୍ସ ହତ୍ୟା କରିଛନ୍ତି । ଗତ ୨୪ ଘଂଟା ମଧରେ ୨ ଟି ହତ୍ୟାକାଣ୍ଡ ଘଟିବା ଫଳରେ ସ୍ଥାନୀୟ ଅଂଚଳରେ ଆତଙ୍କର ମାହୋଲ ଖେଳିଯାଇଛି । ସେପଟେ ଘଟଣାକୁ ବିରୋଧା କରିବା ସହ ରାଜ ରାସ୍ତାକୁ ଓହ୍ଲାଇଛନ୍ତି କାଶ୍ମିରୀ ପଣ୍ଡିତ । କାଶ୍ମିରୀ ପଣ୍ଡିତ ମାନେ ପ୍ରଶାସନ ବିରୁଦ୍ଧରେ ନାରାବାଜୀ ମଧ କରିଥିବା ଦେଖିବାକୁ ମିଳିଛି । ସବୁଦିନ ପରି ଗୁରୁବାର ବଡଗାମ ଜିଲ୍ଲାରେ ତହସିଲ କାର୍ଯ୍ୟାଳୟରେ କାମ ସ୍ୱଭାବିକ ଚାଲିଥିଲା । ଏହି ସମୟରେ ଅଚାନକ ଦଳେ ଆତଙ୍କବାଦୀ ଅଫିସ ଭିତରକୁ ଧସେଇ ପସି ପ୍ରଶ୍ନ କରିଥିଲେ, ରାହୁଲ ଭଟ୍ଟ କିଏ ? ଏବଂ ତା ପରେ ରାହୁଲଙ୍କ ଉପରକୁ ଆଖିବୁଜା ଗୁଳିଚାଳନା କରି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ । ପୁଲିସ କନେଷ୍ଟବଳ ଅହମଦ ଠୋକରଙ୍କୁ ମଧ ସମାନ ଢଙ୍ଗରେ ହତ୍ୟା ହୋଇଛି । ଘଟଣାକୁ ନେଇ ଏବେ ସାରା ଅଂଚଳରେ ଉତେଜନା ଦେଖାଦେଇଛି । ସେପଟେ ଘଟଣାକୁ ସରକାର୍ଙ୍କ ବିଫଳତା ବୋଲି କହିଛନ୍ତି ପୁର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫତି । ସେପେଟେ ପୁଲିସ ମାମାଲାର ଯାଂଚ ଆରମ୍ଭ କରିଥିବା ଜଣାପଡିଛି । ସେପଟେ ଏତେ କଡ ସୁରକ୍ଷା ଥିବା ସତ୍ୱେ ଆତଙ୍କବାଦୀଙ୍କ ଗତିବିଧି କିପରି ବୃଦ୍ଧି ହେଉଛି ତାକୁ ନେଇକି ପ୍ରଶ୍ନ ଉଠିଛି । ଦିନକୁ ଜାମ୍ମୁ କାଶ୍ମିରେ ପରିସ୍ଥିତି ଖରାପ ହେବାରେ ଲାଗିଛି । ଘଟଣାକୁ ନେଇକି ସରକରା କ'ଣ ପଦକ୍ଷେପ ନେଇଛନ୍ତି ତାହା ଦେଖିବାକୁ ବାକି ରହିଲା ।

## ରାଜ୍ୟସଭା ନିର୍ବାଚନ, ପ୍ରତିଶ୍ରୁତି ମନେ ପକାଇଲେ ୨ ବରିଷ୍ଠ ନେତା

ଭୁବନେଶ୍ୱର, ୧୩/୦୫ (ନି.ପ୍ର): ରାଜ୍ୟସଭା ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ସଂଖ୍ୟା ଦୃଷ୍ଟିରୁ ସମସ୍ତ ଆସନ ବିଜେଡି ଖାତାକୁ ଯିବା ସ୍ପଷ୍ଟ । ଏହାପରେ ଚଳଚଂଚଳ ହୋଇଛି ବିଜେଡି ଶିବିର । ଲବି ପାଇଁ ଆଶାୟୀଙ୍କ ଭିଡ ଲାଗିଲାଣି । ସମୁଦାୟ ୪ ଟି ରାଜ୍ୟସଭା ଆସନ ଖାଲି ହୋଇଥିବା ବେଳେ ଆଶାୟୀଙ୍କ ଲିଷ୍ଟ କିନ୍ତୁ ଖୁବ୍ ଲମ୍ବା । ଏହି ପ୍ରରିପ୍ରେକ୍ଷୀରେ ବିଜେଡିର ଦୁଇ ଆଶାୟୀ ପ୍ରାର୍ଥୀ ତଥା ବରିଷ୍ଠ ନେତା ନିଜର ପ୍ରତିକ୍ରିୟା ରଖିଛନ୍ତି । ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ ଓ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ପୂର୍ବରୁ ମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତିର କଥା ମନେପକାଇ ଦେଇଛନ୍ତି । ବରିଷ୍ଠ ନେତା ପ୍ରସନ୍ନ ପାଟଶାଣୀ କହିଛନ୍ତି, ମୁଁ ଆଦୌ



ନିରାଶ ହୋଇନି । ନବୀନ ଯାହା କୁହନ୍ତି ତାହା କରିକି ଦେଖାନ୍ତି । ମୋର ଭରସା ଓ ବିଶ୍ୱାସ ରହିଛି ସୁପ୍ରିମୋଙ୍କ ଉପରେ । ଏଥର ରାଜ୍ୟସଭା ପଠେଇବେ ।ଦଳରେ କାମ କରି ଆସୁଛି । ଏବେ ବି କରୁଛି । ସୁପ୍ରିମୋ ଯାହା ନିଷ୍ପତି ତାହା ମୁଁ ମାନିନେବି । ସେହିପରି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ କହିଛନ୍ତି, ଆଶା ତ ନିଶ୍ଚୟ ରହିବ । ଆଶା ରହିଲେ ବି ମୁଖ୍ୟମନ୍ତ୍ରୀ ଯେବେ ଯାହା ବିଚାର କରନ୍ତି ତାହା କରନ୍ତି । ତେଣୁ ଯଦି ଏଥର ଚାହିଁବେ ତ କରିବେ । ବୟସ ଅଧିକ ହେଲେ ବି ମୁଁ ସବୁକିଛି କରି ପାରୁଛି ଓ କରି ପାରିବି । ସେ ମନୋବଳ ମୋର ଅଛି । ସେ ହିସାବରେ ମୁଁ ଯଦି ରାଜ୍ୟସଭା ଯାଏ ରାଜ୍ୟର ଯାହା ସ୍ୱାର୍ଥ ଅଛି ତାକୁ ଉପସ୍ଥାପନ କରି ପାରିବି । ▶▶ପୃଷ୍ଠା ୭

## ମୋଦି ସରକାରରେ ଓଡ଼ିଶାର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ପ୍ରାଧାନ୍ୟ ଦିଆଯାଉଛି : ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର, ୧୩/୦୫ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଓଡ଼ିଶାରେ ମେଡ଼ିକାଲ କଲେଜ ସଂଖ୍ୟା କ୍ରମାଗତ ବୃଦ୍ଧି ପାଉଥିବା ବେଳେ ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ପ୍ରାଧାନ୍ୟ ଦିଆଯାଉଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଗଣମାଧ୍ୟମକୁ ସାକ୍ଷାତ୍ ଦେଇ କହିଛନ୍ତି ଯେ ନରେନ୍ଦ୍ର ମୋଦି ଦେଶରେ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ଦେଶ ଏବଂ ଓଡ଼ିଶାରେ ସ୍ୱାସ୍ଥ୍ୟ ଭିତିଭୂମି ମଜଭୂତ୍ ହେଉଛି । କେନ୍ଦ୍ର ଓ ରାଜ୍ୟର ମିଳିତ ଭାଗିଦାରୀରେ ଓଡ଼ିଶାରେ ବାଲେଶ୍ୱର, ମୟୂରଭଞ୍ଜ, ବଲାଙ୍ଗୀର, କୋରାପୁଟ, ପୁରୀ, ଯାଜପୁର ଓ କଳାହାଣ୍ଡିରେ ମେଡ଼ିକାଲ କଲେଜର କାମ କିଛି ଶେଷ ହୋଇଥିବା ବେଳେ କିଛି କାମ ଜାରୀ ରହିଛି । ଏନଟିପିସି ଦ୍ୱାରା ସୁନ୍ଦରଗଡ଼ ଜିଲ୍ଲାରେ ଏବଂ ଏମସିଏଲ ଦ୍ୱାରା ତାଳଚେରରେ ମେଡ଼ିକାଲ କଲେଜ ସ୍ଥାପନା କରାଯାଇଛି । ସେହିପରି କଟକ, ସମ୍ବଲପୁର ଏବଂ ବ୍ରହ୍ମପୁରରେ ପିଜି ସିଟ୍ ସଂଖ୍ୟା ବୃଦ୍ଧି ସହ ଆନୁଷଙ୍ଗିକ ଭିତିଭୂମି ନିର୍ମାଣ ପାଇଁ ▶▶ପୃଷ୍ଠା ୭

## ରାଜସ୍ଥାନରେ କଂଗ୍ରେସର ୩ଦିନିଆ ଚିନ୍ତନ ଶିବିର

ନୂଆଦିଲ୍ଲୀ, ୧୩/୦୫ : ରାଜସ୍ଥାନ ଉଦୟପୁରରେ କଂଗ୍ରେସର ୩ଦିନିଆ ଚିନ୍ତନ ଶିବିର ଆରମ୍ଭ ହୋଇଛି । ଶିବିରରେ ଦଳର ବହୁ ବରିଷ୍ଠ ନେତା ଯୋଗ ଦେଇଛନ୍ତି । ଶିବିରରେ ପ୍ରଥମ ଦିନରେ ଦଳୀୟନେତାଙ୍କୁ ସମ୍ବୋଧିତ କରି ପ୍ରତିବଦ୍ଧତାର ପାଠ ପଢାଇଛନ୍ତି ଦଳର ଅନ୍ତରୀଣ ଅଧକ୍ଷା ସୋନିଆ ଗାନ୍ଧୀ । ଏଥିସହ ବିଜେପି ଓ ଆରଏଏସକୁ ମଧ ସେ ଟାର୍ଗେଟ କରିଛନ୍ତି । ସୋନିଆ କହିଛନ୍ତି ବିଜେପି ସରକାର ଦେଶକୁ ଧ୍ରୁବୀକରଣ କରିବା ସହ ଭୟର ପରିବେଶ ସୃଷ୍ଟି କରୁଛି । ନିଜ କଥା ଖୋଲାଖୋଲି ରଖିବାର ସ୍ୱାଧୀନତା ଆପଣଙ୍କ ପାଖରେ ରହିଛି ମାତ୍ର ବାହାରକୁ ଏହି ବାର୍ତା ଯିବା ଉଚିତ



ଯେ ସଂଗଠନ ଏକ ଓ ଦଳୀୟନେତାଙ୍କ ମଧରେ ଏକତା ରହିଛି । କଂଗ୍ରେସର ଚିନ୍ତନ ଶିବିରର ଉଦଘାଟନୀ ଭାଷଣରେ ଦଳର ଅନ୍ତରୀଣ ଅଧକ୍ଷା ସୋନିଆ ଗାନ୍ଧି ଦଳୀୟନେତାଙ୍କ ପାଇଁ ଅନୁଶାସନ ଲକ୍ଷ୍ମଣରେଖା ଟାଣି ଏଭଳି କିଛି କଥା କହିଛନ୍ତି । ନେତାଙ୍କୁ ଦଳର ଋଣ ପରିଶୋଧ କରିବାକୁ ଅପିଲ କରିଛନ୍ତି ସୋନିଆ । ବୈଠକରେ ସୋନିଆ କହିଛନ୍ତି ଯେ କଂଗ୍ରେସ ଆମ ସମସ୍ତଙ୍କୁ ବହୁତ କିଛି ଦେଇଛି । ସେହିପରି ଦରବୃଦ୍ଧି ପ୍ରସଙ୍ଗକୁ ନେଇ କେନ୍ଦ୍ର ଉପରେ ବର୍ଷିଛନ୍ତି ସୋନିଆ ଗାନ୍ଧୀ । ବୈଠକରେ ଦଳୀୟନେତାଙ୍କୁ ବିଜୟମନ୍ତ୍ର ଦେବା ସହ ମୋଦି ସରକାରଙ୍କୁ ଶାଣିତ ସ୍ୱରରେ ଟାର୍ଗେଟ କରିଛନ୍ତି ସୋନିଆ ଗାନ୍ଧି । ସୋନିଆ କହିଛନ୍ତି, ଦେଶରେ ବର୍ତମାନ ସଂଖ୍ୟାଲଘୁଙ୍କ ଉପରେ ଅତ୍ୟାଚାର ହେଉଛି, ଦୁର୍ବଳ ବର୍ଗର ଲୋକ ଉତ୍ପୀଡନୀ ଶିକାର ହେଉଛନ୍ତି ଓ ଦଳିତଙ୍କୁ ନିର୍ଦୋଷରେ ଦଣ୍ଡ ଦିଆଯାଉଛି । ମୋଦି ସରକାରଙ୍କ ଶାସନ ସମୟରେ ଦେଶର ଅର୍ଥବ୍ୟବସ୍ଥା ଭୁଷୁଡି ପଡିଥିବା ଅଭିଯୋଗ କରିଛନ୍ତି ସୋନିଆ । ସେହିପରି ମୋଦୀ ସରକାର କେନ୍ଦ୍ରିୟ ଏଜେନ୍ସିର ଅପବ୍ୟବହାର କରାଯାଉଥିବା ମଧ କହଛନ୍ତି ସୋନିଆ ଗାନ୍ଧୀ ।

## ପୂର୍ବତନ ବିଧାୟକ ନିଖୋଜ, ଅପହରଣ ସନ୍ଦେହ

ଭୁବନେଶ୍ୱର, ୧୩/୦୫ (ନି.ପ୍ର): ଜଣେ ପୂର୍ବତନ ବିଧାୟକ ନିଖୋଜ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଆସିକାର ପୂର୍ବତନ ବିଧାୟକ ସରୋଜ ପାଢ଼ୀ ଗତକାଲି ଠାରୁ ୟୁନିଟ୍-୬ ସ୍ଥିତ ନିଜ ଘରୁ ନିଖୋଜ ହୋଇଥିବା ନେଇ ତାଙ୍କ ପୁଅ କ୍ୟାପିଟାଲ୍ ଥାନାରେ ଏତଲା ଦେଇଛନ୍ତି । ତାଙ୍କୁ ଅପହରଣ କରାଯାଇଥିବା ନେଇ ତାଙ୍କ ପରିବାର ଲୋକେ ସନ୍ଦେହ କରୁଛନ୍ତି । ପୂର୍ବତନ ବିଧାୟକଙ୍କ ପୁଅଙ୍କ ସୂଚନା ଅନୁଯାୟୀ, ସେ ଗତକାଲି ସକାଳ ସାଢ଼େ ୮ଟାରୁ ଘରୁ ବାହାରି ଯାଇଥିଲେ । ତା'ପରେ ଆଉ ଘରକୁ ଫେରି ନାହାନ୍ତି । ସେ



କାହାକୁ ଦେଖା କରିବାକୁ ଯାଇଥିଲେ । ବୋଧେ ସେଠାରୁ ତାଙ୍କୁ କେହି ଅପହରଣ କରି ନେଇଥାଇପାରନ୍ତି । ସିସିଟିଭିରୁ ସେ ସାଙ୍ଗରେ ଫୋନ୍ ନେଇ ଥିବା ଜଣାପଡିଛି । କିନ୍ତୁ ଫୋନ୍ ସୁଇଚ୍ ଅଫ୍ ଦେଖାଉଛି । ତାଙ୍କୁ ଟ୍ରାକ୍ କରି ହେଉନି । ତାଙ୍କର ଲାଷ୍ଟ ଲୋକେସନ ଘର ପାଖରେ ହିଁ ଦେଖାଉଛି ।– ପୂର୍ବତନ ବିଧାୟକ ସରୋଜ ପାଢ଼ୀଙ୍କ ମାନସିକ ଅବସ୍ଥା ଠିକ୍ ଥିଲା । ତେବେ ତାଙ୍କ ପୁଅଙ୍କ କହିବା ଅନୁଯାୟୀ କିଛି ଫୋନ୍ କଲ୍ କୁ ନେଇ ସେ ବ୍ୟସ୍ତ ଜଣାପଡୁଥିଲେ । ବାରମ୍ବାର ତାଙ୍କ ପାଖକୁ ଫୋନ୍ ଆସୁଥିଲା । କିନ୍ତୁ କିଏ ଫୋନ୍ କରୁଥିଲା ଓ କ'ଣ ହୋଇଥିଲା ସେ ବିଷୟରେ ପରିବାର ଲୋକଙ୍କୁ କିଛି ଜଣାନାହିଁ । କ୍ୟାପିଟାଲ ଥାନା ପୋଲିସ୍ ଘଟଣାର ତଦନ୍ତ କରୁଛି । ସୂଚନାଯୋଗ୍ୟ, ସରୋଜ ପାଢ଼ୀ ୨୦୦୪ରେ କଂଗ୍ରେସ ଟିକେଟ୍ ରେ ଆସିକାରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ ।

## ମେ' ୨୭ରେ କେରଳ ଛୁଇଁବ ମୌସୁମୀ

ଭୁବନେଶ୍ୱର, ୧୩/୦୫ (ନି.ପ୍ର): ଚାଷୀଙ୍କ ପାଇଁ ଭଲ ଖବର । ପୂର୍ବବର୍ଷ ଗୁଡ଼ିକ ତୁଳନାରେ ଚଳିତ ବର୍ଷ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଶୀଘ୍ର କେରଳ ଛୁଇଁବ । ଆସନ୍ତା ୨୭ ତାରିଖରେ ମୌସୁମୀ କେରଳ ଛୁଇଁବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଅବଶ୍ୟ ଓଡ଼ିଶାରେ ମୌସୁମୀ କେବେ ଛୁଇଁବ, ସେକଥା କୁହାଯାଇନି । ହେଲେ ସାଧାରଣତଃ କେରଳ ଛୁଇଁବାର ୧୦ ଦିନ ଭିତରେ ମୌସୁମୀ ଓଡ଼ିଶାରେ ପ୍ରବେଶ କରିଥାଏ । ତେଣୁ ଓଡ଼ିଶାରେ ମୌସୁମୀ ଜୁନ୍ ପ୍ରଥମ ସପ୍ତାହରେ ପ୍ରବେଶ କରିବାର ଯଥେଷ୍ଟ ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଟ୍ୱିଟ କରିଛି ଯେ ଚଳିତ ବର୍ଷ ମେ' ୨୭ରେ ରେ ଦକ୍ଷିଣ ପଶ୍ଚିମ ମୌସୁମୀ କେରଳ ଛୁଇଁବାର ସମ୍ଭାବନା ରହିଛି । ଏହି ଆକଳନରେ ମଡେଲ ଜନିତ ତ୍ରୁଟି



୪ ଦିନ ଆଗ/ପଛ ହେବାର ସମ୍ଭାବନା ରହିଥିବର କେନ୍ଦ୍ର ପକ୍ଷରୁ କୁହାଯାଇଛି । ଚଳିତ ବର୍ଷ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ମେ' ୧୫ ତାରିଖରେ ଆଣ୍ଡାମାନ ନିକୋବର ଛୁଇଁବାର ଯଥେଷ୍ଟ ସମ୍ଭାବନା ରହିଛି । ଏଥିପାଇଁ ପାଗ ସଂପୂର୍ଣ୍ଣ ଅନୁକୂଳ ରହିଥିବା ଭାରତୀୟ ପାଣିପାଗ ବିଭାଗ ପୂର୍ବରୁ ପୂର୍ବାନୁମାନ କରାଯାଇଛି । ବିଭାଗ କହିଛି ଯେ ସାଧାରଣତଃ ମୌସୁମୀ ଜୁନ ୧ରେ କେରଳ ଛୁଇଁଥାଏ । ଏହାପରେ ପର୍ଯ୍ୟାୟକ୍ରମେ ଦେଶର ବିଭିନ୍ନ ପ୍ରାନ୍ତକୁ ଯାଇଥାଏ । ଏଥର ପାଗ ଅନୁକୂଳ ଥିବାରୁ ମୌସୁମୀ ଆଗୁଆ ଆସିବାର ରହିଛି । ମେ' ୨୭ରେ ମୌସୁମୀ କେରଳ ଛୁଇଁବାକୁ ଥିବା ବେଳେ ଏଥର ଏହା ସ୍ୱାଭାବିକ ରହିବ । ଏପ୍ରିଲ ୧୪ରେ ମୌସୁମୀ ସ୍ୱାଭାବିକ ରହିବ ବୋଲି ଭାରତୀୟ ପାଣିପାଗ ପ୍ରେସ ବିଜ୍ଞପ୍ତି ଦ୍ୱାରା ସୂଚନା ଦେଇଥିଲା । ବିଭାଗ ପକ୍ଷରୁ କୁହାଯାଇଥିଲା ଯେ ମୌସୁମୀ ▶▶ପୃଷ୍ଠା ୭

## ରାୟପୁର ହେଲିକପ୍ଟର ଦୁର୍ଘଟଣାରେ ଓଡ଼ିଆ ପାଇଲଟଙ୍କ ମୃତ୍ୟୁ

ସମ୍ବଲପୁର, ୧୩/୦୫ (ନି.ପ୍ର): ଗତକାଲି ଛତିଶଗଡ଼ର ରାଜଧାନୀ ରାୟପୁର ଏୟାରପୋର୍ଟରେ ଏକ ହେଲିକପ୍ଟର ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ୨ ପାଇଲଟଙ୍କ ମୃତ୍ୟୁ ଘଟିଥିଲା । ମୃତକଙ୍କ ମଧ୍ୟରେ ଜଣେ ଓଡ଼ିଆ ପାଇଲଟ ଥିବା ଜଣାପଡ଼ିଛି । ମୃତ ପାଇଲଟଜଣକ ଗୋପାଳକୃଷ୍ଣ ପଣ୍ଡା ଓ ତାଙ୍କ ଘର ସମ୍ବଲପୁର ଜିଲ୍ଲାର ବାହାମ ଗାଁରେ ବୋଲି ଜଣାପଡ଼ିଛି । ଗତ ରାତିରେ ଏହି ଖବର ପାଇ ଗୋପାଳକୃଷ୍ଣଙ୍କ ପରିବାର ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି । ସୂଚନା ଅନୁଯାୟୀ, ଗତକାଲି ରାୟପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ଏୟାରପୋର୍ଟରେ ଏକ ହେଲିକପ୍ଟର ନିୟମିତ ଅଭ୍ୟାସ ଲାଗି ଉଡାଣ ▶▶ପୃଷ୍ଠା ୭

## ୨୧ରୁ ମାଟ୍ରିକ ଖାତା ଦେଖା ଆରମ୍ଭ

ଭୁବନେଶ୍ୱର, ୧୩/୦୫ (ନି.ପ୍ର): ଆସନ୍ତା ୨୧ ତାରିଖରୁ ମାଟ୍ରିକ ଖାତା ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହେବ । ବୋର୍ଡ଼ର ଉପସଭାପତି ଡକ୍ଟର ନିହାର ରଞ୍ଜନ ମହାନ୍ତି ସୂଚନା ଦେଇ କହିଛନ୍ତି ଯେ, ଦଶମ ଶ୍ରେଣୀ ସହିତ ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ମଧ୍ୟମା ପରୀକ୍ଷାର ଖାତା ମୂଲ୍ୟାୟନ କରାଯିବ । ରାଜ୍ୟର ମୋଟ ୫୮ଟି ମୂଲ୍ୟାୟନ କେନ୍ଦ୍ରରେ ଖାତା ଦେଖା ହେବ । ଏଥିପାଇଁ ୨୦ ତାରିଖ ସକାଳ ୧୦ଟା ସୁଦ୍ଧା ମୂଲ୍ୟାୟନ କେନ୍ଦ୍ରରେ ପରୀକ୍ଷକମାନେ ଯୋଗଦେବେ । ଖାତା ଦେଖା ପାଇଁ ୪୮୧ ଜଣ ମୁଖ୍ୟ ପରୀକ୍ଷକଙ୍କ ସହ ୯୦୦ ଜଣ ଉପ ପରୀକ୍ଷକ, ୮୯୧୯ ଜଣ



ସହକାରୀ ପରୀକ୍ଷକ ଓ ୯୩୦ ଜଣ ସ୍କ୍ରୁଟିନାଇଜରଙ୍କୁ ନିୟୋଜିତ କରାଯାଇଛି । ଖାତା ଦେଖା ପରେ ମାର୍କ ଅପଲୋଡ୍ କାର୍ଯ୍ୟ କରାଯିବ । ୧୦ରୁ ୧୨ ଦିନ ପର୍ଯ୍ୟନ୍ତ ଖାତା ଦେଖା ଚାଲିବ । ସୂଚନାଯୋଗ୍ୟ, ଏପ୍ରିଲ ୨୯ ତାରିଖରୁ ମଇ ୭ ତାରିଖ ପର୍ଯ୍ୟନ୍ତ ମାଟ୍ରିକ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ଚଳିତବର୍ଷ ମୋଟ ୫,୭୧,୯୦୯ ଜଣ ପରୀକ୍ଷାର୍ଥୀ ମୋଟ ୩୨୦୩ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଥିଲେ । ତେବେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିବାର ଦେଖାଯାଇଥିଲା ।

## ଭିଜିଲାନ୍ସ ଜାଲରେ ଭିଜିଲାନ୍ସ ଅଧିକାରୀ : କେସ୍ ବନ୍ଦ କରିବାକୁ ନେଉଥିଲେ ୧୦ ଲକ୍ଷ ଲାଞ୍ଚ

ଭୁବନେଶ୍ୱର, ୧୩/୦୫ (ନି.ପ୍ର): ରାଜ୍ୟରେ ପ୍ରାୟ ପ୍ରତ୍ୟେକ ଦିନ କେଉଁଠି ନା କେଉଁଠି ଭିଜିଲାନ୍ସ ଚଢ଼ାଉ ହେଉଛି କହିଲେ ଭୁଲ୍ ହେବ ନାହିଁ । କେତେବେଳେ କେଉଁ ସରକାରୀ ଅଫିସର/କର୍ମଚାରୀ ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଚଢ଼ାଉ କରି ଧରୁଛି ତ ଆଉ କେବେ ଆୟ ବର୍ହିଭୂତ ସଂପତ୍ତି ଠୁଳ ଅଭିଯୋଗରେ କରୁଛି ଚଢ଼ାଉ । ପ୍ରାୟ ପ୍ରତିଦିନ ଏଭଳି ଖବର ଗଣମାଧ୍ୟମରେ ଆସୁଥିବା ବେଳେ ଲୋକଙ୍କ ମନରେ ଯେଉଁ କେତୋଟି ପ୍ରଶ୍ନ ଉଠେ, ସେଥିରୁ ଦୁଇଟି ହେଉଛି- ଯେଉଁମାନେ ଭିଜିଲାନ୍ସରେ ଅଛନ୍ତି ସେମାନଙ୍କ ଘରେ ରେଡ୍ ହୁଏ ନା ନାହିଁ ? ସେହିପରି ଭିଜିଲାନ୍ସ ଅଧିକାରୀମାନଙ୍କ ମଧ୍ୟରୁ କ'ଣ କେହି କେବେ ଲାଞ୍ଚ ନେଲା ବେଳେ ଧରାପଡ଼ିଛନ୍ତି ? ଆଉ ଆଜି ହୋଇଥିବା ଏକ ଭିଜିଲାନ୍ସ ରେଡ୍‌ରୁ ଏମିତି ଏକ ଖବରଟିଏ ଆସିଛି । ଭିଜିଲାନ୍ସ ଜାଲରେ ଜଣେ ଭିଜିଲାନ୍ସ ବିଭାଗ ଅଧିକାରୀ ପଡ଼ିଛନ୍ତି । ୧୦ ଲକ୍ଷ ଟଙ୍କା ଲାଞ୍ଚ ନେବା ବେଳେ ଜଣେ ଭିଜିଲାନ୍ସ ଇନ୍ସପେକ୍ଟର ଧରାପଡ଼ିଛନ୍ତି । ତାଙ୍କ ନାଁ ମାନସୀ ଜେନା । ସେ ସମ୍ବଲପୁର ଭିଜିଲାନ୍ସ ଡିଭିଜନରେ ନିଯୁକ୍ତ ହୋଇଛନ୍ତି । ଜଣେ ସରକାରୀ କର୍ମଚାରୀଙ୍କ ବିରୋଧରେ ଚାଲିଥିବା ଭିଜିଲାନ୍ସ ମାମଲାକୁ ବନ୍ଦ କରି ଦେବା ପାଇଁ ମାନସୀ ୧୦ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ । ବରଗଡ଼ର ମୁକେଶ ସାହୁ ନାମକ ଜଣେ ଯୁବକଙ୍କ ମାଧ୍ୟମରେ ସେ ଲାଞ୍ଚ ଅର୍ଥ ଗ୍ରହଣ କରୁଥିବା ବେଳେ ଓଡ଼ିଶା ଭିଜିଲାନ୍ସର ଇଣ୍ଟରନାଲ ଭିଜିଲାନ୍ସ ୟୁନିଟ୍ ହାତରେ ସେ ଧରାପଡ଼ିଥିଲେ । ଇନ୍ସପେକ୍ଟର ମାନସୀ ଜେନାଙ୍କ ଠାରୁ ଲାଞ୍ଚ ଅର୍ଥ ଜବତ କରିବା ପରେ ଇଣ୍ଟରନାଲ ଭିଜିଲାନ୍ସ ୟୁନିଟ୍ ତାଙ୍କର ଅଫିସ୍ ଓ ବାସଭବନ ଆଦି ସ୍ଥାନରେ ଚଢ଼ାଉ କରିଛି । ସେହିପରି ମୁକେଶ ସାହୁଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି ।

## ଶେଷ ହେଲା ଏଲଆଇସିର ବହୁଚର୍ଚ୍ଚିତ ଆଇପିଓର ଆଲଟମେଣ୍ଟ

ନୂଆଦିଲ୍ଲୀ, ୧୩/୦୫ : ଏଲଆଇସିର ଆଇପିଓ ଯାହାକୁ କୋଟି କୋଟି ନିବେଶକ ଅପେକ୍ଷା କରିଥିଲେ, ତାର ଆଲଟମେଂଟ ଶେଷ ହୋଇଛି । ଏଲଆଇସି ଭଳି ବଡ ବୀମା କମ୍ପାନୀର ଆଇପିଓ କିଣିବାକୁ ଲୋକ ବେଶ ଆଗ୍ରହୀ ଥିଲେ । କିନ୍ତୁ ପ୍ରାୟ ୩ଗୁଣା ଅଧିକ ଆବେଦନ ହୋଇଥିବାରୁ ଅନେକ ନିବେଶକ ଆଇପିଓ ପାଇବାରୁ ବଂଚିତ ହୋଇଛନ୍ତି । ଆଇପିଓ ହେଉଛି ଇନିସିଆଲ୍ ପବ୍ଲିକ ଅଫରିଂ । ଅର୍ଥାତ୍ ଗୋଟିଏ କଂପାନୀ ଯେତେବେଳେ ବଜାରରୁ ଅର୍ଥ ଉଠାଏ, ସେତେବେଳେ ଆଇପିଓର ସାହାଯ୍ୟ ନେଇଥାଏ । ଏଲଆଇସି ବା ଭାରତୀୟ ଜୀବନ ବୀମା କଂପାନୀର ଶତ ପ୍ରତିଶତ ମାଲିକାନା ଥିଲା ସରକାରଙ୍କ ହାତରେ । ଆଉ ଏହାର ୩.୫ ପ୍ରତିଶତ ଅଂଶଧନକୁ ବଜାରକୁ ଛାଡ଼ିଛନ୍ତି କେନ୍ଦ୍ର ସରକାର । ଏଲଆଇସିର ଆଇପିଓ କିଣିବାକୁ ସାଧାରଣ ଲୋକଙ୍କ ମଧରେ ଅତ୍ୟଧିକ ଉତ୍ସାହ ଦେଖାଯାଇଥିଲା । ଏହାର କାରଣ ହେଉଛି ରିଟେଲ ନିବେଶକଙ୍କୁ ଗୁରୁତ୍ୱ ଦିଆଯାଇଥିଲା । ଏପରିକି ଏଲଆଇସି ପଲିସିଧାରକଙ୍କୁ ୬୦ ଟଙ୍କା ଏବଂ ଏଲଆଇସି କର୍ମଚାରୀ ଓ ରିଟେଲ୍ ନିବେଶକଙ୍କୁ ପ୍ରତି ସେୟାରରେ ୪୫ ଟଙ୍କାର ରିହାତି ଦିଆଯାଇଥିଲା । ପାଖାପାଖି ୧୬ କୋଟିର ସେୟାର ପାଇଁ ପ୍ରାୟ ୪୭ କୋଟି ଆବେଦନ ହୋଇଥିଲା । ଅର୍ଥାତ୍ ୨.୯୫ ଗୁଣ ଅଧିକ ଆବେଦନ ହୋଇଥିଲା । ପଲିସିଧାରକଙ୍କ ପାଇଁ ଯେତିକି ସେୟାର ରହିଥିଲା, ଏହାର ୬.୧୨ ଗୁଣ ଅଧିକ ଆବେଦନ ହୋଇଥିଲା । ଏଲଆଇସି କର୍ମଚାରୀ ବର୍ଗରେ ୪.୪ ଗୁଣ ଅଧିକ ରିଟେଲ ନିବେଶକ କାଟାଗୋରିରେ ୧.୯୯ ଗୁଣ ଅଧିକ ଆବେଦନ ହୋଇଥିଲା । ଆବେଦନ ଅଧିକ ହୋଇଥିବାରୁ ଅନେକ ଆଇପିଓ ପାଇବାରେ ବଂଚିତ ହୋଇଛନ୍ତି । ବିଶେଷ କରି ଯେଉଁମାନେ କେବଳ ପଲିସିଧାରକ ଓ ଏଲଆଇସି କର୍ମଚାରୀ ବର୍ଗରେ ▶▶ପୃଷ୍ଠା ୭

# ବୌଦ୍ଧକୁ ଉତରାଂଚଳ ରାଜସ୍ୱ ଆୟୁକ୍ତରେ ସାମିଲ କରାଯିବାକୁ ଜିଲ୍ଲା ପରିଷଦ ବୈଠକରେ ପ୍ରସ୍ତାବ ଗୃହୀତ

ବୌଦ୍ଧ,୧୩/୦୫ (ନି.ପ୍ର): ବୌଦ୍ଧ ଜିଲାକୁ ଉତରାଂଚଳ ରାଜସ୍ୱ ଆୟୁକ୍ତରେ ସାମିଲ କରାଯିବାକୁ ଜିଲା ପରିଷଦ ବୈଠକରେ ଆଜି ପ୍ରସ୍ତାବ ଗୃହୀତ ହୋଇଛି । ବୌଦ୍ଧ ଜିଲା ପରିଷଦ ବୈଠକ ଅଧକ୍ଷା ପ୍ରଭାସିନୀ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି । ବୈଠକରେ ବୌଦ୍ଧ ବିଧାୟକ ପ୍ରଦିପ କୁମାର ଅମାତ ଓ କଂଟାମାଳ ବିଧାୟକ ମହୀଧର ରଣା ଯୋଗଦେଇଥିଲେ । ଜିଲାପାଳ ଲଲାଟେନ୍ଦୁ ମିଶ୍ର ବୈଠକକୁ ପରିଚାଳନା କରିଥିଲେ । ଜିଲାପାଳ ଲଲାଟେନ୍ଦୁ ମିଶ୍ର ବୈଠକରେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଜିଲାରେ ଚାଲିଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପ ସମ୍ପର୍କରେ ବିଷଦ ବିବରଣୀ ପ୍ରଦାନ କରିଥିଲେ । ବୈଠକରେ ବିଭିନ୍ନ ବିଭାଗୀୟ ସମୀକ୍ଷା କରାଯିବା ସହିତ ଅଧାରେ ରହିଥିବା ପ୍ରକଳ୍ପ ଗୁଡିକ ତୁରନ୍ତ ସଂପୂର୍ଣ୍ଣ କରାଯିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ବୌଦ୍ଧ ଜିଲାବାସୀଙ୍କ ଦୀର୍ଘ ଦିନର ଦାବି ଜିଲାକୁ ଦକ୍ଷିଣାଚଂଳ ରାଜସ୍ୱ ଆୟୁକ୍ତରୁ ବାହାର କରାଯାଇ ଉତରାଂଚଳ ରାଜସ୍ୱ ଆୟୁକ୍ତରେ ସାମିଲ କରାଯିବା ସମ୍ପର୍କରେ ସାଂସଦ ପ୍ରତିନିଧି ତାରେଣି ମହାପାତ୍ର ଆଲୋଚନା କରିବା ସହିତ ଜିଲାପରିଷଦ ବୈଠକରେ ସର୍ବସମ୍ମତି କ୍ରମେ ଏହି ପ୍ରସ୍ତାବକୁ ଗୃହୀତ କରାଯାଇ ରାଜ୍ୟସରକାରଙ୍କ ନିକଟକୁ ପଠାଯିବାକୁ ନିଷ୍ପତିଗ୍ରହଣ କରାଯାଇଥିଲା । ସମସ୍ତ ଉପସ୍ଥିତ ସଦସ୍ୟ ଏହି ପ୍ରସ୍ତାବକୁ ସ୍ୱାଗତ କରିବା ସହିତ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ମତପ୍ରକାଶ ପାଇଥିଲା । ସେହିପରି ମହାନଦୀରେ ଜଳ ସଙ୍କଟ ଯୋଗୁଁ ନଦୀ କୂଳରେ ଥାଇ ମଧ ବୌଦ୍ଧ ସହରବାସୀ ବିଶୁଦ୍ଧ ପାନୀୟଜଳ ପାଇବାରୁ ବଂଚିତ ହେଉଥିବାବେଳେ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଥିବା ଆଡିବନ୍ଧ ନିର୍ମାଣ ଦାବିକୁ ମଧ ପରିଷଦ ବୈଠକରେ ଅନୁମୋଦନ କରାଯାଇଥିଲା । ମହାନଦୀରେ ନିର୍ମାଣାଧିନ ମର୍ଜାକୁଦ ସେତୁ ନିକଟରେ ସ୍ୱଳ୍ପ ଉଚ୍ଚତାରେ ଏକ ଆଡିବନ୍ଧ ନିର୍ମାଣ କରାଯିବାକୁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିବାବେଳେ ଏଥିପାଇଁ ଯୋଜନା ଓ ବ୍ୟୟ ଅଟକଳ ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ଆଡିବନ୍ଧ ନିର୍ମାଣହେଲେ ବୌଦ୍ଧଠାରେ ତଳମୁଣ୍ଡକୁ ବୋହିଯାଉଥିବା ମହାନଦୀ ଜଳ ସଂରକ୍ଷଣ ହେବା ସହିତ ସହରବାସୀଙ୍କ ଜଳକଷ୍ଟ ଦୂର ହୋଇପାରିବ । ବୈଠକରେ ଦିଆଯାଇଥିବା ସୂଚନା ମୁତାବକ, ମନରେଗା ଯୋଜନାରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୨୫୨୦୩୯୩ ଲକ୍ଷ ଶ୍ରମ ଦିବସ ସୃଷ୍ଟି ପାଇଁ ଅଟକଳ ଧାର୍ଯ୍ୟ କରାଯାଇଥିବାବେଳେ ଅଦ୍ୟାବଧି ୧୭୯୩୧୨ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇଛି । ଏଥିପାଇଁ ୯୮୮୪ ୯୮୧୩୫ କୋଟି ବ୍ୟୟ ଅଟକଳ କରାଯାଇଥିବା ବେଳେ ଏପର୍ଯ୍ୟନ୍ତ ୪୪୦୨୪୦୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । କୃଷିକ୍ଷେତ୍ର ପୋଖରୀ ଖନନ ଯୋଜନାରେ ବୌଦ୍ଧ ବ୍ଲକକୁ ୬୪ ଗୋଟି, ହରଭଙ୍ଗା ବ୍ଲକକୁ ୭୨ ଗୋଟି ଏବଂ କଣ୍ଟାମାଳ ବ୍ଲକକୁ ୧୬୫ ଗୋଟି ପ୍ରକଳ୍ପ ଏହିପରି ମୋଟ ୩୦୩ ଗୋଟି କୃଷିକ୍ଷେତ୍ର ପୋଖରୀ ଖନନ ପାଇଁ ମଂଜୁର କରାଯାଇଛି । ଭୂମି ଉନ୍ନତିକରଣ ଯୋଜନାରେ ହରଭଙ୍ଗା ବ୍ଲକ ପାଇଁ ୧୦ ଗୋଟି ପ୍ରକଳ୍ପ ମଂଜୁରୀ ଦିଆଯାଇ କାର୍ଯ୍ୟ ଚାଲୁରହିଛି । ମନରେଗା ଯୋଜନାରେ ଖେଳପଡିଆ ନିର୍ମାଣ ପାଇଁ ହରଭଙ୍ଗା ବ୍ଲକରେ ୩ ଗୋଟି ଏବଂ କଂଟାମାଳ ବ୍ଲକରେ ଗୋଟିଏ ପ୍ରକଳ୍ପକୁ ମଂଜୁରୀ ଦିଆଯାଇ କାର୍ଯ୍ୟ ଚାଲୁଅଛି । ସେହିପରି ଗ୍ରାମାଂଚଳ ପାର୍କ ଯୋଜନାରେ ହରଭଙ୍ଗା ଓ କଂଟାମାଳ ବ୍ଲକରେ ଗୋଟିଏ ଲେଖାଏଁ ପ୍ରକଳ୍ପକୁ ମଂଜୁରୀ ଦିଆଯାଇ କାର୍ଯ୍ୟ ଚାଲୁଅଛି । ଗ୍ରେଡ ୧ ରାସ୍ତା ଉନ୍ନତିକରଣ ଯୋଜନାରେ ବର୍ତମାନ ସୁଦ୍ଧା ବୌଦ୍ଧ ବ୍ଲକରେ ୨୧ ଗୋଟି ହରଭଙ୍ଗା ବ୍ଲକରେ ୨ ଗୋଟି ଓ କଂଟାମାଳ ବ୍ଲକରେ ୭ ଗୋଟି ଏହିପରି ମୋଟ ୩୦ ଗୋଟି ପ୍ରକଳ୍ପ କାର୍ଯ୍ୟ ଚାଲୁରହିଛି । ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଏପର୍ଯ୍ୟନ୍ତ ୯୨୮୦ ଗୋଟି ଗୃହ ନିର୍ମାଣ ପାଇଁ ଲକ୍ଷଧାର୍ଯ୍ୟ କରାଯାଇଥିବାବେଳେ ସେଥିମଧ୍ୟରୁ ୮୭୭୧ ଗୋଟି ଗୃହ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି । ବୈଠକରେ ଆଲୋଚନା ପାଇଁ ସମସ୍ତ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଉନଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦର ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ଗ୍ରାମ୍ୟଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅଶ୍ୱିନୀ କୁମାର ମେହେରଙ୍କ ସମେତ ସମସ୍ତ ଜିଲ୍ଲା ପରିଷଦର ସଭ୍ୟସଭ୍ୟା ବ୍ଲକ ଅଧକ୍ଷ ଅଧକ୍ଷା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ମେସିନ୍ କରୁଛି ମନରେଗା କାମ : ଶ୍ରମିକ ଯାଉଚି ଦାଦନ

ବଲାଙ୍ଗିର ,୧୩/୦୫ (ନି.ପ୍ର): ଦାଦନ ପେଟକୁ ଦାନା ଦେବାକୁ କେନ୍ଦ୍ର ସରକାର ମନରେଗା ଯୋଜନାରେ କୋଟି କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଉଛନ୍ତି । ଏଥିରେ ମେସିନକୁ ବାରଣ କରି କେବଳ ଶ୍ରମିକ କାମ କରିବେ ବୋଲି କଡ଼ାକଡ଼ି ନିୟମ କରିଛନ୍ତି । ହେଲେ ଦେଓଗାଁ ବ୍ଲକ୍ ଅଂଚଳରେ ନିୟମକୁ ବିଭିନ୍ନ ବିଭାଗ ଫୁ କରି ଉଡ଼ାଇ ଦେଉଥିବାର ଅଭିଯୋଗ ହେଉଛି । ଶ୍ରମିକ ବଦଳରେ ମେସିନ ବ୍ୟବହାର କରି କାମ କରୁଛନ୍ତି । ଅନ୍ୟପକ୍ଷରେ ଜିଆସ୍‌ଙ୍କୁ ଏ ସଂପର୍କରେ କିଛି ଜଣା ନଥିବା ବେଳେ ଗାଁ ସାଥୀ ଜବ୍‌କାର୍ଡ ଖୋଜୁଥିବା ଆଲୋଚନା ହେଉଛି । ଅଭିଯୋଗ ଅନୁସାରେ, ୨୦୨୦/୨୧ଆର୍ଥିକ ବର୍ଷରେ ବ୍ଲକ୍‌ର ଧଣ୍ଡାମାଳ, ସିକୁଆଁ, ମହଲାଇ, ଗାଇବାହାଲ ପଂଚାୟତରେ ପୋଖରୀ ଖନନ କାମ ଚାଲିଛି । କେଉଁ ପ୍ରକଳ୍ପକୁ ୧ଲକ୍ଷ ୨୦ହଜାରତ ପୁଣି କେଉଁ ପ୍ରକଳ୍ପକୁ ୧ ଲକ୍ଷ ୭୦ ହଜାର ଟଙ୍କାର ଅନୁଦାନ ମିଳିଛି । ହେଲେ ସମସ୍ତ ପ୍ରକଳ୍ପରେ ଶ୍ରମିକ ବଦଳରେ ମେସିନ ଲଗାଇ କାମ କରାଯାଉଛି । ଚାଷୀ ପୋଖରୀଟିଏ ପାଇବ ବୋଲି ଜମିରୁ ମାଟି ଖୋଳି ଦେଉଥିବା ବେଳେ କାମ ତଦାରଖ କରୁଥିବା ନେଇ କିଛି ଠିକାଦାରଙ୍କୁ ହାତ କରି ମେସିନରେ କେବଳ ୮୦ଘଂଟାର କାମ କରାଇ ବିଲ୍ ଭାଉଚର କରାଉଥିବା କାମ କରିବାକୁ କହିଲେ ବାରଣ କରୁଛନ୍ତି । ତମେ ଜାଗା ଦିଅ ଆମେ ୮୦ଘଂଟାରେ ପୋଖରୀ ଖୋଳିଦେବୁବୋଲି ଜବ୍‌କାର୍ଡ ମାଗୁଛନ୍ତି ବୋଲି ଅଭିଯୋଗ ହେଉଛି । ପୂର୍ବରୁ ମଧ ଫାର୍ମପଣ୍ଡ ଖନନରେ ଅନିୟମିତତା କରାଯାଉଥିବା ଅଭିଯୋଗ ହେଉଥିଲା । ହେଲେ କେହି ଶୁଣୁନଥିଲେ । ବନ୍ଧପଡ଼ା, ରାମଚନ୍ଦ୍ରପୁର, ଡୁମେରପିଟା, କୁଲତାପଡ଼ା, ବ୍ରାହ୍ମଣୀଯୋର ପଂଚାୟତରେ ଫାର୍ମପଣ୍ଡ ଖନନରେ ଚାଷୀ ଚିହ୍ନଟରେ ଅନିୟମିତତା ହୋଇଥିବାର ଅଭିଯୋଗ ହେବା ସହ ବିଭିନ୍ନ ପ୍ରକଳ୍ପ ଅଧାପନ୍ତରିଆ ପଡ଼ିଥିଲେ ମଧ ସମ୍ପୂର୍ଣ୍ଣ ହୋଇସାରିଛି ବୋଲି ଦେଖାଇ ବିଲ୍ କରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି । ଫାର୍ମପଣ୍ଡ ଯୋଜନାରେ କେତେ ଚାଷୀ ଉପକୃତ ହୋଇଛନ୍ତି, କେତେ ପ୍ରକଳ୍ପ ଆସିଛି ସେ ବିଷୟରେ ଉପରିସ୍ଥ ଅଧିକାରୀମାନଙ୍କୁ ଯୋଗାଯୋଗ କଲେ ମଧ ତଥ୍ୟ ଦେବାକୁ ନାରାଜ ହେଉଛନ୍ତି । ଫଳରେ ଯୋଜନାର କାର୍ଯ୍ୟକାରିତାକୁ ନେଇ ସନ୍ଦେହ ପ୍ରକାଶ ପାଉଛି । ବିଭିନ୍ନ ପଂଚାୟତରେ ହେଉଥିବା କାମକୁ ନେଇ ସରପଂଚ, ଇଓ ଏବଂ ଜିଆର୍ ଏସ୍‌ଙ୍କୁ ପଚାରିଲେ କାମ ବିଷୟରେ ସେମାନଙ୍କ ପାଖରେ କିଛି ସୂଚନା ନାହିଁ ବୋଲି କହୁଛନ୍ତି । ବ୍ଲକ୍ ମୃତିକା ସଂରକ୍ଷଣ ବିଭାଗ ଜେଇ ପ୍ରକାଶ ନନ୍ଦଙ୍କୁ ପଚାରିବାରୁ ମେସିନ ଲାଗିଥିବା ବିଷୟରେ ଜାଣି ନାହାନ୍ତି, ଏଥିପ୍ରତି ଦୃଷ୍ଟି ଦେବେ ବୋଲି ସେ କହିଥିଲେ । ଜିଲ୍ଲା ପ୍ରଶାସନ ଏ ଦିଗରେ ତଦନ୍ତ କରି ଲୋକଙ୍କ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ।

# ଧର୍ମଶାଳା ରଜ କୁଇନ ୨୦୨୨ ତୃତୀୟ ପର୍ଯ୍ୟାୟ ଚୟନ ନଠୁଆବରଠାରେ ଅନୁଷ୍ଠିତ

ଧର୍ମଶାଳା,୧୩/୦୫ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନିର୍ଦ୍ଦେଶକ୍ରମେ କଳ୍ପତରୁ ଦାସ ନ୍ୟାସନାଲ ଫାଉଣ୍ଡେସନ ତରଫରୁ ଧର୍ମଶାଳା ଗାର୍ଲସ ୱିଙ୍ଗ୍ ତତ୍ୱବଧାନରେ ରଜ କୁଇନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଏହି ପ୍ରତିଯୋଗୀତାରେ ୧୮୨ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି । ତୃତୀୟ ପର୍ଯ୍ୟାୟରେ ୧୪ଜଣଙ୍କୁ ମନୋନୀତ କରାଯାଇଛି । ଧର୍ମଶାଳା ଗାର୍ଲସ ୱିଙ୍ଗ୍ ସଭାପତି କ୍ଷିରାବ୍ଧୀ ତନୟା ମଲ୍ଲିକ୍‌ଙ୍କ ନେତୃତ୍ୱରେ କଳ୍ପତରୁ ଦାସ ନ୍ୟାସନାଲ ଫାଉଣ୍ଡେସନ ପକ୍ଷରୁ ରଜ କୁଇନର ତୃତୀୟ ଜୋନ୍ ସ୍ତରୀୟ ପ୍ରତିଯୋଗିତା ରସୁଲପୁର ବ୍ଲକ ନଠୁଆବର କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୩୪ନଂ ଜୋନର ୯ଗୋଟି ପଂଚାୟତରୁ ୧୮୨ଜଣ ପ୍ରତିଯୋଗି ଅଂଶ ଗ୍ରହଣ କରି ଜୋନ୍ ସ୍ତରକୁ ୧୪ଜଣ ଉନ୍ନୀତ ହୋଇଛନ୍ତି । ପ୍ରତିଯୋଗିତାରେ କେଡିଏମ୍ ର ଉପାଧ୍ୟକ୍ଷ ରଶ୍ମିରଞ୍ଜନ ରାୟ, ବବୁଲ ଖାନ୍ ଓ କସ୍ତୁରୀ ନାୟକ ଜୁରୀ ଭାବେ ବିଚାର କରିଥିଲେ । ଏଥିରେ ନୃତ୍ୟ, ସଙ୍ଗୀତ, ରାମ୍‌ସୋ, ବକ୍ତୃତା ଓ ଏକକ ଅଭିନୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜୋନ ନଂ-୩୪ ଜିଲ୍ଲାପରିଷଦ ମମତା ଖୁଂଟିଆ ରିବନ କାଟି ଉଦ୍‌ଘାଟନ କରିଥିଲେ ।

# ନାବାଳିକାକୁ ଦୁଷ୍କର୍ମ ମାମଲା : ଦୋଷୀକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର,୧୩/୦୫ (ନି.ପ୍ର): ନାବାଳିକାକୁ ଦୁଷ୍କର୍ମ ମାମଲାର ଶୁଣାଣି କରି ଜୟପୁର ଫାଷ୍ଟ ଟ୍ରାକ ସ୍ପେସିଆଲ କୋର୍ଟ ଆଜି ଅଭିଯୁକ୍ତକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ୨୦୧୪ ମସିହା ବିସିଂପୁର ଥାନା ଅନ୍ତର୍ଗତ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ମଣ୍ଡାଗୁଡା ଗ୍ରାମର ବିମଳ ଗୌଡ (୩୦) କୁ ଦଣ୍ଡିତ କରିଛନ୍ତି । ୮ ଜଣ ସାକ୍ଷ୍ୟ ପ୍ରମାଣକୁ ଭିତି କରି ଫାଷ୍ଟ ଟ୍ରାକ ସ୍ପେସିଆଲ କୋର୍ଟର ଜଜ ପ୍ରଦିପ କୁମାର ସାସମଲ ଶୁଣାଣି କରିଛନ୍ତି । ଅଭିଯୁକ୍ତକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଆର୍ଥିକ ଜୋରିମାନାରେ ଦଣ୍ଡିତ କରାଯାଇଛି । ଅର୍ଥ ଅନାଦୟ ହେଲେ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି କୋର୍ଟ ତାଙ୍କ ରାୟ ଦେଇଛନ୍ତି । ସରକାରଙ୍କ ତରଫରୁ ଜିଲା ଆଇନ ସେବା ପ୍ରାଧିକରଣ ମାଧମରେ ପିଡିତାଙ୍କୁ ୧ ଲକ୍ଷ ଟଙ୍କା ଦେବାକୁ ନିର୍ଦେଶ ଦେଇଛନ୍ତି କୋର୍ଟ । ବିବାହର ପ୍ରଲୋଭନ ଦେଖାଇ ଅଭିଯୁକ୍ତ ବିମଳ ନାବାଳିକାକୁ ୮ ମାସ ଦୁଷ୍କର୍ମ କରିଥିବା ବେଳେ ପୀଡିତା ଗର୍ଭବତି ହେବାପରେ ଏହି କଥା ପରିବାର ଲୋକେ ଓ ଗ୍ରାମବାସୀ ଜାଣିଥିଲେ । ପରବର୍ତି ସମୟରେ ମୃତ ଶିଶୁ ଜନ୍ମ ହେବାରୁ ତାକୁ ନଦୀରେ ଫିଙ୍ଗି ଦେଇଥିଲେ । ଶେଷରେ ନାବାଳିକା ବିସିଂପୁର ଥାନାରେ ୨୩.୭.୨୦୧୪ ରେ ଅଭିଯୋଗ କରିଥିଲେ। ଅଭିଯୋଗ କୁ ଭିତି କରି ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାକୁ ସରକାରୀ ଓକିଲ ବି. ଗାୟତ୍ରୀ ଦେବି ପରିଚାଳନା କରିଥିଲେ ।

# ଏବେବି ଗାଡ଼ିଆ ପାଣି ପିଉଛନ୍ତି ଜିଲ୍ଲା ସଦର ମହକୁମାବାସୀ

ମାଲକାନଗିରି ,୧୩/୦୫ (ନି.ପ୍ର): ସାଧାରଣ ଜନତାଙ୍କ ଶୋଷ ମେଣ୍ଟେଇବା ନିମନ୍ତେ ସରକାରୀ ସ୍ତରରେ ଜଳ ଯୋଗାଣର ଅନେକ ଯୋଜନା ରହିଛି । କିନ୍ତୁ ମାଲକାନଗିରି ଜିଲ୍ଲାରେ ତାହା କେବଳ ନଥି ପତ୍ର ଭିତରେ ହିଁ ସୀମିତ ରହିଯାଇଛି । ଜିଲ୍ଲା ସଦର ମହକୁମା ଠାରେ ମୁନ୍ଦେ ଜଳ ପାଇଁ ଲୋକେ ନିର୍ଭର କରୁଛନ୍ତି ଅପରିଷ୍କାର ଗଡ଼ିଆ ପାଣି ଉପରେ । ସାଧାରଣ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ କେତେ କଣ ଯୋଜନା କରିଛନ୍ତି । ରାଜ୍ୟ ସରକାର ବସୁଧା ଯୋଜନା ମାଧମରେ ଘରେ ଘରେ ଜଳ ଯୋଗାଣ କରିବା ନିମନ୍ତେ ଅଣ୍ଟା ଭିଡିଛନ୍ତି । କିନ୍ତୁ ମାଲକାନଗିରି ଜିଲ୍ଲାରେ ଲୋକେ ଏବେ ବି ଗାଡ଼ିଆ ଓ ଚୁଆ ପାଣି ଉପରେ ନିର୍ଭର କରୁଛନ୍ତି । ଜିଲ୍ଲାର ଉପାନ୍ତ ଅଞ୍ଚଳରେ ଲୋକେ ପାନୀୟ ଜଳ ତଥା ବ୍ୟବହାର ନିମନ୍ତେ ନଦୀ ନାଳ ରେ ଚୁଆ କରି ବ୍ୟବହାର କରୁଥିବା ବହୁ ଜାଗାରେ ରହିଛି । ସଦର ମହକୁମା ସ୍ଥିତ ତାରିଣୀ ମନ୍ଦିର ସାହିରେ ଦୀର୍ଘ ଦିନ ହେବ ଲୋକେ ଚୁଆପାଣି ବ୍ୟବହାର କରୁଛନ୍ତି ଯାହାଫଳରେ ନାନା ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ , କିନ୍ତୁ ବିଭିନ୍ନ ବାହାନା ଦେଖାଇ ଲୋକଙ୍କ ସମସ୍ୟାକୁ ଏଡାଇ ଦେଇ ଚାଲିଛନ୍ତି , ନିକଟ ଅତୀତରେ ପୌର ନିର୍ବାଚନ ସରିଛି । ନିର୍ବାଚନ ପୂର୍ବରୁ ବିଭିନ୍ନ ରାଜନୀତିକ ଦଳ ମନେ ପୁଳା ପୁଳା ପ୍ରତିଶ୍ରୁତି ଦେଇଥିଲେ , ଏବେ ସବୁ ସତେ ଯେମିତି ଏହି ନିରୀହ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ଯେପରି ପାଣି ଫୋଟକା ହୋଇ ଯାଇଛି । ବସ୍ତିରେ ବାସ କରୁଥିବା ୫୦ ପରିବାର ସମସ୍ତେ ଖଟିଖିଆ ଶ୍ରେଣୀର , ଏଠାରେ ଗୋଟିଏ ହିଁ ନଳକୂପ ରହିଛି ,କିନ୍ତୁ ସେଠାରୁ ବାହାରୁଥିବା ପାଣି ବ୍ୟବହାର ଯୋଗ୍ୟ ହେଇପାରୁନି । ସେଥିପାଇଁ ଲୋକେ ପାହାଡ଼ ତଳେ ଏକ ଚୁଆ ଖୋଳି ବର୍ଷସାରା ସେଇ ପାଣି ବ୍ୟବହାର କରୁଛନ୍ତି , ଫଳରେ ବିଭିନ୍ନ ରୋଗ ବ୍ୟାଧିରେ ପୀଡିତ ହେଉଛନ୍ତି ।

# ସିକଲିନ ରୋଗୀ ପାଇଁ ରକ୍ତ ଯୋଗାଡ଼ କଲେ ପୂର୍ବତନ ବିଧାୟକ

ମାଲକାନଗିରି ,୧୩/୦୫ (ନି.ପ୍ର): ମାଲକାନଗିରି ସଦର ମହକୁମା ସତିଗୁଡା ଡ୍ୟାମ ସାଇଡର ସୁବର୍ଣ୍ଣା ଖରା ବୟସ ୪୦ ସିକଲିନ ରୋଗରେ ପୀଡ଼ିତ ହୋଇ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଉ ଥିଲେ । ତେବେ ସେଠାରେ ଚିକିତ୍ସା ଧୀନ ଅବସ୍ଥାରେ ତାଙ୍କୁ ରକ୍ତର ଆବଶ୍ୟକତା ହୋଇ ପଡ଼ିଥିବା ବେଳେ ରକ୍ତ ଭଣ୍ଡାର ରେ ରକ୍ତ ଅଭାବ ଯୋଗୁଁ ସୁବର୍ଣ୍ଣାଙ୍କୁ ରକ୍ତ ମିଳି ପାରି ନଥିଲା । ଏହି ଖବର ମାଲକାନଗିରି ଜୀବନ ବିନ୍ଧୁ ସଂଯୋଯୋଗ ତଥା ପୂର୍ବତନ ବିଧାୟକ ମାନସ ମାଡକାମି ଜାଣିବା ପରେ ତୁରନ୍ତ ସେ ବିଜୁ ଜନତା ଦଳର କର୍ମୀ ତଥା ସମାଜସେବୀ କେ.ରାହୁଲ ଙ୍କୁ ଯୋଗାଯୋଗ କରି ରକ୍ତଦାତା ଯୋଗାଡ଼ କରିବାକୁ କହିଥିଲେ ! ରିକ୍ଲାମେସନ କଲୋନୀର ମନହର ସୁନାନୀ ନାମକ ଜଣେ ଯୁବକଙ୍କୁ ଯୋଗଯୋଗ କରି ରକ୍ତର ବ୍ୟବସ୍ଥା କରାଇଥିଲେ । ଏହି ଅବସରରେ ତିରୁପତି ରେଡ୍ଡୀ ଉପସ୍ଥିତ ରହି ରକ୍ତଦାତା ଙ୍କ ମନୋବଳ ବଢ଼ାଇଥିଲେ ।

# ପ୍ରଧାନଶିକ୍ଷକଙ୍କ ଶ୍ରାଦ୍ଧବାର୍ଷିକ ଓ ସ୍ମୃତିଚାରଣ

ପୁରୀ,୧୩/୦୫ (ନି.ପ୍ର): ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବ୍ରହ୍ମପୁର ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ସ୍ୱର୍ଗତଃ ସୁଦର୍ଶନ ଜେନାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଓ ସ୍ମୃତିଚାରଣ ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଓଷ୍ଟାର ରାଜ୍ୟ ସାଧାରଣ ସମ୍ପାଦକ ପ୍ରକାଶଚନ୍ଦ୍ର ମହାନ୍ତି ସଭାପତିତ୍ୱ କରିଥିଲେ । ମତ୍ସ୍ୟ ଓ ପଶୁପାଳନ ବିଭାଗର ସ୍ୱତନ୍ତ୍ର ସଚିବ ସୁମନ ବେହେରା, ସୁରଜମଲ ସାହା ମହାବିଦ୍ୟାଳୟର ପ୍ରାଧ୍ୟାପକ ସୁରେନ୍ଦ୍ର କୁମାର ଜେନା,ପ୍ରାକ୍ତନ ମଣ୍ଡଳ ଶିକ୍ଷାଧିକାରୀ ସୁବାସଚନ୍ଦ୍ର ଜେନା, ଓଷ୍ଟା ପୁରୀଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାଶ, ଓଷ୍ଟାର କୃଷ୍ଣପ୍ରସାଦ ବ୍ଲକ ସମ୍ପାଦକ ନବକିଶୋର ପ୍ରଧାନ,ହରିଶ୍ୱରଦେବ ଧନ୍ଦାମୂଳକ ମହାବିଦ୍ୟାଳୟର ଅଧ୍ୟାପକ ରଞ୍ଜିତ କୁମାର ଜେନା, ସୁବାସଚନ୍ଦ୍ର ମହାପାତ୍ର,ରଘୁନାଥ ପ୍ରସାଦ ହରିଚନ୍ଦନ, ପ୍ରହଲ୍ଲାଦ ଜେନା, ରଘୁନାଥ ଜେନା, ବ୍ରହ୍ମପୁର ପଞ୍ଚାୟତର ସରପଞ୍ଚ ସନ୍ତୋଷ କୁମାର ଜେନା ଓ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ସ୍ୱର୍ଗତଃ ଜେନାଙ୍କ ସ୍ମୃତିଚାରଣ କରିବା ସହ ବିଦ୍ୟାଳୟ ପରିସରରେ ସ୍ୱର୍ଗତଃ ଜେନାଙ୍କ ପ୍ରତିମୂର୍ତ୍ତିକୁ ଅତିଥିମାନେ ପୁଷ୍ପମାଲ୍ୟ ଦେଇ ଅନାବରଣ କରିଥିଲେ । ଏହି ଅବସରରେ ସ୍ୱର୍ଗତଃ ଜେନାଙ୍କ ଜୀବନାବଳି ଉପରେ ଲିଖିତ ପତ୍ରିକା 'ସଜଳ ସ୍ମୃତିର ଉଜ୍ଜଳ ପ୍ରତିଭା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା ।

# ଏମ୍‌ପି ଭି-୬୫ କେନ୍ଦୁପତ୍ର ଫଡ଼ିରେ ଶିଶୁ ଶ୍ରମିକ ନିୟୋଜିତ ଅଭିଯୋଗ

ମାଲକାନଗିରି ,୧୩/୦୫ (ନି.ପ୍ର): ଜୟପୁର କେନ୍ଦୁ ପତ୍ର ଡିଭିଜନ ଅଧୀନ କାଲିମେଲା ବନାଞ୍ଚଳ ରେ କେନ୍ଦୁ ପତ୍ର କ୍ରୟ ପାଇଁ ପଞ୍ଚାୟତ ଗୁଡିକରେ ୪୦ ହଜାର ଟଙ୍କା ର ବିବିଧ ଆୟ ରସିଦ କାଟି ଜିଲ୍ଲା ତଥା ରାଜ୍ୟ ବାହାରୁ ବହୁ ବେସରକାରୀ ସଂସ୍ଥା କେନ୍ଦୁ ପତ୍ର କିଣୁଛନ୍ତି !ଏହିସବୁ କ୍ରୟ ସଂସ୍ଥା ଗୁଡିକ ବାହାରୁ ଅଳ୍ପ କିଛି ଶ୍ରମିକ ଆଣି ସେମାନଙ୍କ ସହ ଫଡି କରିଥିବା ସ୍ଥାନରେ ନିକଟସ୍ଥ ଗ୍ରାମ ଗୁଡିକର ନାବାଳକ ଶିଶୁ ଶ୍ରମିକମାନଙ୍କୁ ପତ୍ର ଓଲଟାଇ ଶୁଖାଇବା କାମରେ ନିୟୋଜିତ କରୁଥିବା ଅଭିଯୋଗ ହେଉଛି ! ଏ ସମ୍ପର୍କରେ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପରେ ମଧ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ଆଖି ଦୃଶିଆ ପଦକ୍ଷେପ ସଂପୃକ୍ତ କ୍ରୟସଂସ୍ଥା ବିରୋଧରେ ନିଆ ଯାଉ ନଥିବାରୁ ଏଭଳି ଘଟଣା ନିତିଦିନ ଜିଲ୍ଲାର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳୁଛି !ଫଡିରେ କାର୍ଯ୍ୟ କରୁଥିବା ଶିଶୁ ଶ୍ରମିକମାନଙ୍କୁ ୧୦୦ କେରି ପତ୍ର ଓଲଟାଇଲେ ମଜୁରି ବାବଦକୁ ମାତ୍ର ୫ଟଙ୍କା ଲେଖାଏଁ ଦିଆଯାଉଥିବା ଜଣାପଡିଛି ! ଏଥିରେ ସ୍ଥାନୀୟ ମୁନସୀ ଏବଂ କମ୍ପାନି ମ୍ୟାନେଜର ଫାଇଦା ଉଠାଉଥିବା ଅଭିଯୋଗ ହେଉଛି ! ସୂଚନା ଅନୁସାରେ କାଲିମେଲା କେନ୍ଦୁ ପତ୍ର ରେଞ୍ଜ ଅଧୀନ ଟିଗଲ ପଂଚାୟତ ର ଏମ୍ ପି ଭି-୬୫ ,ଖାତା ନମ୍ବର -୫୫୮ ,ପ୍ଲଟ ନମ୍ବର -୧୭୯୦, ରେ ହୋଇଥିବା ଫଡିରୁ ଏମ ଭି -୭୯ଥାନା ଅନ୍ତର୍ଗତ ଲାଛିପେଟା ଗ୍ରାମର ବାହାଦୂର ଟ୍ରେଡିଙ୍ଗ ନାମକ ସଂସ୍ଥା କେନ୍ଦୁପତ୍ର ସଂଗ୍ରହ କରୁଛି ! କେନ୍ଦୁପତ୍ର କେରି ପତ୍ରକୁ ଖରାରେ ଓଲଟାଇ ଶୁଖାଇବା କାର୍ଯ୍ୟରେ ୬ ଜଣ ଶିଶୁ ଶ୍ରମିକ ଆଜି କାମ କରୁଥିବା ଦେଖିବାକୁ ମିଳିଥିଲା ! ସ୍ଥାନୀୟ ମୁନସୀ ଇନ୍ଦ୍ରଜିତ ବୈରାଗୀଙ୍କ ଉପସ୍ଥିତିରେ ୧୦୦ଟି କେରି ଓଲଟାଇଲେ ୫ଟଙ୍କା ଲେଖାଏଁ ଦିଆଯାଉଛିବୋଲି କାମକରୁଥିବା ଶିଶୁ ଶ୍ରମିକମାନେ ପ୍ରକାଶ କରିଥିଲେ ! କାଲିମେଲା ରେଞ୍ଜରେ ଶିଶୁଙ୍କୁ କାମରେ ଲଗାଯାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି !ଏ ସଂପର୍କରେ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ପ୍ରତିଦିନ ଖବର ପ୍ରକାଶ ପାଉଥିଲେ ମଧ ଏ ଦିଗରେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବା ଏବଂ ଫଡି ଗୁଡିକରେ ସାମାନ୍ୟ କିଛି ଟଙ୍କା ଲୋଭ ଦେଖାଇ ଶିଶୁଙ୍କୁ ନିୟୋଜିତ କରାଯାଉଥିବା ଅଭିଯୋଗ ହୋଇଛି ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାପାଇଁ ସାଧାରଣ ରେ ଦାବି ହେଉଛି !

# ଆନ୍ତର୍ଜାତୀୟ ନର୍ସିଂ ଦିବସ ପାଳିତ

ଜୟପୁର ,୧୩/୦୫ (ନି.ପ୍ର): ଜୟପୁର ସ୍ଥିତ ଫ୍ଲୋରେଲନସ ନାଇଟିଙ୍ଗଲ ଏଏନଏମ ତାଲିମ କେନ୍ଦ୍ରରେ ଆନ୍ତର୍ଜାତୀୟ ନର୍ସିଂ ଦିବସ ପାଳିତ ହୋଇଛି । ଅନୁଷ୍ଠାନର ନିର୍ଦ୍ଦେଶକ ଗୌରବ ଭତ୍ରାଙ୍କ ସଭାପତିତ୍ୱରେ ଆନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସି.ଏଚ୍ ଗାୟତ୍ରୀ ସୌଜନ୍ୟା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଶତାବ୍ଦୀ ମିଶ୍ର, ମୁଖ୍ୟ ବକ୍ତା ଭାବେ ନିରୁପମା ଭଞ୍ଜ ଯୋଗଦେଇ ଥିଲେ । ଅନ୍ତର୍ଜାତୀୟ ନର୍ସିଂ ଦିବସର ମୁଳ ପ୍ରସଙ୍ଗ ନର୍ସିଂ ନେତୃତ୍ୱ ନେବାର ଏକ ସ୍ୱର- ନର୍ସିଂବିନିଯୋଗ କରନ୍ତୁ ଏବଂ ବିଶ୍ୱର ସ୍ୱାସ୍ଥ୍ୟ ନିରାପତା ପାଇଁ ଏହାର ଅଧିକାରକୁ ସମ୍ମାନ ଦିଅନ୍ତୁ ଉପରେ ଆଲୋକପାତ କରିଥିଲେ । ନିର୍ଦ୍ଦେଶକ ଗୌରବ ଭତ୍ରା ବାର୍ଷିକ ବିବରଣୀ ପାଠ କରିବା ସହ ସ୍ୱାସ୍ଥ୍ୟ ନିରାପତା ପାଇଁ ଆହ୍ୱାନ ଦେଇଥିଲେ । ଉତ୍ସବ ପ୍ରରମ୍ଭରେ ଅତିଥି ମାନଙ୍କ ଦ୍ୱାରା ଫ୍ଲୋରେନସ ଲାଇଟିଙ୍ଗଲଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା । ଗତ ଦିନରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ତାଲିମ ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । କେନ୍ଦ୍ରର ଅଧକ୍ଷା ଶୁଭଶ୍ରୀ ଟାକ୍ରୀ, ଶିକ୍ଷୟତ୍ରୀ ମାରେସିୟା ହିଆଲ ଓ ଅଭିମନ୍ୟୁ ବେନ୍ୟା ଆନୁଷ୍ଠାନିକ କାର୍ଯ୍ୟରେ ସହ ଯୋଗ କରିଥିଲେ । ଶିକ୍ଷୟତ୍ରୀ ଗ୍ରେସୀୟସ ଟାକ୍ରୀ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଭି. ଶ୍ୟାମଳା ବାଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୃହ ନିର୍ମାଣରେ ଶକ୍ତି ସଂରକ୍ଷଣ ବ୍ୟବସ୍ଥା ଉପରେ ତାଲିମ୍ ଶିବିର

ଛତ୍ରପୁର,୧୩/୦୫ (ନି.ପ୍ର): ଓଡିଶା ସରକାରଙ୍କ ଶକ୍ତି ବିଭାଗ ତରଫରୁ ଗୃହ ନିର୍ମାଣରେ ଶକ୍ତି ସଂରକ୍ଷଣ ବ୍ୟବସ୍ଥା ଉପରେ ଇଂ. ଅଶୋକ ନନ୍ଦ ଓ ତାରକେଶ ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଏକ ଦୁଇ ଦିନିଆ ତାଲିମ୍ ଶିବିର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ତାଲିମ୍ ଶିବିରକୁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଦେ ଦତାତ୍ରେୟ ଭାଉ ସାହେବ ଉଦଘାଟନ କରି କହିଥିଲେ ଯେ, ଶକ୍ତି ହିଁ ଜୀବନ । ଆଜିକା ଦିନରେ ଅକ୍ଷୟ ଶକ୍ତିର ସୁବିନିଯୋଗ ହୋଇପାରିଲେ କ୍ଷୟ ଶକ୍ତିକୁ ଆଗାମୀ ପିଢ଼ୀଙ୍କ ସକାଶେ ସଂଚୟ ହୋଇ ପାରିବ । ତେଣୁ ଏହାର ସୁବିନିଯୋଗ ଓ ସଂରକ୍ଷଣ କରିବା ଉଚିତ୍ । ଶକ୍ତି ସଂରକ୍ଷଣ ଉପରେ ସମସ୍ତେ ଗୁରୁତ୍ୱ ଦେବା ସହ ଏହାର ଖର୍ଚ୍ଚକୁ କମାଇବା ଉପରେ ଗୁରୁତ୍ୱ ଦେବା ଉଚିତ୍ । ମାଷ୍ଟର ଟ୍ରେନର୍ ରାଣା ପ୍ରତାପ ପୋଦ୍ଦାର ଏବଂ ଜେ.କେ.ବ୍ୟାସ ବୃହତର କୋଠା ବା ଅଟ୍ଟାଳିକା ଗୁଡିକର ନିର୍ମାଣ ଶୈଳୀ ଏବଂ ଏହାର ଡିଜାଇନ୍ ସମୟରେ କିପରି ଅନେକ ପ୍ରକାର ବ୍ୟବସ୍ଥା କରାଯାଇ ଶକ୍ତି ସଂରକ୍ଷଣ କରାଯାଇ ପାରିବ ସେ ବିଷୟରେ ସୁବିସ୍ତୃତ ଭାବେ ତାଲିମ୍ ପ୍ରଦାନ କରିଥିଲେ । ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟର ବ୍ୟୁରୋ ଅଫ୍ ଏନର୍ଜି ଏଫ୍.ସି.ଏନ୍.ସି. ର ଶକ୍ତି ଉର୍ଜା, ଏନର୍ଜି କଞ୍ଜରଭେସନ୍ ବିଲ୍ଡିଂ କୋଡ୍-୨୦୧୭, ଶକ୍ତି ସଂରକ୍ଷଣ ନିୱାସ ସଂହିତା(ଇସିବିସି) ବିଷୟରେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ । ବିଭିନ୍ନ ଅକ୍ଷୟ ଉତ୍ସରୁ ମିଳୁଥିବା ଶକ୍ତିର ସୁବିନିଯୋଗ ଓ ସଂରକ୍ଷଣ ନକଲେ ଆଗାମୀ ଦିନରେ ବହୁ ଅସୁବିଧାର ସମ୍ମୁଖୀନ ହେବା ବୋଲି ଅତିରିକ୍ତ ଜିଲ୍ଲାପାଳ ଲୀନା କୁମାରୀ ଖେସ୍ କହିଥିଲେ । ଶକ୍ତି ବିଭାଗ ତରଫରୁ ଇଂ. ଅଶୋକ ନନ୍ଦ ଅନୁରୋଧ କରିଛନ୍ତି ଯେ, ନିଜ ଗୃହ ନିର୍ମାଣ କରିବା ପୂର୍ବରୁ ମୋବାଇଲ୍ ନଂ ୯୪୩୭୩୦୩୫୪୮ ସହିତ ଯୋଗାଯୋଗ କଲେ ଶକ୍ତି ସଂରକ୍ଷଣ ଦିଗରେ ଗୃହ ନିର୍ମାଣର ଢାଂଚା କିପରି କରାଗଲେ ଗୃହ ମଧକୁ ଅନାୟାସରେ ବାୟୁ ଚଳାଚଳ କରିପାରିବ ସେ ସମ୍ପର୍କରେ ଅବଗତ କରାଇ ପାରିବେ ।

# ବୌଦ୍ଧ ଜିଲ୍ଲାର ଶହ ଶହ ନିରୀହ ଚାଷୀଙ୍କ ଫାର୍ମ ପଣ୍ଡ ଖାଇଗଲେ ସରକାରୀ ବାବୁ

ବୌଦ୍ଧ,୧୩/୦୫ (ନି.ପ୍ର): ବୌଦ୍ଧ ଜିଲାରେ ଜଳଛାୟା ମିଶନରେ ଚାଲିଥିବା ଦୁର୍ନୀତିର ତାଲିକା ପ୍ରତିଦିନ ଲମ୍ବା ହେବାରେ ଲାଗିଛି । କେଉଁଠି ଶ୍ରମିକ ବଦଳରେ ମେସିନ କାମ କରୁଛି ତ ଆଉ କେଉଁଠି ଦଲାଲ ମାନେ ରାତି ଅଧିଆ ଫାର୍ମ ପଣ୍ଡ ଖୋଳିବାରେ ଲାଗିଛନ୍ତି । ଏବେ ଫାର୍ମ ପଣ୍ଡ ଖନନ ନକରି ସରକାରୀ ବାବୁ ସମ୍ପୂର୍ଣ୍ଣ ବିଲ ଉଠାଇ ନେଇ ଚଳୁ କରି ଦେଇଛନ୍ତି । ଚାଷୀଙ୍କ ଫସଲ ସୁରକ୍ଷା ପାଇଁ ଚାଷ ଜମିରେ ଫାର୍ମ ପଣ୍ଡ କରିବା ପାଇଁ ମନେରଗା ଯୋଜନାରେ ଟଙ୍କା ଯୋଗାଇ ଦେଉଛନ୍ତି ସରକାର । ହେଲେ ଦୁର୍ନିତିଖୋର ଅଧିକାରୀଙ୍କ ଯୋଗୁଁ ବାଟବଣା ହେଉଛି ସରକାରଙ୍କ ଏସବୁ ଯୋଜନା । ଯୋଜନା ନାଁରେ ସରକାରୀ ଅର୍ଥକୁ ଖୋଲାଖୋଲି ଆତ୍ମସାତ କରୁଛନ୍ତି ସରକାରୀ ବାବୁ । ଏପରି ଏକ ଘଟଣା ଦେଖିବାକୁ ମିଳିଛି ବୌଦ୍ଧ ଜିଲ୍ଲା କଂଟାମାଳ ବ୍ଲକ ଖଟଖଟିଆ ପଂଚାୟତ ଅନ୍ତର୍ଗତ ଶଙ୍କରପୁର ଗ୍ରାମରେ । ବୌଦ୍ଧ ଜିଲ୍ଲା କଂଟାମାଳ ବ୍ଲକ ଖଟଖଟିଆ ଗ୍ରାମପଂଚାୟତ ଅନ୍ତର୍ଗତ ଶଙ୍କରପୁର ଗାଁର ହିତାଧିକାରୀ ଲଳିତ ପଧାନ ଗତ ଏକ ବର୍ଷ ହେଲା ଅପେକ୍ଷା କରିଛନ୍ତି କେବେ ସମ୍ପୂର୍ଣ୍ଣ ହେବ ତାଙ୍କ ଫାର୍ମ ପଣ୍ଡ । ତାଙ୍କ ଫାର୍ମ ପଣ୍ଡ ଖନନରେ ୧ ଲକ୍ଷ ୩୨ ହଜାର ୮୭୦ ଟଙ୍କା ଖର୍ଚ୍ଚ ହୋଇଛି । ଆଉ ଏହାକୁ ଖନନ କରିବାକୁ ୧୦୯ ଜଣ ଶ୍ରମିକ ନିୟୋଜିତ ହୋଇଥିବାବେଳେ ୬୪୨ ଦିନର ଶ୍ରମ ଦିବସ ସୃଷ୍ଟି ହୋଇଥିବା ଉଲ୍ଲେଖ ରହିଛି । ମାତ୍ର ନା ନିୟୋଜିତ ହୋଇଛନ୍ତି ଶ୍ରମିକ ନା ସୃଷ୍ଟି ହୋଇଛି ଶ୍ରମ ଦିବସ , ନା ଲଳିତ ପାଇଛନ୍ତି ତାଙ୍କ ସମ୍ପୂର୍ଣ୍ଣ ଫାର୍ମ ପଣ୍ଡ । ଜଳଛାୟା ଅଧିକାରୀ ସହସ୍ରାଂସୁ ମିଶ୍ର ସମସ୍ତ ବିଲ ଟଙ୍କା ଉଠାଇ ନେଇ ଏବେ ଧରା ଦେଉନଥିବା ଅଭିଯୋଗ ହୋଇଛି । କୃଷି ଓ କୃଷକଙ୍କ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅନେକ ଯୋଜନା ରହିଛି । ବିଶେଷକରି ଚାଷୀଙ୍କ ଫସଲ ସୁରକ୍ଷା ପାଇଁ ଚାଷ ଜମିରେ କିଭଳି ଫାର୍ମ ପଣ୍ଡ ଖୋଳାଯିବ ସେନେଇ ମନେରଗା ଯୋଜନାରେ ଟଙ୍କା ଯୋଗାଇ ଦେଉଛନ୍ତି ସରକାର । କେବଳ ସେତିକି ନୁହେଁ ଏହି ଯୋଜନା ମାଧ୍ୟମରେ ଶ୍ରମିକମାନେ ମଧ ୧୦୦ ଦିନର ନିଶ୍ଚିତ କର୍ମ ନିଯୁକ୍ତି ପାଇବାର ସୁଯୋଗ ରହିଛି । ହେଲେ ଅନେକ ସମୟରେ ଦୁର୍ନିତିଖୋର ଅଧିକାରୀଙ୍କ ଯୋଗୁଁ ବାଟବଣା ହେଉଛି ସରକାରଙ୍କ ଏସବୁ ଯୋଜନା । ଫଳରେ ନା ଉପକୃତ ହେଉଛନ୍ତି ଚାଷୀ ନା ଉପକୃତ ହେଉଛନ୍ତି ଶ୍ରମିକ । ଯୋଜନା ନାମରେ ସରକାରୀ ଅର୍ଥକୁ ଖୋଲାଖୋଲି ଆତ୍ମସାତ କରୁଛନ୍ତି ସରକାରୀ ବାବୁ । କେବଳ ଲଳିତ ପଧାନଙ୍କ ଫାର୍ମ ପଣ୍ଡ ନୁହେଁ । ବୌଦ୍ଧ ଜିଲ୍ଲା କଂଟାମାଳ ବ୍ଲକରେ ଅନେକ ହିତାଧିକାରୀଙ୍କ ଫାର୍ମ ପଣ୍ଡର ଅନୁରୂପ ଅବସ୍ଥା । ଶଙ୍କରପୁର ଗାଁର କୁଳମଣୀ କ୍ଷେତୀ, ରେଙ୍ଗାଲି ଗାଁର ବାବୁଲି ନାଗ, ମାଧ ସେଠୀଙ୍କ ଭଳି ଅନେକ ହିତାଧିକାରୀଙ୍କ ଅବସ୍ଥା ସମାନ ବୋଲି ଜାଣିବାକୁ ମିଳିଛି । ବ୍ଲକର ଅନେକ ଗାଁରେ ଏହିଭଳି ଫାର୍ମ ପଣ୍ଡ ଖନନ ନାଁରେ ଅର୍ଥ ଆତ୍ମସାତ ହୋଇଥିବା ଅଭିଯୋଗ ହେଉଛି ।

# ବିଗୁଡୁଛି ଜଳବାୟୁ




**ଏଇ କିଛିବର୍ଷ ହେବ ପରିସ୍ଥିତି ଏଭଳି ହୋଇଛି ଯେ ମଣିଷ ବର୍ଷାଟିକେ ପାଇଁ ଅପେକ୍ଷା କରୁଛି 'ଲଘୁଚାପ' ଉପରେ । ଶୀତଦିନେ ଯେଉଁଠି ପାଗ ଶୁଖିଲା ରହିବା କଥା ସେଠାରେ ନାହିଁ ନଥିବା ବର୍ଷା ଏବଂ ଶୀତଦିନେ ଶୀତ ବଦଳରେ ରାଜ୍ କରୁଛି ଅସହ୍ୟ ଗୁଳୁଗୁଳି । ଏଥିରୁ ଗୋଟିଏ କଥା ପ୍ରତୀୟମାନ ଯେ ଯାହା ଯେତେବେଳେ ହେବାକଥା ତାହା ହେଉନାହିଁ । ଏହାର ସବୁଠୁ ବଡ଼ ପ୍ରଭାବ ପଡୁଛି ଚାଷବାସ ଉପରେ । ମଣିଷ ତ ସବୁ ସିଜନକୁ ନେଇ ନିଜକୁ ଆଡଜଷ୍ଟ କରିନେଉଛି କିନ୍ତୁ ପରିବେଶ ଯେ ଦିନକୁ ଦିନ ବିଗିଡ଼ିଯାଉଛି ଏକଥାକୁ ଅସ୍ୱୀକାର କରାଯାଇପାରେନା । ଏଇ ବିଗୁଡୁଥିବା ଜଳବାୟୁର ପ୍ରଭାବରୁ ସ୍ୱାସ୍ଥ୍ୟ ଓ ପରିବେଶ ଉପରେ କଣ ସବୁପ୍ରଭାବ ପଡୁଛି ତାକୁ ନେଇ ଆଜିର ଉପସ୍ଥାପନା ।**

ଏବେ ପୃଥିବୀର ତାପମାତ୍ରା ପ୍ରାୟ ୧୫ ଡିଗ୍ରୀ ସେଲସିୟସ । ପୂର୍ବାପେକ୍ଷା କେତେ ବଢ଼ିଛି କେତେ କମିଛି ତାହା ବଡ଼କଥା ନୁହେଁ କିନ୍ତୁ ଜଳବାୟୁରେ ହଠାତ୍ ବହୁତ ବଡ଼ ପରିବର୍ତ୍ତନ ଆସିବାରେ ଲାଗିଛି । ଋତୁ ବଦଳିଥାଏ ସତ କିନ୍ତୁ ଯେଉଁ ଢଙ୍ଗରେ ବଦଳିବା କଥା ତାହା ସେପରି ବଦଳୁନାହିଁ । ଦିନକୁ ଦିନ ପରିବେଶ ଅଧିକରୁ ଅଧିକ ଉତ୍ତପ୍ତ ହୋଇଚାଲିଥିବା ବେଳେ ଶୀତଦିନର ଅବଧି ଦିନକୁ ଦିନ ଖୁବ୍ ଛୋଟ ହୋଇଯାଉଛି । ଖାଲି ଯେ ଭାରତରେ ଏସବୁ ଘଟୁଛି ତାହା ନୁହେଁ ବରଂ ବିଶ୍ୱ ସ୍ତରରେ ଏସବୁ ଘଟି ଏବଂ ସମସ୍ତଙ୍କ ଚିନ୍ତାର କାରଣ ପାଲଟିଛି । ଏବେ ମନରେ ପ୍ରଶ୍ନ ଉଠୁଥିବ ଏଭଳି ହେବାର କାରଣ କ'ଣ । ଏକଥା ମଧ ଲୋକମାନେ ଜାଣନ୍ତି ସବୁ 'ଗ୍ରୀନ୍ ହାଉସ ଇଫେକ୍ଟ' । ପୃଥିବୀର ବାତାବରଣ ଯେଉଁଭଳି ଭାବେ ସୂର୍ଯ୍ୟଙ୍କର କିଛି କିରଣକୁ ଗ୍ରହଣ କରିନିଏ ତ ତାକୁ ଗ୍ରୀନ ହାଉସ ଇଫେକ୍ଟ କୁହାଯାଇଥାଏ । ପୃଥିବୀର ଚାରିପଟେ ରହିଛି ଗ୍ରୀନହାଉସ ଗ୍ୟାସର ଏକ ପରସ୍ତ । ଏହି ଗ୍ୟାସରେ କାର୍ବନ ଡାଇଅକ୍ସାଇଡ, ମିଥେନ, ନାଇଟ୍ରସ ଅକ୍ସାଇଡ ମିଶିକି ରହିଛି । ଏହି ପରସ୍ତ ସୂର୍ଯ୍ୟଙ୍କ ଅଧିକ ଉତ୍ତାପକୁ ଗ୍ରହଣ କରିନେଇ ଏହାକୁ ପୃଥିବୀର ସବୁଠି ପହଞ୍ଚାଇଦେଇଥାଏ ଏବଂ ଏହି କିରଣର ପୃଥିବୀ ଉପରେ ପଡ଼ିବା କାରଣରୁ ପୃଥିବୀ ଉତ୍ତପ୍ତ ହୋଇଥାଏ । ଯଦି ଏହି ପ୍ରଭାବ ନରହନ୍ତା ପୃଥିବୀର ତାପମାତ୍ରା ୩୦ ଡିଗ୍ରୀ ସେଲସିୟସରୁ ଅଧିକ ଥଣ୍ଡା ରହନ୍ତା । ଅର୍ଥାତ ଗ୍ରୀନ ହାଉସ ଗ୍ୟାସ ନଥିଲେ ପୃଥିବୀପୃଷ୍ଠରେ ଜୀବନର ସତ୍ତା ନଥାନ୍ତା । ବୈଜ୍ଞାନିକଙ୍କ ଅନୁସାରେ ଆମେମାନେ ବିଭିନ୍ନ କଳାକାରଖାନା ଏବଂ କୃଷିରୁ ଯେଉଁ ଗ୍ୟାସ ବାତାବରଣକୁ ଛାଡୁଛେ (ଯାହାକୁ ବୈଜ୍ଞାନିକ ଭାଷାରେ ଉତ୍ସର୍ଜନ କୁହନ୍ତି) ସେଥିଯୋଗୁ ଗ୍ରୀନହାଉସ ଗ୍ୟାସର ପରସ୍ତ ମୋଟା ହୋଇ ଚାଲିଛି । ଏହି ପରସ୍ତ



ଅଧିକରୁ ଅଧିକ ସୂର୍ଯ୍ୟ କିରଣ ଗ୍ରହଣ କରି ପୃଥିବୀର ତାପମାତ୍ରା ବଢ଼ାଇ ଚାଲିଛି । ଏହାକୁ ଗ୍ଲୋବାଲ ୱାର୍ମିଂ ବା ଜଳବାୟୁ ପରିବର୍ତ୍ତନ କୁହାଯାଇଥାଏ । ଏଥିରେ ସବୁଠୁ ଭୟଙ୍କର ପଦାର୍ଥଟି ହେଉଛି କାର୍ବନ ଡାଇଅକ୍ସାଇଡ, ଯାହାର ମାତ୍ରା ଦିନକୁ ଦିନ ବୃଦ୍ଧିପାଇ ଚାଲିଛି । ବିଶେଷକରି ଜଙ୍ଗଲ କ୍ଷୟ ଯୋଗୁ ଏହି ସମସ୍ୟା ଦିନକୁ ଦିନ ଗୁରୁତର ରୂପ ଧାରଣ କରିଚାଲିଛି । ତା'ଛଡ଼ା ମାନବୀୟ ଗତିବିଧି ଦ୍ୱାରା ମିଥେନ ଏବଂ ନାଇଟ୍ରସ ଅକ୍ସାଇଡ ଉତ୍ସର୍ଜନ ମଧ ବଢ଼ିଯାଇଛି ।

କିନ୍ତୁ କାର୍ବନ ତୁଳନାରେ ଏହାର ମାତ୍ରା ଖୁବ୍ କମ୍ । ୧୭୫୦ରେ ଔଦ୍ୟୋଗିକ କ୍ରାନ୍ତି ପରଠାରୁ କାର୍ବନ ଡାଇଅକ୍ସାଇଡର ସ୍ତର ୩୦ ପ୍ରତିଶତରୁ ଅଧିକ ବଢ଼ିଯାଇଥିବା ବେଳେ ମିଥେନର ସ୍ତର ୧୪୦ ପ୍ରତିଶତରୁ ଅଧିକ ବଢ଼ିଛି । ବାତାବରଣରେ କାର୍ବନ ଡାଇଅକ୍ସାଇଡର ସ୍ତର ଆଠଲକ୍ଷ ବର୍ଷ



ମଧରେ ସର୍ବୋଚ୍ଚ ସ୍ତରରେ ରହିଛି । ଏକ ଆକଳନ ଅନୁସାରେ ଗତ ୧୦୦ ବର୍ଷ ମଧରେ ପୃଥିବୀର ତାପମାତ୍ରା ୦.୮ ଡିଗ୍ରୀ ସେଲସିୟସ ବଢ଼ିଛି । ଏହି ତାପମାତ୍ରା ବୃଦ୍ଧିର ୦.୬ ଡିଗ୍ରୀ ସେଲସିୟସ କେବଳ ଗତ ୩ ଦଶକ ମଧରେ ହିଁ ପରିଲକ୍ଷିତ ହୋଇଛି ।

**କ'ଣ କହେ ଉପଗ୍ରହ ତଥ୍ୟ:**
ଉପଗ୍ରହରୁ ପ୍ରାପ୍ତ ତଥ୍ୟ ଅନୁସାରେ ଗଲା କିଛି କିଛି ଦଶକ ମଧରେ ସମୁଦ୍ରରୁ ଜଳସ୍ତର ବର୍ଷକୁ ୩ ମିଲିମିଟର ବୃଦ୍ଧି ପାଇଛି । ବର୍ଷକୁ ୪ ପ୍ରତିଶତ ବେଗରେ ଗ୍ଲାସିୟର ତରଳିବାରେ ଲାଗିଛି । ଜଳବାୟୁ ପରିବର୍ତ୍ତନର ପ୍ରଭାବ ମନୁଷ୍ୟଙ୍କ ବ୍ୟତୀତ ବଣଜଙ୍ଗଲ ଏବଂ ଜୀବଜନ୍ତୁଙ୍କ ଉପରେ ମଧ ପଡୁଥିବାର ଦେଖିବାକୁ ମିଳୁଛି । ଗଛବୃଛରେ ଫଳ ଫଳିବା ଏବଂ ଫୁଲ ଫୁଟିବାର ମମୟ ମଧ ଧୀରେ ଧୀରେ ବଦଳିଗଲାଣି । ଏଥିସହିତ ପଶୁପକ୍ଷୀମାନେ ମଧ ଜଙ୍ଗଲ ଛାଡ଼ି ସହର କିମ୍ବା ଗାଁ ମଧକୁ ପଶିଆସିଲେଣି ।

**ଭବିଷ୍ୟତରେ କେତେ ବଢ଼ିବ ତାପମାତ୍ରା:**
୨୦୧୩ ଜଳବାୟୁ ପରିବର୍ତ୍ତନ ଉପରେ ଏକ ଆନ୍ତର୍ଜାତୀୟ ସମିତି କମ୍ପ୍ୟୁଟର ମଡେଲିଂ ଆଧାରରେ ସମ୍ଭାବିତ ପରିସ୍ଥିତିର ପୂର୍ବାନୁମାନ କରିଥିଲା । ଏଥିରେ ଗୋଟିଏ ଅନୁମାନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯେ, ୧୮୫୦ ତୁଳନାରେ ଏକବିଂଶ ଶତାବ୍ଦୀ ଶେଷ ଯାଏ ପୃଥିବୀର ତାପମାତ୍ରା ୧.୫ ଡିଗ୍ରୀ ସେଲସିୟସ ବଢ଼ିଯିବ । ଏମିତିକି ଆମେ ଯଦି ଗ୍ରୀନହାଉସ ଗ୍ୟାସ ଉତ୍ସର୍ଜନ ଅଧିକରୁ ଅଧିକ କମ୍ କରିବା ତଥାପି ଜଳବାୟୁ ପରିବର୍ତ୍ତନ ଉପରେ ଏହାର ପ୍ରଭାବ ଦେଖିବାକୁ ମିଳିବ, ବିଶେଷକରି ଗ୍ଲାସିୟର ଉପରେ ।

**କ'ଣ ସବୁ ପ୍ରଭାବିତ ପଡ଼ିବ:**
ପ୍ରକୃତିରେ ଏହାର ପ୍ରଭାବ କ'ଣ ପଡ଼ିବ ତାହା ନିର୍ଣ୍ଣିତ ଭାବେ କହିବା ମୁସ୍କିଲ । କିନ୍ତୁ ଏହାଦ୍ୱାରା ପିଇବା ପାଣି ସମସ୍ୟା ନିର୍ଣ୍ଣିତ ଭାବେ ଉପୁଜିବ । ଏତଦବ୍ୟତୀତ ଚାଷବାସ ମଧ କମ୍ ହୋଇଯିବ । ବନ୍ୟା, ବାତ୍ୟା, ମରୁଡ଼ି ସହିତ ତତଲା ପବନ ବହିବ । ଜଳବାୟୁ ପରିବର୍ତ୍ତନର ସବୁଠୁ ବଡ଼ ପ୍ରଭାବ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଉପରେ ବହୁଳ ଭାବେ ପଡ଼ିବ । ମଣିଷ ଏବଂ ଜୀବଜନ୍ତୁଙ୍କ ଜୀବନ ଉପରେ ମଧ ଏହାର ବଡ଼ ପ୍ରଭାବ ଦେଖିବାକୁ ମିଳିବ । ଏହାଦ୍ୱାରା ଗଛବୃଛଠୁ ଆରମ୍ଭ କରି ଜୀବଜନ୍ତୁଙ୍କ ଯାଏ ବିଲୁପ୍ତ ହେବାର ସମ୍ଭାବନା ସୃଷ୍ଟି ହେବ ।

## ଚାପ ମସ୍ତିଷ୍କର ବୃଦ୍ଧି ହ୍ରାସକାରୀ

ଶୈଶବରେ ମସ୍ତିଷ୍କର ଦ୍ରୁତ ବିକାଶ ଘଟିଥାଏ। ଏହି ସମୟରେ ପିଲାଙ୍କୁ ଘରେ କିମ୍ବା ବିଦ୍ୟାଳୟରେ ଗାଳି ଦେଲେ, ସେମାନଙ୍କ ଉପରେ ଅତ୍ୟଧିକ ବିରକ୍ତ ହେଲେ, ଶାରୀରିକ ଦଣ୍ଡ ଦେଲେ ସମାନଙ୍କ ମସ୍ତିଷ୍କ ଉପରେ ନାନା ନକରାତ୍ମକ ପ୍ରଭାବ ପଡ଼ିପାରେ। ଜର୍ନାଲ ଅଫ୍ ବାୟୋଲୋଜିକାଲ୍ ସାଇକିଆଟ୍ରିରେ ପ୍ରକାଶିତ ତଥ୍ୟ ଅନୁଯାୟୀ, ଆମ ମସ୍ତିଷ୍କ ଅନ୍ତର୍ଗତ ଆମିଗ୍‌ଡାଲା ଓ ହିପୋକାମ୍ପସ୍ ଶୈଶବରେ ଭାବନା ଓ ସ୍ମୃତି ଶକ୍ତି ପ୍ରଖର କରାଇବାରେ ସହାୟକ ହୁଅନ୍ତି। ବୟସ ବଢ଼ିବା ସହ ଉପଯୁକ୍ତ ପରିବେଶ ଓ ଯତ୍ନ ମାଧ୍ୟମରେ ଏ ଦୁଇଟିର ବିକାଶ ଘଟେ। ପିଲାଙ୍କ ଉପରେ ଚାପ ପଡ଼ିଲେ, ଆମିଗ୍‌ଡାଲା ଓ ହିପୋକାମ୍ପସ୍ ଠିକ୍ ଭାବେ ବିକଶିତ ହୋଇପାରନ୍ତି ନାହିଁ। ଦାରିଦ୍ର୍ୟ ଓ ଅବହେଳା ଯୋଗୁଁ ମଧ୍ୟ ପିଲାମାନେ ମନସ୍ତାପରେ ରହନ୍ତି। ପରିଣାମସ୍ୱରୂପ ଆମିଗ୍‌ଡାଲା ଓ ହିପୋକାମ୍ପସ୍‌ର ବିକାଶରେ ବାଧା ସୃଷ୍ଟି ହୁଏ। ତେଣୁ, ପିଲାଙ୍କୁ ଚାପମୁକ୍ତ ରଖାଯିବା ଉଚିତ।



## ମିଠା କିଲୋ ପ୍ରତି ୫୦ ହଜାର

ସ୍ୱାଦିଷ୍ଟ କବାବ ପାଇଁ ଲକ୍ଷ୍ନୌ ସହର ବେଶ ବିଦେଶରେ ସ୍ୱତନ୍ତ୍ର ପରିଚିତି ପାଇଛି । ଅନେକ ହୁଏତ ଜାଣିନଥିବେ ଭାରତର ସବୁଠୁ ଦାମୀ ମିଠା ପ୍ରସ୍ତୁତକାରୀ ସହରରର ମୁକୁଟ ମଧ ଏହା ହାସଲ କରିଛି । 'ଏକ୍‌ଜୋଟିକା' ନାମକ ମିଠାର ମୂଲ୍ୟ ଶୁଣିଲେ ବିଶ୍ୱାସ କରିପାରିବେ ନାହିଁ, କିନ୍ତୁ ଏହା ସତ । ଏହି ମିଠାର ମୂଲ୍ୟ କିଲୋ ପ୍ରତି ୫୦ ହଜାର ଟଙ୍କା । ଲୋକପ୍ରିୟ ମିଠା ଦୋକାନ ଛପ୍ପନ ଭୋଗ ଏହି ମିଠା ପ୍ରସ୍ତୁତ କରେ । ଏହାର ନିର୍ଦ୍ଦେଶକ ରବିନ୍ଦ୍ର ଗୁପ୍ତାଙ୍କ କଠିନ ପରିଶ୍ରମ ପାଇଁ ଏହି ଶୃଙ୍ଖଳା ମିଠା ବିଶ୍ୱ ସ୍ତରରେ ମାନ୍ୟତା ପାଇଛି । ରବିନ୍ଦ୍ର, ତାଙ୍କର ଦୁଇ ଭାଇ ଓ ବାପା ମିଳିତ ଭାବେ ୧୯୯୨ ମସିହାରେ ଏହି ମିଠା ବ୍ୟବସାୟ ଆରମ୍ଭ କରିଥିଲେ । ଏକ୍‌ଜୋଟିକା ମିଠା ବିଶ୍ୱର ବିଭିନ୍ନ ସ୍ଥାନରୁ ସଂଗୃହିତ ୭-୮ଟି ଉପାଦାନରେ ପ୍ରସ୍ତୁତ । ଆମେରିକାରୁ ବ୍ଲୁବେରି, ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆରୁ ମାକାଡାମିଆ, ୟୁରୋପରୁର ହାଜେଲନଟ୍ ଏବଂ ବିଶ୍ୱର ଅନ୍ୟ ସ୍ଥାନମାନଙ୍କରୁ ନିଆଯାଇଥିବା ପାଇନ୍ ନଟ୍, ସାଫ୍ରନ୍ ଓ ମାମ୍ରା ବାଦାମରୁ ଏହି ମିଠା ପ୍ରସ୍ତୁତ । ୨୦୦୭ ମସିହାରେ ଦୀପାବଳି ଉପଲକ୍ଷେ ଦିଲ୍ଲୀର ଜଣେ ବ୍ୟବସାୟୀ ସ୍ୱତନ୍ତ୍ର ମିଠା ପ୍ରସ୍ତୁତ ନିମନ୍ତେ ଅନୁରୋଧ କରିବାରୁ ରବିନ୍ଦ୍ର ଓ ତାଙ୍କ ଟିମ୍ ଏହି ଏକ୍‌ଜୋଟିକା ମିଠା ପ୍ରସ୍ତୁତ ଆରମ୍ଭ କରିଥିଲେ । କେବଳ ଲକ୍ଷ୍ନୌର ସଦର ବଜାର ସ୍ଥିତ ଛପ୍ପନ ଭୋଗ ମିଠା ଦୋକାନରେ ହିଁ ଏକ୍‌ଜୋଟିକା ମିଠା ଉପଲବ୍ଧ । ଏକ୍‌ଜୋଟିକାର ଗୋଟିଏ ବ୍ୟାଚ୍ ପ୍ରସ୍ତୁତ କରିବାକୁ କାରିଗରଙ୍କୁ ୬-୭ ଘଣ୍ଟା ସମୟ ଲାଗେ । ବର୍ଷ ସାରା ଏହା ଉପଲବ୍ଧ ହୋଇଥାଏ । ନିଆରା ପ୍ୟାକିଂ ଯୋଗୁ ଏହାକୁ ନେବାଆଣିବା ଖୁବ୍ ସହଜ ହୋଇଥାଏ । କାଠ ବାକ୍ସରେ ମିଠା ପ୍ୟାକ୍ ହୋଇଥାଏ । ଏହା ଏଭଳି ଭାବେ ଡିଜାଇନ୍ ହୋଇଛି, ଯଦ୍ୱାରା ୨୦-୩୦ ଦିନ ଧରି ମିଠା ତା' ଭିତରେ ସତେଜ ରହିପାରିବ । ଗୋଟିଏ ମିଠାର ଆକାର ୨.୫ ସେମି । ସବୁଠୁ ମଜାଦାର କଥା ହେଉଛି, ଖାଣ୍ଟି ଖାଇବାଯୋଗ୍ୟ ସୁନାକୁ ମିଠା ଉପରେ ଆସ୍ତରଣ ଦିଆଯାଇଛି । ବଡ଼ ବଡ଼ ଉଦ୍ୟୋଗପତିଙ୍କଠାରୁ ଆରମ୍ଭ କରି ବଲିଉଡ୍ ସେଲିବ୍ରିଟିମାନେ ଏହି ମିଠାକୁ ପସନ୍ଦ କରିଛନ୍ତି । ଏପରିକି ନରେନ୍ଦ୍ର ମୋଦି ମଧ ଏହି ନିଆରା ମିଠାକୁ ଖୁବ୍ ପସନ୍ଦ କରିଛନ୍ତି ବୋଲି ଦୋକାନ ମାଲିକ କହିଛନ୍ତି ।



## କୃତ୍ରିମ ହସ ହସୁଛନ୍ତି କି ? ସାବଧାନ ରୁହନ୍ତୁ

ଯଦି କେବେ କାହାକୁ ଦେଖି ମନ ରଖିବା ପାଇଁ ବା କାହାକୁ ଖୁସି କରିବାକୁ କୃତ୍ରିମ ହସ ହସୁଛନ୍ତି, ତା' ହେଲେ ଜାଣି ରଖନ୍ତୁ ଯେ ଆପଣ ମସ୍ତବଡ଼ ଭୁଲ କରୁଛନ୍ତି । କାରଣ କୃତ୍ରିମ ହସ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ ବୋଲି ଗବେଷକମାନେ ଏକ ସନ୍ଧାନରୁ ଜାଣିପାରିଛନ୍ତି। ଏହା ଦ୍ୱାରା ହାର୍ଟ ଉପରେ ପ୍ରଭାବ ପଡ଼ିବା ସହ ସ୍ୱାସ୍ଥ୍ୟଗତ ସମସ୍ୟା ବି ଦେଖାଦେଇଥାଏ । ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ ଜର୍ଣ୍ଣାଲ୍ ଅନୁସାରେ କୃତ୍ରିମ ହସ ହସୁଥିବା ଲୋକମାନଙ୍କ ଆୟୁ କମ୍ ହୋଇଥାଏ । ବସ୍, ଅଟୋରେ ଅଫିସ୍ କିମ୍ବା କୌଣସି ବ୍ୟବସାୟିକ ଅନୁଷ୍ଠାନକୁ ଗଲେ ଆପଣଙ୍କୁ ଅଭିବାଦନ କରିବା ଅବସରରେ ଯେଉଁମାନେ କୃତ୍ରିମ ହସ ହସୁଛନ୍ତି, ସେମାନେ ଜାଣିନାହାନ୍ତି ଯେ ଏହା ସେମାନଙ୍କର ସ୍ୱାସ୍ଥ୍ୟ ପାଇଁ କେତେ ଖରାପ । ଏଣୁ ସବୁବେଳେ ସଜାଗ ରୁହନ୍ତୁ, କୃତ୍ରିମ ହସରୁ ଦୂରେଇ ରୁହନ୍ତୁ। ଯଦି ଆପଣ କାହାକୁ ଦେଖି ସ୍ମିତହାସ୍ୟ ଦେଉଛନ୍ତି, ସ୍ୱାଭାବିକ ଭାବେ ଦିଅନ୍ତୁ । ମାତ୍ର ବାଧ୍ୟବାଧକତାରେ ତାହା କରନ୍ତୁ ନାହିଁ ।



## ୱାଟର କ୍ୟାନନ ସାଲ୍ୟୁଟ୍

**ଯୁଦ୍ଧବିମାନ ରାଫାଲ ଭାରତରେ ପହଞ୍ଚିବା ପରେ ଅମ୍ବାଲା ଏୟାରବେସ୍‌ରେ 'ୱାଟର କ୍ୟାନନ ସାଲ୍ୟୁଟ' ପ୍ରଦାନ କରାଯାଇଥିଲା । ସାରା ପୃଥିବୀରେ ବିମାନକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଏହି ପରମ୍ପରା ପ୍ରଚଳିତ ।**



ବାଦବିବାଦ, ଆଶା ଆଶଙ୍କା ଭିତରେ ଲଢୁଆ ଯୁଦ୍ଧବିମାନ 'ରାଫାଲ' । ୭୦୦୦ କିଲୋମିଟର ଦୀର୍ଘପଥ ଅତିକ୍ରମ କରି ଏହି ବିମାନ ଭାରତୀୟ ବାୟୁସେନାର ଅମ୍ବାଲା ଏୟାରବେସ୍‌ରେ ପହଞ୍ଚିଥିଲା । 'ରାଫାଲ'ର ଉପସ୍ଥିତି ବାୟୁସେନାର ଶକ୍ତିବୃଦ୍ଧି କରିଥିବା ବେଳେ 'ୱାଟର କ୍ୟାନନ ସାଲ୍ୟୁଟ୍' ବା 'ଜଳ ସଲାମି' ସହ ଏହାକୁ ସ୍ୱାଗତ କରାଯାଇଥିଲା । ଅମ୍ବାଲା ଏୟାରବେସ୍‌ରେ ଅବତରଣ କରିବା ପରେ ଗେଟ୍ ନିକଟରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ସ୍ୱତନ୍ତ୍ର ଉପକରଣ ସହାୟତାରେ ପାଣିର ଏକ ସ୍ରୋତ ସୃଷ୍ଟି କରିଥିଲେ । ଆକାଶରେ ଏହି ଜଳସ୍ରୋତ ଅର୍ଦ୍ଧୟ ବୃତ୍ତାକାର ଆକାର ଧାରଣ କରିବା ପରେ ବିମାନଟି ଏହା ମଧ ଦେଇ ଗତି କରିଥିଲା । ଅନେକ ସମୟରେ ୱାଟର ସ୍ୟାଲୁଟ୍ ସମୟରେ ପାଣି ଫୁଆରା ଇନ୍ଦ୍ରଧନୁ ସୃଷ୍ଟି କରି ଆକର୍ଷଣୀୟ ଦେଖାଯାଇଥାଏ । ସାଧାରଣତଃ ସିନିୟର ପାଇଲଟ୍, ଏୟାର ଟ୍ରାଫିକ କଣ୍ଟ୍ରୋଲରଙ୍କ ଅବସର, ଏୟାରପୋର୍ଟରେ କୌଣସି ଏୟାରଲାଇନ୍ସର ପ୍ରଥମ କିମ୍ବା ଶେଷ ଉଡାଣ, ସ୍ୱତନ୍ତ୍ର ଏୟାରକ୍ରଫ୍ଟର ପ୍ରଥମ କିମ୍ବା ଶେଷ ଉଡାଣ ଏବଂ କୌଣସି ସ୍ମୃତିକୁ ରୋମନ୍ଥନ କରିବା ମୁହୂର୍ତ୍ତରେ 'ୱାଟର କ୍ୟାନନ ସାଲ୍ୟୁଟ' ଦିଆଯାଇଥାଏ । ଏହା ଏବେ ବାୟୁସେନାର ପରମ୍ପରା ପାଲଟିଯାଇଛି । ତେଣୁ ଯେତେବେଳେ ବି ଏକ ନୂଆ ବିମାନ ବାୟୁସେନା ସ୍କ୍ୱାଡେନ୍‌ରେ ସାମିଲ ହୁଏ ତାକୁ 'ୱାଟର କ୍ୟାନନ ସାଲ୍ୟୁଟ୍' ଦିଆଯାଇଥାଏ । ଗତ ଜାନୁଆରରୀରେ ତାଞ୍ଜୋରରେ ସୁଖୋଇ-୩୦ ଏମ୍‌କେଆର ଯୁଦ୍ଧବିମାନରେ ବ୍ରହ୍ମୋସ୍ ମିଶାଇଲ ଖଞ୍ଜାଯିବା ପରେ ଏହାର ମାରକ କ୍ଷମତତା ବୃଦ୍ଧି ପାଇଥିଲା । ଏହି ସମୟରେ ମଧ ସୁଖୋଇକୁ 'ୱାଟର କ୍ୟାନନ ସାଲ୍ୟୁଟ୍' ସହ ସମ୍ମାନିତ କରାଯାଇଥିଲା । ଏଥିପୂର୍ବରୁ ୨୦୧୯ରେ ବାୟୁସେନାରୁ 'ମିଗ୍-୨୭'କୁ ବିଦାୟ କରାଯାଇଥିଲା । ସୂଚନାଯୋଗ୍ୟ, 'ମିଗ୍-୨୭' ଭାରତୀୟ ବାୟୁସେନାରେ ଦୀର୍ଘ ୩୪ ବର୍ଷ ଧରି ସେବା ଯୋଗାଇ ଆସୁଥିଲା । କେବଳ ଭାରତ ନୁହେଁ ଆମେରିକା, ଚାଇନା, ବ୍ରିଟେନ ସମେତ ଅନ୍ୟ ଦେଶରେର ମଧ 'ୱାଟର କ୍ୟାନନ ସାଲ୍ୟୁଟ୍' ପରମ୍ପରା ରହିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାୟିତ୍ୱ ଗ୍ରହଣ କରିବା ପରେ ୨୦୧୬ରେ ପ୍ରଥମ ଥର ପାଇଁ ସରକାରୀ ଭାବେ ବିମାନରେ ବସିଥିଲେ । ଏହି ସମୟରେ ତାଙ୍କୁ ମଧ 'ୱାଟର କ୍ୟାନନ ସାଲ୍ୟୁଟ୍' ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ଏହି ଜଳ ସଲାମି ଜାହାଜକୁ ମଧ ଦିଆଯାଇଥାଏ । ସମୁଦ୍ରରେ 'ୱାଟର କ୍ୟାନନ ସାଲ୍ୟୁଟ୍' ପାଇଁ ବୋଟ ସହାୟତାରେର ପାଣି ଛଡ଼ାଯାଇଥାଏ । ଜାହାଜରେ ପ୍ରଥମ ଏବଂ ଅନ୍ତିମ ଯାତ୍ରା ସମୟରେ ହେଉଥିବା ସମାରୋହରେ ମୁଖ୍ୟତଃ ଏପରି ସମ୍ମାନ ପ୍ରଦାନ କରାଯିବା ପରମ୍ପରା ରହିଛି । ବିଶେଷଜ୍ଞଙ୍କ କହିବା କଥା, ଏପରି ସମ୍ମାନ ପ୍ରଥମେ ନୌସେନାରେ ଆରମ୍ଭ ହୋଇଥିଲା । ଏହାପରେ ବାୟୁସେନା, ସ୍ଥଳସେନାଠାରୁ ଆରମ୍ଭ କରି ବିମାନ ଯାଏ ପହଞ୍ଚିଛି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଡରାଉଛି ମହାମାରୀ...

କୋଭିଡ ମହାମାରୀକୁ ସମ୍ପୂର୍ଣ୍ଣ ରୂପେ ନିୟନ୍ତ୍ରଣ କରିବା ସକାଶେ ବିଶ୍ୱ ନେତୃବର୍ଗ ସେମାନଙ୍କର ପ୍ରତିବଦ୍ଧତା ପ୍ରକଟ କରିଛନ୍ତି । ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କ ଆହ୍ୱାନ କ୍ରମେ କୋଭିଡ ମୁକାବିଲା ନିମନ୍ତେ ଅନୁଷ୍ଠିତ ଏହି ଦ୍ୱିତୀୟ ସମ୍ମିଳନୀର ସହ-ପ୍ରଯୋଜକ ଥିଲେ ବେଲିଜ୍, ଜର୍ମାନୀ, ଇଣ୍ଡୋନେସିଆ ଏବଂ ସେନେଗାଲ । ପ୍ରଥମ ସମ୍ମିଳନୀରେ ଆମେରିକା ସମେତ ବିଶ୍ୱର ଧନୀକ ରାଷ୍ଟ୍ରମାନେ କରୋନା ନିୟନ୍ତ୍ରଣ ସକାଶେ ଯେଉଁ ପ୍ରତିବଦ୍ଧତା ପ୍ରକଟ କରିଥିଲେ ତାହା ପୂରଣ କରିବା ନିମନ୍ତେ ସେମାନଙ୍କ ଉଦାସୀନ ମନୋଭାବକୁ ବିଶ୍ୱବାସୀ ଲକ୍ଷ୍ୟ କରିଛନ୍ତି । ବିଶେଷ କରି ମାର୍କିନ ରାଷ୍ଟ୍ରପତି ଜୋ ବାଇଡେନ୍ ବିକାଶଶୀଳ ରାଷ୍ଟ୍ରଙ୍କୁ ୧୨୦ କୋଟି ଡୋଜ୍ ଟିକା ଯୋଗାଇଦେବା ନିମନ୍ତେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ଏପର୍ଯ୍ୟନ୍ତ ତାହା ଅପୂର୍ଣ୍ଣ ରହିଛି । ଏହି ପ୍ରତିଷେଧକ ଟିକା ପ୍ରସ୍ତୁତ ଏବଂ ଅନ୍ୟାନ୍ୟ ଚିକିତ୍ସା ସାଧନ ଯୋଗାଣ ନିମନ୍ତେ ଆବଶ୍ୟକ ସାଢ଼େ ୨୨ ବିଲିୟନ ଡଲାର ରାଶି ମଂଜୁର କରିବା ନିମନ୍ତେ ରାଷ୍ଟ୍ରପତି ବାଇଡେନଙ୍କ ଅନୁରୋଧ ଉପରେ ମାର୍କିନ କଂଗ୍ରେସ ବିଚାର ସୁଦ୍ଧା କରିନାହିଁ । କେବଳ ଆମେରିକା ନୁହେଁ, ଉଣା ଅଧିକ ସମସ୍ତ ବିକଶିତ ରାଷ୍ଟ୍ରଙ୍କ ପ୍ରତିଶ୍ରୁତି ଏବଂ କାର୍ଯ୍ୟାନ୍ୱୟନ ମଧ୍ୟରେ ଏଭଳି ତାରତମ୍ୟ ଥିବା ଦେଖିବାକୁ ମିଳିଛି । ଏବେ କରୋନା ମହାମାରୀକୁ ନେଇ ବାସ୍ତବ ଦିଗ ପ୍ରତି ଦୃଷ୍ଟି ନିକ୍ଷେପ କରିବାର ସମୟ ଆସିଛି । କରୋନା ମହାମାରୀ ବିଶ୍ୱରୁ ଦୂର ହୋଇନାହିଁ । ବରଂ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଭିନ୍ନ ଭିନ୍ନ ସମୟରେ ଏହାର ରୂପାନ୍ତରିତ କାୟା ଦେଖିବାକୁ ମିଳୁଛି ଏବଂ ତାହା ଦିନକୁ ଦିନ ଅଧିକ ମାରାତ୍ମକ ମଧ୍ୟ ହୋଇ ଚାଲିଛି । ଭୂତାଣୁ ବିଜ୍ଞାନୀମାନେ ଆଶଙ୍କା କରନ୍ତି ଯେ କରୋନା ସହିତ ଏବେ ବିଶ୍ୱକୁ ତିଷ୍ଠି ରହିବାକୁ ପଡ଼ିବ । ଏହା ଯେଉଁ ବାସ୍ତବତା ଉପରେ ଆଲୋକପାତ କରେ, ତାହାହେଲା ସାଧାରଣ ଜନତାଙ୍କ ଜୀବନକୁ ସୁରକ୍ଷିତ ରଖିବାକୁ ହେଲେ ନିୟମିତ ଟିକାକରଣ ଏକାନ୍ତ ଜରୁରି । ଏଥିରେ ଧନୀ କି ଦରିଦ୍ର ରାଷ୍ଟ୍ର ମଧ୍ୟରେ ତାରତମ୍ୟ ରହିବା ଉଚିତ୍ ନୁହେଁ । କାରଣ ଗରିବ ରାଷ୍ଟ୍ରରେ କରୋନା ସଂକ୍ରମଣ ବୃଦ୍ଧି ପାଇଲେ ତାହା ଧନୀ ରାଷ୍ଟ୍ରମାନଙ୍କ ପାଇଁ ମଧ୍ୟ ବିପଦ ସୃଷ୍ଟ କରିବ । ଏହା ପରୋକ୍ଷରେ ସମସ୍ତଙ୍କୁ ଚେତାଇ ଦିଏ ଯେ, କରୋନା ମହାମାରୀ ନିୟନ୍ତ୍ରଣ ନିମନ୍ତେ ସାମଗ୍ରିକ କାର୍ଯ୍ୟାନୁଷ୍ଠାନ ଏକାନ୍ତ ଜରୁରି । କିନ୍ତୁ ଏଥିପାଇଁ ଆବଶ୍ୟକ ହଜାର ହଜାର କୋଟିର ପାଣ୍ଠି ଆସିବ କୁଆଡୁ ତାହା ସମସ୍ତଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି । ମହାମାରୀ ଧନୀ ଓ ଦରିଦ୍ର ସବୁ ଦେଶର ଅର୍ଥ ବ୍ୟବସ୍ଥାକୁ ଧୂଳିସାତ୍ କରିଦେଇଛି । ଏବେ ତାହା ଧୀରେ ଧୀରେ ଅଣ୍ଟା ସଳଖିବାକୁ ଚେଷ୍ଟା କରୁଛନ୍ତି । ପୁଣି ଟିକାକରଣ କ୍ଷେତ୍ରରେ ଧନୀ ଓ ଗରିବ ରାଷ୍ଟ୍ରଙ୍କ ଭିତରେ ଥିବା ଦୀର୍ଘ ତାରତମ୍ୟକୁ ଭରଣା କରିବା ନିମନ୍ତେ ସେପରି କିଛି ଠୋସ୍ କାର୍ଯ୍ୟକ୍ରମ ଏପର୍ଯ୍ୟନ୍ତ ପ୍ରସ୍ତୁତ ହୋଇପାରିନାହିଁ । କରୋନା ବିରୁଦ୍ଧରେ ଜାରି ସଂଗ୍ରାମରେ ଭାରତର ଭୂମିକା ସର୍ବଜନସ୍ୱୀକାର୍ଯ୍ୟ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ତାଙ୍କ ଅଭିଭାଷଣରେ ଏହା ସ୍ପଷ୍ଟ କରିଛନ୍ତି । ଏପରିକି ଭୟଙ୍କର କରୋନା କାଳରେ ଭାରତ ବିଶ୍ୱର ଶତାଧିକ ରାଷ୍ଟ୍ରଙ୍କୁ ଟିକା ସମେତ ଚିକିତ୍ସା ଉପକରଣ ଏବଂ ଅନ୍ୟାନ୍ୟ କିଟ୍ ଯୋଗାଇବାରେ ଯେଉଁ କୀର୍ତ୍ତିମାନ ସୃଷ୍ଟି କରିଛି ତାହା ଅନ୍ୟମାନଙ୍କ ପାଇଁ ଅନୁକରଣୀୟ ଉଦାହରଣ ପାଲଟିଛି । ଭବିଷ୍ୟତରେ ମଧ୍ୟ କାନ୍ଧକୁ କାନ୍ଧ ମିଳାଇ ଏହି ସଂଗ୍ରାମକୁ ଜାରି ରଖିବା ଏବଂ ନିଜର ସାମର୍ଥ୍ୟ ଅନୁସାରେ ସମସ୍ତ ରାଷ୍ଟ୍ରଙ୍କୁ ଚିକିତ୍ସା ଓ ଅନ୍ୟାନ୍ୟ ଆନୁସଙ୍ଗିକ ସହାୟତା ଯୋଗାଇ ଦେବା ନିମନ୍ତେ ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତା ବାସ୍ତବିକ୍ ପ୍ରଶଂସନୀୟ । ଭାରତ ଯେଉଁଭଳି ସକାରାତ୍ମକ ଏବଂ ଖୋଲା ମନୋଭାବର ସହିତ କରୋନା ମହାମାରୀ ବିରୁଦ୍ଧରେ ଲଢ଼େଇ ଜାରି ରଖିଛି, ଯଦି ତାହାକୁ ଅନ୍ୟମାନେ ଅନୁକରଣ କରନ୍ତି ତେବେ ସଂପୂର୍ଣ୍ଣ ମୂଳପୋଛ ନହେଲେ ସୁଦ୍ଧା କରୋନା ଖୁବ୍‌ଶୀଘ୍ର ନିୟନ୍ତ୍ରଣାଧୀନ ହୋଇପାରିବ । ସେଥିପାଇଁ ବିଶ୍ୱ ନେତୃବର୍ଗ କେବଳ ଆଲୋଚନା ନୁହେଁ, ନିଜର ନିଷ୍ଠା ଏବଂ ବଦାନ୍ୟତା ପ୍ରଦର୍ଶନ କରିବା ଉଚିତ୍ । କରୋନା ମହାମାରୀ ପୁଣି ଥରେ ସମସ୍ତଙ୍କୁ ଚେତାଇ ଦେଇଛି ଯେ, ଏକବିଂଶ ଶତାବ୍ଦୀରେ ରୋଗ ହେଉ ଅବା ପ୍ରାକୃତିକ ବିପର୍ଯ୍ୟୟ, ସମୂହ ମୁକାବିଲା ବିନା ତାହାକୁ ନିୟନ୍ତ୍ରଣାଧୀନ କରିବା ଅସମ୍ଭବ । ବିଳମ୍ବରେ ହେଲେ ସୁଦ୍ଧା ବିଶ୍ୱ ନେତୃବର୍ଗ ଏହାକୁ ଆପଣାଇବା ସାମଗ୍ରିକ ଭାବେ ମାନବ ସମାଜ ପାଇଁ ହିତକର ହେବ । କରୋନା ଭଳି ଭବିଷ୍ୟତରେ ଯେ ଆଉ କିଛି ମହାମାରୀ ଭୂତାଣୁ ମୁଣ୍ଡ ନଟେକିବ ତାହାର ଗ୍ୟାରେଣ୍ଟି ନାହିଁ । ତେଣୁ ଏହାକୁ ଚେତାବନୀ ବୋଲି ଗ୍ରହଣ କରି ବିଶ୍ୱ ନେତୃବର୍ଗ ଏହାର ଏକ ଚୂଡ଼ାନ୍ତ ମୁକାବିଲା କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ଜରୁରି । ଯାହା ଫଳରେ ଭବିଷ୍ୟତରେ ମାନବଜାତି ସୁରକ୍ଷିତ ରହିବାର ଆଶଙ୍କା କରାଯାଇପାରେ ।

## ପରିବାର ହିଁ ବିଶ୍ୱ ଚେତନାର ବାର୍ତ୍ତାବହ




ବୈଷ୍ଣବ ମେହେର


କରୋନାର କଥା ଯଦି ଚିନ୍ତା କରିବା ତେବେ ଏହି ମହାମାରୀକୁ ପ୍ରତିହତ କରିବା ପାଇଁ ଗତ ଅଢ଼େଇ ବର୍ଷ ହେଲା ବିଶ୍ୱର ପ୍ରତ୍ୟେକ ଦେଶରୁ ପ୍ରାଣପଣେ ଉଦ୍ୟମ ଜାରି ରହିଛି, ତଥାପି ଭୟ ଯାଉନି । ଏ କ୍ଷେତ୍ରରେ ଯଦି ପ୍ରତି ପରିବାର ସଚେତନ ହୋଇ ନିଜ ଦାୟିତ୍ୱକୁ ସୁଚାରୁରୂପେ ପାଳନ କରିଥାନ୍ତେ ତେବେ କରୋନା ଏତେ ଜୀବନ ନେବାରେ ସଫଳ ହୋଇନଥାନ୍ତା । କିନ୍ତୁ ସାମୁହିକ ସ୍ୱାର୍ଥ ପ୍ରତି ଅସଚେତନ ଅନେକ ଅମାନିଆ ଏହାର ଗୁରୁତ୍ୱକୁ ଭ୍ରୂକ୍ଷେପ ନକରି ଅଣଦେଖା କରିଥିବାରୁ,ଏହାର ଭୟବହତା ସମସ୍ତ ମଣିଷ ସମାଜକୁ ଭୋଗିବାକୁ ପଡ଼ିଛି । ଏହି ଅମାନିଆ ମାନେ ଆମ ପରିବାରରୁ ହିଁ ଆସିଥାନ୍ତି, ଯେଉଁମାନଙ୍କ ଅପରିଣାମଦର୍ଶୀତା ପରିବାର, ସମାଜ ତଥା ମାନବତା ପାଇଁ କାଳ ହେଉଛି ।

ବିଶ୍ୱରେ ଦେଖା ଦେଉଥିବା ଉଭୟ ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟ ଗୁଡ଼ିକୁ ସାମନା କରି ସେସବୁ ସମସ୍ୟାର ସମାଧାନ ନିମନ୍ତେ ପରସ୍ପର ମଧ୍ୟରେ ସହଯୋଗର ହାତ ବଢ଼ାଇବା, ଅନ୍ତର୍ଜାତୀୟ ପରିବାର ଦିବସ ପାଳନର ସବୁଠାରୁ ମହତ୍ୱପୂର୍ଣ୍ଣ ଦିଗ । ଏକବିଂଶ ଶତାବ୍ଦୀର ମଣିଷ ଅଥଳ ସମୁଦ୍ର ଭିତରେ ଓ ମହାକାଶରେ ବସତି ସ୍ଥାପନ ପାଇଁ ଅହରହ ପ୍ରୟାସ ଜାରିରଖିଛି ଏକଥା ସତ । କିନ୍ତୁ ଅପରପକ୍ଷେ ଏଯାଏଁ ଅନେକ ମଣିଷଙ୍କ ଦାରିଦ୍ରତା, ବେକାରୀ, ସ୍ୱାସ୍ଥ୍ୟସେବା ଭଳି ମୌଳିକ ସମସ୍ୟାକୁ ମଧ୍ୟ ସମାଧାନ କରାଯାଇ ପାରିନାହିଁ, ଏହା ଆମେ ଭୁଲିଯିବା ଉଚିତ ହେବ ନାହିଁ । ତେଣୁ ଏହିସବୁ ଆହ୍ୱାନର ସମୁଚିତ ମୁକାବିଲା ପାଇଁ ଏକ ପରିବାର ଭାବରେ ବିଶ୍ୱବାସୀଙ୍କ ମଧ୍ୟରେ ସୁସଂପର୍କ ଓ ସମନ୍ୱୟ ରକ୍ଷା ଅତି ଜରୁରୀ । ଏହି ଆଶା ଓ ଆକାଂକ୍ଷା ଉପରେ ହିଁ ଅନ୍ତର୍ଜାତୀୟ ପରିବାର ଦିବସ ପର୍ଯ୍ୟବେସିତ । ବସୁଧୈବ କୁଟୁମ୍ବକମ୍'ର ଉଦାର ଆହ୍ୱାନକୁ ଗ୍ରହଣ କରି ଏକପରିବାର ସୂତ୍ରରେ ବାନ୍ଧି ହୋଇ ଜଗତର ପ୍ରଗତି ଦିଗରେ ଗୁରୁତ୍ୱ ଦେବାକୁ ଭାରତୀୟ ସଂସ୍କୃତି କେଉଁ ଆବାହମାନ କାଳରୁ ଚେତାଇ ଦେଇ ଆସୁଛି । ମଣିଷ ସମାଜର କଲ୍ୟାଣ ନିମିତ୍ତ ଯଦି ବିଶ୍ୱ ଜନମାନସ ଏହାକୁ ଗୁରୁତ୍ୱ ଦେଇ ପାରସ୍ପରିକ ସହଯୋଗକୁ ଅଗ୍ରାଧିକାର ଦିଅନ୍ତି, ତେବେ ସାଂପ୍ରତିକ ସ୍ଥିତିରେ ବିଶ୍ୱରେ ଲାଗିରହିଥିବା ଅନେକ ସମସ୍ୟାର ଅଚିରେ ସମାଧାନ ହୋଇପାରନ୍ତା । ଏଥିପାଇଁ ଆମକୁ ନକରାତ୍ମକ ଚିନ୍ତାଠୁ ଦୂରେଇ ନିଜ ଭିତରେ ସକରାତ୍ମକ ଭାବନାକୁ ଉଦ୍ରେକ କରିବାକୁ ପଡ଼ିବ । ବ୍ୟକ୍ତିଗତ ସ୍ୱାର୍ଥକୁ ପରିତ୍ୟାଗ କରି ସାମୁହିକ ବିକାଶ ଆଡ଼କୁ ଧ୍ୟାନ କେନ୍ଦ୍ରିତ କରିବାକୁ ହେବ । ସମଗ୍ର ମାନବ ସମାଜର କଲ୍ୟାଣରେ ହିଁ ନିଜର କଲ୍ୟାଣ ନିହିତ ରହିଛି, ଏହି ବିଚାର ଜାଗ୍ରତ ହେଲେ ହିଁ ବିଶ୍ୱବାସୀ ଶାନ୍ତି ଓ ସନ୍ତୋଷରେ ବଂଚିବା ସମ୍ଭବ ହେବ ।

୧୯୯୩ ମସିହା ଠାରୁ ପ୍ରତିବର୍ଷ ମେ ମାସ ୧୫ ତାରିଖକୁ ଅନ୍ତର୍ଜାତୀୟ ପରିବାର ଦିବସ ଭାବରେ ପାଳନ କରାଯାଉଛି । କହିବା ଅନାବଶ୍ୟକ ଯେ, ସମାଜର ସବୁଠାରୁ କ୍ଷୁଦ୍ର ଅନୁଷ୍ଠାନ ପରିବାର ହୋଇଥିଲେ ହେଁ, ଏହା ହିଁ ସମାଜର ମେରୁଦଣ୍ଡ ଭାବରେ ସଦା ପରିଗଣିତ । କେବଳ ହାତଗଣତି କିଛି ମଣିଷଙ୍କ ସମଷ୍ଟିରେ ପରିବାର ଟିଏ ଗଠନ ହୋଇଯାଏ, ତାହା ନୁହେଁ ବରଂ ଗୋଟିଏ ଛାତ ତଳେ ଏକତ୍ର ରହୁଥିବା ମଣିଷ ମାନଙ୍କ ମଧ୍ୟରେ ସ୍ନେହ, ଶ୍ରଦ୍ଧା, ସମ୍ମାନ, ସହଯୋଗ, ତ୍ୟାଗ, ସହିଷ୍ଣୁତା ଓ ଦାୟିତ୍ୱବୋଧ ରହିଲେ ଯାଇ ତାକୁ ଏକ ସଫଳ ପରିବାର ବୋଲି କୁହାଯାଇଥାଏ । ପରିବାର ଗଠନ ପାଇଁ ଯେ ରକ୍ତ ସଂପର୍କ ଅପରିହାର୍ଯ୍ୟ, ସେକଥା ନୁହେଁ । ଭାବଗତ, ବିଚାରଗତ ସମନ୍ୱୟ ରଖୁଥିବା ସମଭାବାପନ୍ନ ମଣିଷଙ୍କ ସମାହାରରେ ସୁସ୍ଥ ପରିବାର ଗଠନ କରାଯାଇ, ଏକ ସଭ୍ୟ ସମାଜ ଗଠନରେ ନିଜ ଭାଗିଦାରୀ ଦିଆଯାଇପାରିବ ।

କରୋନାର କଥା ଯଦି ଚିନ୍ତା କରିବା ତେବେ ଏହି ମହାମାରୀକୁ ପ୍ରତିହତ କରିବା ପାଇଁ ଗତ ଅଢ଼େଇ ବର୍ଷ ହେଲା ବିଶ୍ୱର ପ୍ରତ୍ୟେକ ଦେଶରୁ ପ୍ରାଣପଣେ ଉଦ୍ୟମ ଜାରି ରହିଛି, ତଥାପି ଭୟ ଯାଉନି ଏ କ୍ଷେତ୍ରରେ ଯଦି ପ୍ରତି ପରିବାର ସଚେତନ ହୋଇ ନିଜ ଦାୟିତ୍ୱକୁ ସୁଚାରୁରୂପେ ପାଳନ କରିଥାନ୍ତେ ତେବେ କରୋନା ଏତେ ଜୀବନ ନେବାରେ ସଫଳ ହୋଇନଥାନ୍ତା । କିନ୍ତୁ ସାମୁହିକ ସ୍ୱାର୍ଥ ପ୍ରତି ଅସଚେତନ ଅନେକ ଅମାନିଆ ଏହାର ଗୁରୁତ୍ୱକୁ ଭ୍ରୂକ୍ଷେପ ନକରି ଅଣଦେଖା କରିଥିବାରୁ,ଏହାର ଭୟବହତା ସମସ୍ତ ମଣିଷ ସମାଜକୁ ଭୋଗିବାକୁ ପଡ଼ିଛି । ଏହି ଅମାନିଆମାନେ ଆମ ପରିବାରରୁ ହିଁ ଆସିଥାନ୍ତି, ଯେଉଁମାନଙ୍କ ଅପରିଣାମଦର୍ଶୀତା ପରିବାର, ସମାଜ ତଥା ମାନବତା ପାଇଁ କାଳ ହେଉଛି । ଆମ ସମାଜରେ ଏଭଳି ଅନେକ ପରିବାର ଅଛନ୍ତି ଯେଉଁଠାରେ ପରସ୍ପର ମଧ୍ୟରେ ସମନ୍ୱୟର ଘୋର ଅଭାବ ରହିଛି । ଶାରୀରିକ ଦୃଷ୍ଟିରୁ ହୁଏତ ସେମାନେ ଗୋଟିଏ ଛାତ ତଳେ ରହିଥାଇ ପାରନ୍ତି କିନ୍ତୁ ମାନସିକ ସ୍ତରରେ ଏମାନଙ୍କ ମଧ୍ୟରେ ରହିଥିବା ଯୋଜନ ଯୋଜନର ଦୂରତ୍ୱ ସେମାନଙ୍କୁ ବିପଥଗାମୀ କରିଦିଏ । ଅନେକ ସ୍ଥଳରେ ପରିବାରରେ ରହୁଥିବା ବାପାପୁଅ, ପତିପତ୍ନୀ, ଭାଇଭାଇଙ୍କ ମଧ୍ୟରେ କଥାବାର୍ତ୍ତା ହେବା ତ ଦୂରର କଥା ମାସାଧିକ କାଳ ସେମାନଙ୍କ ମଧ୍ୟରେ ଦେଖା ସାକ୍ଷାତ ମଧ୍ୟ ହୁଏ ନାହିଁ । ଏଭଳି ନିର୍ଜୀବ ପରିବାର କେବଳ ନିଜର ନୁହଁ ସମାଜ ପାଇଁ କ୍ଷତିକାରକ ହୁଅନ୍ତି ।

ଗତ ଫେବୃୟାରୀ ୨୪ ତାରିଖରୁ ଚାଲିଥିବା ଋଷ ଓ ୟୁକ୍ରେନର ଯୁଦ୍ଧ ପ୍ରାୟ ୮୦ ଦିନରେ ପହଂଚିଲାଣି । ଉଭୟ ଦେଶର ପ୍ରର୍ଯ୍ୟାପ୍ତ ଧନ ସଂପତି ନଷ୍ଟ ହେବା ସହ ହଜାର ହଜାର ସୈନ୍ୟ ଓ ସାଧାରଣ ଜନତାଙ୍କ ମୃତ୍ୟୁ ବି ଘଟିଲାଣି । ତଥାପି ଉଭୟ ପକ୍ଷର ଜିଦ୍ ଯୋଗୁଁ ଯୁଦ୍ଧ ଆହୁରି କେତେ ଦିନ ଚାଲିବ କହି ହେଉ ନାହିଁ । ଅନେକଙ୍କ ଆଶଙ୍କା ଯଦି ସତ ହୁଏ ତେବେ ଏହା ତୃତୀୟ ବିଶ୍ୱ ଯୁଦ୍ଧ ଆଡ଼କୁ ମଧ୍ୟ ଗତି କରିପାରେ । ଏ ଯୁଦ୍ଧର ଭୟାବହ କୁପ୍ରଭାବ ସମଗ୍ର ବିଶ୍ୱକୁ ଭୋଗୀବାକୁ ପଡୁଛି । ସମଗ୍ର ମାନବ ସଭ୍ୟତାକୁ ଏକ ଭାବଧାରାରେ ବାନ୍ଧି ରଖି ବିଶ୍ୱ କଲ୍ୟାଣ ଦିଗରେ ସମସ୍ତେ ଯେମିତି ଗୋଟିଏ ପରିବାର ଭଳି ପରସ୍ପରର ସହଯୋଗୀ ହେବେ, ଏହି ପ୍ରୟାସ ବିଶ୍ୱ ସ୍ତରରେ ଗତ କିଛି ବର୍ଷ ହେଲା ଆରମ୍ଭ ହୋଇଥିବା ବେଳେ ସଂପ୍ରତି ଋଷ-ୟୁକ୍ରେନ୍ ଯୁଦ୍ଧର ପରିସମାପ୍ତି ଘଟାଇ ନପାରିବା ଆମ ଉଦ୍ୟମର ଶିଥିଳତାକୁ ପଦାରେ ପକାଉଛି ।

ବିଶ୍ୱର ବଡ଼ବଡ଼ ସମସ୍ତ ବିପର୍ଯ୍ୟୟକୁ ହରାଇ ପାରିବାର ଶକ୍ତି ପରିବାର ଭିତରେ ହିଁ ନିହିତ ଅଛି । ଏକଥା ସମସ୍ତେ ବୁଝି ପ୍ରତ୍ୟେକ ପରିବାର ଭିତରେ ପ୍ରେମ, ସମ୍ବେଦନଶୀଳତା, ସୌହାର୍ଦ୍ଦପୂର୍ଣ୍ଣ ବାତାବରଣକୁ ଯଥାସାଧ୍ୟ ଶକ୍ତ କରିପାରିଲେ ହିଁ ଅନ୍ତର୍ଜାତୀୟ ପରିବାର ଦିବସ ପାଳନର ମୂଳ ଉଦ୍ଦେଶ୍ୟ ସାଧିତ ହେବ, ଏହା ନିସନ୍ଦେହ ।


♥ ଶିକ୍ଷକ
ସିନାପାଲି, ନୂଆପଡ଼ା


## ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ...




ପ୍ର. ଡା. ଉମେଶ ଚନ୍ଦ୍ର ପାତ୍ର


ବୈଶାଖ ମାସ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ଭଗବାନ ନୃସିଂହଙ୍କ ଜୟନ୍ତୀ ପାଳନ କରାଯାଇଥାଏ। ମହାନୃସିଂହ ହେଉଛନ୍ତି ଶକ୍ତିର ଦେବତା। ପୌରାଣିକ ମାନ୍ୟତା ଅନୁଯାୟୀ, ଉପରୋକ୍ତ ପବିତ୍ର ତିଥିରେ ଶ୍ରୀହରି ବିଷ୍ଣୁ ନୃସିଂହ ଅବତାରରେ ପ୍ରକଟ ହୋଇଥିଲେ। ସେ ଦୈତ୍ୟରାଜ ହିରଣ୍ୟକଶିପୁର ବଧ କରିଥିଲେ। ଭଗବାନ ବିଷ୍ଣୁ ଅଧର୍ମ ନାଶ କରିବା ଲାଗି ଅନେକ ଅବତାର ନେଇଛନ୍ତି। ସେ ଅବତାର ନେବା ପରେ ପୃଥିବୀରେ ଧର୍ମ ପ୍ରତିଷ୍ଠା ହୋଇଛି। ଶ୍ରୀବିଷ୍ଣୁ ସର୍ବଦା ନିଜ ଭକ୍ତମାନଙ୍କୁ ସଂକଟରୁ ରକ୍ଷା କରିଥାନ୍ତି। ଶ୍ରୀମଦ୍ ଭାଗବତରେ ଆରମ୍ଭରୁ ଭଗବାନ ନୃସିଂହଙ୍କୁ ସ୍ତୁତି କରାଯାଇ ଲେଖାଯାଇଛି 'ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ'।

ଅଧର୍ମର ବିନାଶ ପାଇଁ ଅନେକ ସମୟରେ ସମ୍ପୂର୍ଣ୍ଣ ପରୋପକାର ତଥା ଜଗତକଲ୍ୟାଣର ଭାବନା ନେଇ ଅବିରତ ପ୍ରୟାସ କରିବାକୁ ପଡ଼ିଥାଏ । ଫଳରେ ଜଗତରେ ଧର୍ମ ପ୍ରତିଷ୍ଠା ସମ୍ଭବ ହୋଇଥାଏ । ଭଗବାନ ବିଷ୍ଣୁଙ୍କ ପ୍ରତ୍ୟେକ ଅବତାର ସଂସାରର ଏହି ସୂତ୍ରକୁ ପ୍ରତିପାଦିତ କରିଥାଏ । ଏ ସଂସାରରୁ ଦୁଷ୍ଟଙ୍କ ବିନାଶ ପାଇଁ ଭଗବାନ ବିଷ୍ଣୁ ନୃସିଂହ ଅବତାର ନେଇ ଧରାବତରଣ କରିଥିଲେ । ସେହି ଶୁଭ ବେଳ ଥିଲା ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ । ଅର୍ଥାତ୍ ନୃସିଂହ ସ୍ୱରୂପ ନେଇ ଅଧା ନର ଅଧା ସିଂହ ସ୍ୱରୂପ ନେଇ ଜନ୍ମ ନେଇଥବା ଭଗବାନ ବିଷ୍ଣୁଙ୍କ ନୃସିଂହ ଅବତାର ଥିଲା ଅତ୍ୟନ୍ତ ଉଗ୍ର । ହେଲେ ଏହି ଉଗ୍ରତା ମଧ୍ୟରେ ଲୁଚି ରହିଥିଲା ଅଧର୍ମୀର ବିନାଶ କରିବାର ସୂତ୍ର । ଏହି ରୂପରେ ସେ ରାକ୍ଷସରାଜ ହିରଣ୍ୟକଶପର ସଂହାର କରିଥିଲେ । ହିରଣ୍ୟକଶ୍ୟପ ବ୍ରହ୍ମଦେବଙ୍କ ଠାରୁ ବରଦାନ ପ୍ରାପ୍ତ କରିବା ପରେ ତ୍ରୀଭୁବନରେ ଉତ୍ପାତ ଖେଳାଇ ଦେଇଥିଲା । ଭଗବାନ ବିଷ୍ଣୁ ନୃସିଂହ ଅବତାର ନେଇ ହିରଣ୍ୟକଶ୍ୟପର ବଧ କରିଥିଲେ । ହିରଣ୍ୟକଶ୍ୟପର ଅନ୍ତ କରିବା ସମୟରେ ନା ସେ ଘରେ ଥିଲେ, ନା ଘର ବାହାରେ, ନା ଭୂମିରେ ଥିଲା, ନା ଆକାଶରେ, ନା ସେ ଅସ୍ତ୍ର ଦ୍ୱାରା ମରିଥିଲା ନା ଶସ୍ତ୍ର ଦ୍ୱାରା, ନା ଦିନରେ ମରିଥିଲା ନା ରାତିରେ । ଭଗବାନ ବିଷ୍ଣୁ ହିରଣ୍ୟକଶ୍ୟପର ବଧ କରିବା ଲାଗି ଏକ ବିଶେଷ ସମୟ ବାଛିଥିଲେ । ଏହି ମୁହୂର୍ତ୍ତ ବାର ମାସ ଠାରୁ ଅଲଗା ଥିଲା । ସେହି ମାସ ଥିଲା ଭଗବାନଙ୍କ ପ୍ରିୟ ପୁରୁଷୋତ୍ତମ ମାସ (ଅଧିବର୍ଷରେ ପଡୁଥିବା ମାସ) । ଭଗବାନ ବିଷ୍ଣୁ ନିଜ ନଖରେ ଫାଡ଼ି ଦେଇଥିଲେ ହିରଣ୍ୟକଶ୍ୟପର ଛାତିକୁ । ଅନ୍ୟପକ୍ଷରେ ଭଗବାନଙ୍କ ବିଷ୍ଣୁଙ୍କ ନୃସିଂହ ଅବତାର ନେବା ପଛରେ ହିରଣ୍ୟକଶ୍ୟପର ପୁତ୍ର ପ୍ରହ୍ଲାଦର ପ୍ରମୁଖ ଭୂମିକା ରହିଥିଲା । ପ୍ରହ୍ଲାଦର ବିଷ୍ଣୁ ଭକ୍ତି ଦେଖି ହିରଣ୍ୟକଶ୍ୟପ ତାକୁ ହତ୍ୟା କରିବାକୁ ଶତ ଚେଷ୍ଟା କରି ମଧ୍ୟ ବିଫଳ ହୋଇଥିଲା । ନୃସିଂହ ଅବତାର ସାରା ଜଗତକୁ ଏକ ବିଶେଷ ସନ୍ଦେଶ ଦେଇଥାଏ । ଅଧର୍ମର ବିନାଶ ପାଇଁ ଅବିରତ ଚେଷ୍ଟା କରିବା ଆବଶ୍ୟକ । ବିଫଳତା ମିଳିଲେ ମଧ ଧର୍ମର ପ୍ରତିଷ୍ଠା ଦିଗରେ ସର୍ବଦା ଚେଷ୍ଟା କରିବା ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ ହେବା ଉଚିତ । ଧର୍ମ ଏବଂ ସଦାଚାରର ପ୍ରତୀକ ଭକ୍ତ ପ୍ରହ୍ଲାଦଙ୍କ ଭକ୍ତିରେ ସାରା ସଂସାର ପ୍ରତି ଏକ ବାର୍ତ୍ତା ରହିଥିଲା । ତାହା ଥିଲା, ଭକ୍ତିକୁ କର୍ମ ଭଳି ନୁହେଁ ବରଂ କର୍ମକୁ ଭକ୍ତି ରୂପରେ ଗ୍ରହଣ କରି ସେଥିରେ ଲୀନ ହେଲେ ଦେବୀ ରୂପୀ ସଫଳତା ମିଳିବା ଜରୁରୀ ।

ଶ୍ରୀମଦ୍ ଭଗବତ୍ ଗୀତାର ଦଶମ ଅଧ୍ୟାୟ ୩୦ତମ ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ ଉପଦେଶ ଛଳରେ ପାଣ୍ଡୁପୁତ୍ର ଅର୍ଜ୍ଜୁନଙ୍କୁ କହୁଛନ୍ତି 'ପ୍ରହ୍ଲାଦଶ୍ଚାସ୍ମି ଦୈତ୍ୟାନାଂ କାଳଃ କଳୟତାମହମ୍। ମୃଗାଣାଂ ଚ ମୃଗେନ୍ଦ୍ରୋଽହଂ ବୈନତେୟଶ୍ଚ ପକ୍ଷୀଣାମ୍ଃ।' ଅର୍ଥାତ୍ ଦୈତ୍ୟମାନଙ୍କ ମଧ୍ୟରୁ ମୁଁ ହେଉଛି ପ୍ରହ୍ଲାଦ ଏବଂ ଗଣନାକାରୀଙ୍କ ମଧ୍ୟରେ କାଳ ତଥା ମୁଁ ପଶୁ ମାନଙ୍କ ମଧ୍ୟରେ ସିଂହ ଓ ପକ୍ଷୀମାନଙ୍କ ମଧ୍ୟରେ ଗରୁଡ଼। ସହଜ ଅର୍ଥରେ କହିଲେ ଭଗବାନ ଶ୍ରୀକୃଷ୍ଣ ଭକ୍ତ ପ୍ରହ୍ଲାଦଙ୍କୁ ସର୍ବଶ୍ରେଷ୍ଠ ଦୈତ୍ୟ ରୂପେ ବର୍ଣ୍ଣନା କରିଛନ୍ତି। ପ୍ରହ୍ଲାଦଙ୍କ ପବିତ୍ର ଜୀବନ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ। ତାଙ୍କ ଜୀବନରୁ ଆମକୁ ଅନେକ ଶିକ୍ଷା ମିଳିଥାଏ। ଯେପରିକି - ସର୍ବଶକ୍ତିମାନ ଈଶ୍ୱରଙ୍କ ଠାରେ ସର୍ବଦା ବିଶ୍ୱାସ ରଖିବା ଉଚିତ। ନିଶ୍ଚଳ ଭକ୍ତି ପାଇଁ କୌଣସି ବୟସସୀମା ନଥାଏ। ଭଗବାନ ସର୍ବତ୍ର ବିରାଜମାନ କରିଥାନ୍ତି। ଭଗବାନ ସବୁବେଳେ ଉପସ୍ଥିତ ଥାଆନ୍ତି। ଈଶ୍ୱର ନିଜ ଭକ୍ତକୁ ସର୍ବଦା ରକ୍ଷା କରିଥାନ୍ତି। ଦୁଷ୍ଟମାନଙ୍କର ସଂହାର କରିଥାନ୍ତି।


♥ ସହପ୍ରତିରତ୍ୱିକ ଓ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ: ୯୪୩୭୦୫୧୯୫୭





### ଅବୁଝା ନଈ




ଦୀପ୍ତି ମିଶ୍ର


ଏଇ ମନ ଏକ ଅବୁଝା ନଈ
ଆତୁର ସାଗରେ ଭେଟିବା ପାଇଁ
ଗିରି କନ୍ଦରର ନିଭୃତ କୋଣରୁ
ନାଚି ନାଚି ଯାଏ ଆଗକୁ ଧାଇଁ ।

ସାଗର ସ୍ୱପ୍ନ ରେ ବିଭୋର ହୁଏ
କେତେ ଗିରି ପଥ ଡେଇଁ ସେ ଯାଏ
ସବୁଜିମା ବାଣ୍ଟି ସାରା ଜଗତକୁ
ନିଜକୁ ନିଜେ ସେ ଚିହ୍ନାଇ ଥାଏ ।

କଳ କଳ ନାଦେ ଗୀତ ଗାଇକି
ଛଳ ଛଳ ଭାବ ମନେ ବହିକି
ପ୍ରୀତିର ବନ୍ଧନେ ବାନ୍ଧି ଦିଏ ଆନେ
ସାତ ସିନ୍ଧୁ ସ୍ନେହ ମନେ ବହିକି ।

ଦୂର ଦିଗନ୍ତର ଲକ୍ଷ୍ୟରେ ଥାଏ
ଖୋଜିଲା ଆଖିରେ ବିକଳ ହୁଏ
କେବେ ସେ ଭେଟିବ ତାର ପ୍ରିୟ ଧନ
ନିଜକୁ ଭାବରେ ହଜାଇ ଦିଏ ।

ବେଳେବେଳେ ଦେହେ
ଭଉଁରୀ ଖେଳେ
ଚପଳା ଯେସନେ ମେଘର କୋଳେ
ହୃଦୟେ ବଢ଼ଇ ଆଲୋକ ସ୍ପନ୍ଦନ
ଭେଟିବାକୁ ତାକୁ ନୂଆ ସକାଳେ ।

ପଥ ହେଉ ପଛେ ଯେତେ ବି କଷ୍ଟ
ହେବ ନାହିଁ ବୋଲି ସେ ଲକ୍ଷ୍ୟ ଭ୍ରଷ୍ଟ
ମଧୁରତା ଯେତେ ଢାଳି ଦିଏ ସଦା
ଆପଣା ପଣରେ କରି ସେ ପ୍ରୀତ ।


♥ ବାରିପଦା


### ବୁଲ୍ ଡୋଜର


ପ୍ରମୋଦ କୁମାର ମହାପାତ୍ର


ଚାଲୁଛି ବୁଲ୍ ଡୋଜର...
ଭାଙ୍ଗିଦେଇ ଚୂର୍ ମାର୍ ହୋଇଯିବ
ଇମାରତ ଯେତେ ରକ୍ତ ରଞ୍ଜିତ,
କୋରକ୍ ହୋଇଯିବ
ପୋତାଧନ ଯେତେ ଅନ୍ୟାୟ ଅର୍ଜିତ,
ଧୂଳିସାତ କରିଦେବ ହିଂସାର ମିନାର
ତାଡି ଫୋପାଡିବ ଲୁଣ୍ଠିତ ଭୂମିର ଦିଓ୍ୱାର
ବେ-ନକାବ୍ ହେବ ଅପରାଧୀ କାର୍ଯ୍ୟ
ଧରାଶାୟୀ ହୋଇଯିବ ତା'ର
କଳା ସାମ୍ରାଜ୍ୟ...

ହେଲେ ଏ ବୁଲ୍ ଡୋଜ୍ର!
ଧସେଇ ପଶି ପାରନ୍ତା କି ଥରେ
ମଣିଷ ଭିତରକୁ
ଖିନ୍ ଭିନ୍ କରି ଦିଅନ୍ତା
ସେଇ କାରଖାନାକୁ...
ଯେଉଁଠି ସୃଷ୍ଟି ହୁଏ -
ତୁ ତୁ ମେ ମେ ବିଦ୍ୱେଷର ଘର,
ଜାତି, ଧର୍ମ, ବର୍ଣ୍ଣ ନାଁରେ
ବିଭେଦର ପ୍ରାଚୀର,
ଯେଉଁଠି ପୋତା ହୁଏ ଘୃଣା,
ଅହଂ, ଗର୍ବର ବୀଜ ମଞ୍ଜି
ଜଳି ଯାଏ ବିଶ୍ୱାସ, ବନ୍ଧୁତା,
ଧର୍ମର ସଂଗୃହିତ ପୁଞ୍ଜି
ଉଚ୍ଚ, ନୀଚ, ଧନୀ, ଗରିବ,
ସ୍ୱର୍ଗ, ନର୍କ..
ବୈଷମ୍ୟର ଖାଲ ଢିପ
ହୋଇଯା'ନ୍ତା ସମତଳ
ହୃଦୟ ପାଲଟି ଯା'ନ୍ତା
ସତ୍ୟ, ପ୍ରେମ, ଶାନ୍ତି ଓ
କରୁଣାର ଦେବସ୍ଥଳ!!!


♥ ଭାରତ ସଞ୍ଚାର ନିଗମ ଲିମିଟେଡ,
ମୋ ୯୪୩୭୫୬୮୩୧୧




### ସ୍ମୃତି




ପ୍ରଦୀପ୍ତ କୁମାର ଦାସ


ତୋ ବିନା ଲାଗେନା ଭଲ
ମନ ହୁଏ କଲବଲ -
ମୋ ଓଠର ଉପବନେ
ଫୁଟେନାଁ ହସର ଫୁଲ,
ନୈରାଶ୍ୟର ଭରା ନଈ
ଧୋଇ ଦିଏ ପ୍ରୀତିର ଫସଲ,
ରଙ୍ଗହୀନ ଲାଗେ ଏଇ
ସପନର ତାଜ୍ ମହଲ,
ମୋ ହୃଦର ଅବରୁଦ୍ଧ ଇଲାକାରେ
ସୁର ତୋଳେ ବିରହର
ବେସୁରା ଗଜଲ୍ -
ଆଖି ଲୁହରେ ବତୁରି ଯାଏ
ତୋର ସେଇ ସ୍ମୃତିମଖା
ଶ୍ରଦ୍ଧାର ରୁମାଲ୍ ।


♥ କଣ୍ଟାବଣିଆ, ଯାଜପୁର
ମୋ -୮୫୯୪୮୮୫୮୯୮


### ଠାକୁର ଗଢ଼ା ଈଶ୍ୱର


ଆନନ୍ଦ କୁମାର ମାଇତି




କବି ତାର କବିତା ଲେଖେ
ନିଜ କବିତାରେ
ନିଜର ଆପଣାର ଆଉ ଦୁନିଆର ଚିତ୍ର ଆଙ୍କେ
ଶବ୍ଦରେ ଶବ୍ଦରେ, ଛନ୍ଦରେ ଯତିରେ
ନିଜକୁ ଉପାସ୍ୟ ରଖି କେବେ ପୁଣି
ଗଢ଼ି ବସେ ଅନ୍ଧ ଅଜଗର ପୁଣି ଦୟାଳୁ ଈଶ୍ୱର।

ସେମାନେ ଟେବୁଲ୍ ପଛରେ ବସେ
ଆଁକେ ପୁଳା ପୁଳା ଠାକୁର
ତାଙ୍କ ଆଖିରେ ବି ସେଇ ଗୋଟେ ଈଶ୍ୱର

ଟେବୁଲ୍ ଆଗରେ ଗୋଟିଏ ଭୋକିଲା ଜଗତ ଠିଆ ହୋଇଥାଏ
ତାଙ୍କ ଆଖିରେ ବି ସେଇ ଈଶ୍ୱର,
ଅଦ୍ୱିତୀ ଚିତ୍ର ପୁଳାଏ ବାନ୍ଧି ଆଣିଥାଏ ଆଖିରେ
ବାରମ୍ବାର ଈଶ୍ୱରକୁ ନତମସ୍ତକ କରିବା ଲୋଭରେ।

ବେଳକୁ ନିରିଖି ଅଧ ଚକର ବୁଲାଏ
ମହାକାଳ ଦେଖି ନିରଭିମାନ ମଟର ଚକ ପରି
କେବେ ଗଡ଼ି ଯାଏ ତାଙ୍କ ପାଖକୁ
ପୁଣି କେବେ ନିଜ ପାଖକୁ।


♥ ଏରସମା, ଜଗତସିଂହପୁର







## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୪୦)

# ଭରତଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ



କାର୍ତ୍ତିକ ସାଇଁ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଚିତ୍ରକୂଟ ପର୍ବତରେ ଦେଖାଦେଇଥିବା ଦୁଇ ଭାଇଙ୍କ ମିଳନର ଦୃଶ୍ୟ ଥିଲା ଅଦ୍‌ଭୂତ ପୂର୍ବ। ସେପରି ଦୃଶ୍ୟ ଦେଖିବା ଦେବତାଙ୍କ ଭାଗ୍ୟରେ ମଧ୍ୟ ଲେଖା ନଥିଲା। ମାତ୍ର ସେ ଦୃଶ୍ୟକୁ ଦେଖୁଥିଲେ ସୀତା, ଲକ୍ଷ୍ମଣ ଓ ଅନ୍ୟମାନେ- ମିନା ଅପା ରାମାୟଣ କଥା ଆରମ୍ଭ କଲେ।

ରାମ ଓ ଭରତ ପରସ୍ପରକୁ ଗାଢ଼ ଆଲିଙ୍ଗନରେ ରଖିଥିଲେ ଓ ପିଲାଙ୍କ ପରି କାନ୍ଦୁଥିଲେ। ବନବାସ ଆରମ୍ଭରୁ ରାମ ଲକ୍ଷ୍ମଣ ଓ



ମୁନି ଋଷିଙ୍କ ପରି ବସ୍ତ୍ର ପିନ୍ଧିଥିଲେ ଓ ଚୂଳକୁ ବରଗଛ ରସ ଦେଇ ଜଟା ପ୍ରବାଳିଥିଲେ। ଭରତ ଓ ଶତ୍ରୁଘ୍ନ ମଧ୍ୟ ରାମ ଲକ୍ଷ୍ମଣଙ୍କ ପରି ଜଟା ବାନ୍ଧିଥିଲେ।

କିଛି ସମୟ ପରେ ପରିସ୍ଥିତି ସାଧାରଣ ହେଲା। ଭରତଙ୍କୁ ନିଜ ପାଖରେ ବସାଇଲେ ରାମଚନ୍ଦ୍ର ଓ ଅଯୋଧ୍ୟାର କୁଶଳମଙ୍ଗଳ ପଚାରିଲେ। ପିତା ଦଶରଥ ଓ ମାତା କୌଶଲ୍ୟା, କୈକେୟୀ ଓ ସୁମିତାଙ୍କ କଥା ମଧ୍ୟ ପଚାରିଲେ।

ଜ୍ୟେଷ୍ଠଭ୍ରାତା ରାମଙ୍କୁ କୁଶଳ ମଙ୍ଗଳ ପଚିରିବା ମାତ୍ରେ ଭରତ ପୁଣି କାନ୍ଦିବାକୁ ଲାଗିଲେ ଓ ତାଙ୍କ ଚକ୍ଷୁରୁ ଅବାରିତ ଅଶ୍ରୁ ବୋହିବାକୁ ଲାଗିଲା। ଶ୍ରୀରାମ କିଛି ବୁଝି ପାରିଲେନି। ସେ ଭରତଙ୍କୁ ସାନ୍ତ୍ୱନା ଦେଲେ।

ଭରତ ନିଜକୁ ସମ୍ଭାଳି କହିଲେ- ହେ ଭ୍ରାତା ଅଯୋଧ୍ୟା ଏବେ ଶ୍ରୀହୀନ ହୋଇଯାଇଛି। ପୁରୁଷୋତ୍ତମ ଶ୍ରୀରାମଙ୍କ ବନବାସ ପରେ ଦୁଃଖକୁ ସହ୍ୟ ନକରିପାରି ଆମର ପିତା ମହାରାଜା ଦଶରଥ ଇହଲୀଳା ସମାପ୍ତ କରିଛନ୍ତି। ସେ ଆଉ ଆମ ଗହଣରେ ନାହାନ୍ତି।

ଭରତଙ୍କ କଥା ଶୁଣି ଶୋକାକୁଳ ହୋଇ ଉଠିଲା ଚିତ୍ରକୂଟ ପର୍ବତ ଉପରେ ଥିବା ପର୍ଣ୍ଣକୁଟୀର। ରାମ, ସୀତା, ଲକ୍ଷ୍ମଣ ଓ ଅନ୍ୟମାନେ ଭୋ ଭୋ କାନ୍ଦିବା ଆରମ୍ଭ କଲେ।

ଶ୍ରୀରାମ ପ୍ରଥମେ ନିଜକୁ ସମ୍ଭାଳିଲେ ଓ ତାପରେ ଭାଇମାନଙ୍କୁ ସାନ୍ତ୍ୱନା ଦେଲେ- ଯାହା ହେବାର ଥିଲା ହୋଇଯାଇଛି। ଏବେ ଆଉ ରୋଦନ କରି ଲାଭ ନାହିଁ।

ରାମ ଭରତଙ୍କୁ ସମ୍ବୋଧନ କରି କହିଲେ- ହେ ପ୍ରିୟ ଅନୁଜ, ଏବେ ଅଯୋଧ୍ୟାକୁ ସମ୍ଭାଳିବା କାମ ତୁମର। ଅଯୋଧ୍ୟାର ସିଂହାସନ ଉପରେ ବସି ପ୍ରଜାପାଳନ କର ଓ ସୂର୍ଯ୍ୟବଂଶର ମାନମର୍ଯ୍ୟାଦାକୁ ବଜାୟ ରଖ।

ରାମଙ୍କ କଥା ଶୁଣି ଭରତ କହିଲେ- ଏ କି କଥା କହୁଛ ଭ୍ରାତା ଶ୍ରୀରାମ। ପିତାଙ୍କ ପରେ ଅଯୋଧ୍ୟାର ସିଂହାସନରେ ବସିବାକୁ ଏକମାତ୍ର ବ୍ୟକ୍ତିଅ ଅଛନ୍ତି। ସେ ହେଉଛନ୍ତି ରାଜା ଦଶରଥଙ୍କ ଜ୍ୟେଷ୍ଠପୁତ୍ରଙ୍କ ଶ୍ରୀରାମ। ଆପଣଙ୍କୁ ଅଯୋଧ୍ୟାକୁ ଫେରିବାକୁ ହେବ ଓ ସିଂହାସନରେ ବସି ଅଯୋଧ୍ୟାବାସୀଙ୍କୁ ଶାସନ ଦେବାକୁ ହେବ। ମୁଁ ସେ ସିଂହାସନରେ ବସିବାକୁ ଆଦୌ ଯୋଗ୍ୟ ନୁହେଁ। ମୋର ମା' କୈକେୟୀ କରିଥିବା ଅନ୍ୟାୟର ଦଣ୍ଡ ମୋତେ ଦିଅନ୍ତୁ ନାହିଁ। କେବଳ ମୁଁ ନୁହେଁ, କୁଳଗୁରୁ ବଶିଷ୍ଠ ଓ ଅଯୋଧ୍ୟାର ଲୋକମାନେ ଚାହାନ୍ତି ଆପଣ ଅଯୋଧ୍ୟାକୁ ଫେରି ଚାଲନ୍ତୁ ଓ ଅଯୋଧ୍ୟାର ସିଂହାସନ ଆରୋହଣ କରନ୍ତୁ।ପ

ଭରତଙ୍କ କଥାକୁ ସମର୍ଥନ କରିଥିଲେ କୁଳଗୁରୁ ବଶିଷ୍ଠ ଓ ଅନ୍ୟମାନେପ। ମାତା କୌଶଲ୍ୟା ଓ ସୁମିତ୍ରା ମଧ୍ୟ ଶ୍ରୀରାମ ଓ ସୀତାଙ୍କୁ ଅଯୋଧ୍ୟା ଫେରି ଚାଲିବାକୁ କହିଥିଲେ।

ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ସମସ୍ତଙ୍କୁ ଗୋଟିଏ ମାତ୍ର କଥା କହିଥିଲେ ମୋ ପିତା ଅଯୋଧ୍ୟା ନରେଶ ଦଶରଥଙ୍କ ସତ୍ୟ ପାଳନ କରିବାକୁ ବନବାସ ମୁଁ ସ୍ୱେଚ୍ଛାରେ ଗ୍ରହଣ କରିଛି। ସୂର୍ଯ୍ୟବଂଶର ଗର୍ବ ଓ ସ୍ୱାଭିମାନ ହେଉଛି ସତ୍ୟରକ୍ଷା କରିବା। ଆପଣମାନେ ମୋତେ ମୋ ଧର୍ମ ପାଳନ କରିବାକୁ ସାହାଯ୍ୟ କରନ୍ତୁ। ଚଉଦଟି ବର୍ଷ ଗୋଟେ ଦିନ ପରି ସରିଯିବ। ମୁଁ ଅଯୋଧ୍ୟା ଫେରିବି ଓ ସିଂହାସନ ଆରୋହଣ କରିବି। ଶ୍ରୀରାମଙ୍କ କଥା ସମସ୍ତଙ୍କୁ ଚୁପ୍ କରାଇ ଦେଲା।

ଯଦି ଆପଣଙ୍କ ଅଯୋଧ୍ୟା ଫେରିବା ସମ୍ଭବ ନୁହେଁ- ଆପଣ ମୋତେ ଆପଣଙ୍କ ପାଦୁକା ଦିଅନ୍ତୁ। ମୁଁ ସେଇ ପାଦୁକାକୁ ନେଇ ସିଂହାସନ ଉପରେ ରଖିବମି ଓ ଆପଣଙ୍କ ପ୍ରତିନିଧି ହୋଇ ଅଯୋଧ୍ୟାର ରାଜକାର୍ଯ୍ୟ ସମାପନ କରିବି। ଭରତ ଶ୍ରୀରାମଙ୍କୁ ପ୍ରାର୍ଥନା କଲେ। ସେଠାରେ ଥିବା ଗୁରୁ, ମାତା ଓ ଅନ୍ୟମାନେ ଭରତଙ୍କ କଥା ଶୁଣି ତାଙ୍କୁ ଧନ୍ୟ କହିଲେ। ଏକ ନୂଆ ପାଦୁକା ଭରତ ଶ୍ରୀରାମଙ୍କୁ ଧରାଇ ଦେଲେ। ଶ୍ରୀରାମ ସେ ପାଦୁକାକୁ ଥରେ ପାଦରେ ରଖି ଭରତଙ୍କୁ ଫେରାଇଦେଲେ। ଭରତଙ୍କ ଆଖି ଛଳଛଳ ହୋଇ ଉଠିଲା। ସେସ ପାଦୁକା ଦୁଇଟିକୁ ଆଣି ନିଜ ମଥା ଉପରେ ରଖିଲେ ଓ ଅଯୋଧ୍ୟା ଫେରିଯିବାକୁ ଭ୍ରାତା ଶ୍ରୀରାମଙ୍କଠାରୁ ବିଦାୟ ମାଗିଲେ।

ଭ୍ରାତୃଭକ୍ତିର ଚରମ ନିଦର୍ଶନ ପ୍ରଦର୍ଶନ କରିଥିଲେ ଭରତ। ରାମାୟଣ କେବଳ ଶ୍ରୀରାମ, ସୀତା ଓ ଲକ୍ଷ୍ମଣଙ୍କ କଥା ନୁହଁ ଭରତଙ୍କ ପରି ଭ୍ରାତୃଭକ୍ତଙ୍କ କଥା ମିନା ଅପା ରାମାୟଣ କଥା ଏଇଠି ରଖିଲେ। ଅଯୋଧ୍ୟା କାଣ୍ଡ ସମାପ୍ତ ହେଲା।(କ୍ରମଶଃ)

♥ (ମୋ) ୯୯୮୦୩୦୦୭୫୧

---

## କବିତା
ତୁମ ପାଇଁ

### କୁନା ବୋଲି ଛୋଟ ପିଲାଟିଏ
ରମେଶ ଚନ୍ଦ୍ର ନାୟକ

କୁନା ବୋଲି ଛୋଟ ପିଲାଟିଏ
ପଞ୍ଚମ ଶ୍ରେଣୀର ଛାତ୍ର ସିଏ
ଭଲ ପଢେ ବୋଲି ସଭିଙ୍କର ପ୍ରିୟ
ପ୍ରଶଂସାର ପାତ୍ର ହୋଇଥାଏ ।

ଦୁଷ୍ଟ ସାଥି ମେଳେ ସାଙ୍ଗ ହେଲା
ଚାଟଶାଳୀ ବାଟ ଭୁଲିଗଲା
ଖେଳକୁଦ ର ସେ ସମୟ କାଟିଲା
ମୋବାଇଲି ଧରି ଦେଖୁଥିଲା ।

ବାପା ମାଆ ଗୁରୁ ଚିନ୍ତାଘାରେ
ଯେତେ ଚେଷ୍ଟାକଲେ ନସୁଧୁରେ
ଘରେ ଥିଲାବେଳେ ପାଠପଢା ଛାଡି
ଟିଭିରେ କ୍ରିକେଟ ବାୟାକରେ ।

ଗୁରୁ ଉପଦେଶ ନେଇଥିଲେ
ବାପାମାଆ ଦିନେ କଥାହେଲେ
ଟିଭି ତାଲା ଦେଇ ଫୋଅନ ଲୂଚାଇ
କୁନାକୁ ତ ସିଏ ବୁଝାଇଲେ ।

କାନ୍ଦି କରି କୁନା ଜିଦି କଲା
ଖିଆ ପିଆ ସିଏ ଛାଡିଦେଲା
ମାଆ ହେଲା ଘୁଣି ପୁଅ ମନ ଜାଣି
ତା'ର କଥା ମାନି ନେଇଥିଲା ।

ଚାହୁଁ ଚାହୁଁ ଦିନ ଗଡିଗଲା
ବାର୍ଷିକ ପରୀକ୍ଷା ଆସିଗଲା
ପାଶ୍ କରି ଗଲେ ସବୁ ସାଙ୍ଗ ସାଥି
କୁନା ଫେଲ୍ ହୋଇ ଯାଇଥିଲା ।

କରିଥିଲେ ଘୃଣା ସାଙ୍ଗ ସାଥି
ଚିନ୍ତା କରି ଥିଲା କୁନା ଏଥି
ଦୁଷ୍ଟ ସାଙ୍ଗ ଠାରୁ ରହିଲା ଦୂରେଇ
ଟିଭି ମୋବାଇଲେ ନାହିଁ ମତି ।

ନିଜ ଭୁଲ୍ ନିଜେ ବୁଝିଗଲା
ପାଠ ପଢା ପ୍ରତି ଧ୍ୟାନଦେଲା
ଈଶ୍ୱର ଙ୍କୁ ସ୍ମରି କ୍ଷମା ମାଗି କରି
କରିବନି ଭୁଲ୍ କଥାଦେଲା।

କେଶରପୁର , ବକ୍ସି ବଜାର , କଟକ
ମୋ :- ୭୯୭୮୧୫୧୭୧୦

### ନଈ
ନିରଞ୍ଜନ ସାହୁ

ପାହାଡ଼ି କନିଆ ବନ ଝରଣା ମୁଁ
ବଡ଼ ହେଲେ ହୁଏ ନଈଟି
କୁଳୁକୁଳୁ ହୋଇ ଯାଉଥାଏ ଧାଇଁ
ଖୁସି ମନେ ଗୀତ ଗାଇଟି ।

ବଣ ପରବତ କେତେ ଜନପଦ
ଡେଇଁଡେଇଁ ଯାଏ ମୁହିଁ ତ
ଶାଖାନଦୀ ଆଉ ଉପନଦୀ ସହ
ସାଗରକୁ ଥାଏ ଛୁଇଁ ତ ।

ମୋର ଦୁଇ କୂଳେ ସବୁଜ ବିପ୍ଳବ
ହୁଏ ଜାତିଜାତି ଫସଲ
ଚାଷକାର୍ଯ୍ୟ ଚାଷୀ ସଦା କରୁଥାଏ
ସିଏ ଅନ୍ନଦାତା ଅସଲ ।

ବେଳେବେଳେ କିନ୍ତୁ ବରଷା କାଳରେ
ଅତ୍ୟଧିକ ଜଳ ଆସଇ
ନଈ ବଢି ହୋଇ କ୍ଷୟକ୍ଷତି କରେ
ଗାଆଁଗଣ୍ଡା ଜଳେ ଭାସଇ ।

ମୋହରି ବକ୍ଷରେ ନାଆ ମେଲିଦେଇ
ନାଉରିଆ ପାରି କରଇ
ଫୋପଡା ଜାଲଟା ଫୋପାଡ଼ି ଦେଇକି
ବେଳେବେଳେ ମାଛ ଧରଇ ।

ମୋ ଜଳୁ ବାହାରେ ବିଦ୍ୟୁତ ଶକତି
ମୋ ଜଳରେ ଜଳସେଚନ
ସିନାନ ଶଉଚ , ପୂଜା ପାର୍ବଣରେ
ମୁଁ କରଇ ପାପମୋଚନ ।

ମୋହରି କୂଳରେ ନାନା ତୀର୍ଥକ୍ଷେତ୍ର
ମୋ ଜଳ ପବିତ୍ର ଅଟଇ
ଶୀତଳତା ଜଳ ତୃଷାକୁ ମେଣ୍ଟାଏ
ଜଗତ ହିତେ ମୁଁ ଖଟଇ ।

ମୋ ଜଳରେ ଥାଏ ଔଷଧୀୟ ଗୁଣ
ଏ କଥା ମଣିଷ ଜାଣିଛି
ପ୍ରଦୂଷଣ କରି ମୋହରି ଜଳକୁ
ବିପଦକୁ ଟାଣି ଆଣିଛି ।

ମୋହରି ମୁହାଣେ ବନ୍ଦର ହୁଅଇ
ଚାଲଇ ବଣିଜ ବେପାର
ଜାହାଜରେ ପରିବହନ ହୁଅଇ
ଏ ଦେଶୁ ସାଗର ସେପାର ।

ଖରାଦିନେ ଜଳ ଧାର କମିଯାଏ
ମନ ଦୁଃଖ ହୁଏ ସେକାଳେ
ନଈ ବାଲି ନେଇ ଘରଦ୍ୱାର ଗଢ଼ା
ହେଉଅଛି ପରା ଏକାଳେ ।

ପ୍ରଭୁଙ୍କ ଆଶିଷ ଧାରଣ କରି ମୁଁ
ଜଗତ ସେବାରେ ଲାଗିଛି
ପ୍ରଭୁଙ୍କୁ ବିନୀତ ପ୍ରାର୍ଥନା ପୂର୍ବକ
ସଂସାର ମଙ୍ଗଳ ମାଗିଛି ।

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ -୭୫୯୦୧୬
ମୋ: ୯୯୩୮୭୪୧୫୮୩

### କୋଳେଇ ନିଅନ୍ତି ସିଏ
ଶିଶିର କୁମାର ପଣ୍ଡା



ଯାହା ନାହିଁ ତୁମ ପାଖରେ ତା' ପାଇଁ
ଦୁଃଖ କିଆଁ କର କୁହ
ଯେତିକି ଈଶ୍ୱର ଦେଇଛନ୍ତି ତାହା
ନେଇ ତୁମେ ଖୁସି ରୁହ ।

ଯାହାକୁ ଯେମିତି ରଖିବା କଥା ସେ
ଭଲକି ଅଛନ୍ତି ଜାଣି
ସେଇଥିପାଇଁ ତ ସୁଖ ଦୁଃଖ କେତେ
ଦିଅନ୍ତି ଆମକୁ ଆଣି ।

ଦୁଃଖ ଦେଇ ସିଏ ପରୀକ୍ଷା କରନ୍ତି
ସହନ ଶକତି ଗୁଣ
ଖାଇବା ଲୋକଙ୍କୁ ଯୋଗେଇ ଦିଅନ୍ତି
ନଅ ଭଜା ତିନି ତୁଣ ।

ସିଏ ନ ଚାହିଁଲେ ହୁଏନାହିଁ ଦିନ
ଆସେନି ଚାନ୍ଦ କି ତାରା
ନଦୀ ବି ଛୁଏଁନା ସାଗର ଜଳକୁ
ଝରେନି ବରଷା ଧାରା ।

ଅନ୍ତର ଜାଣିକି ଗୋଟି ଗୋଟି ଚିଜ
ପରଶି ଦିଅନ୍ତି ସିଏ
କୋଳେଇ ନିଅନ୍ତି ସବୁଛାଡ଼ି ତାଙ୍କୁ
ଭକତିରେ ଡାକେ ଯିଏ ।

+କୁଆଁସ , ମେରଦା କାଟିଆ , ଯାଜପୁର
ମୋ: ୮୯୮୧୭୩୭୨୨୮

---

# ଈଶ୍ୱର ସବୁ ଦେଖୁଛନ୍ତି
ଦେବେନ୍ଦ୍ର କର



ସେଦିନ ଲିପୁନ ମୁଣ୍ଡରେ କଣ ଅଚାନକ ଢୁକିଲା ଯେ ପ୍ରଶ୍ନ କଲା ବାପା ଈଶ୍ୱର ଯଦି ଅଛନ୍ତି ତେବେ ଦିନକ ପାଇଁ କାହିଁକି ଦର୍ଶନ ଦେଉନାହାନ୍ତି ? ଦେବାଦେବୀ ତ ଅନେକ ଜଣେ କେହି ତ ଆସି ପାରନ୍ତେ। ନା ମଣିଷ ମାନଙ୍କ ପରି ସେମାନେ ବି ବ୍ୟସ୍ତରେ ରହୁଛନ୍ତି ନା ଆମ ପୂଜାପାଠରେ ଦେବାଦେବୀ ସନ୍ତୁଷ୍ଟ ନୁହନ୍ତି ? ଲୁପୁନ ମୁହଁରୁ ଏତେ ଗୁଡିଏ ପ୍ରଶ୍ନ ଶୁଣି ବାପା କହିଲେ ଆରେ ଈଶ୍ୱର ଅଛନ୍ତି ବୋଲି ତ ଏ ଜଗତ ଚାଲିଛି। ସେ ଆମ ଆଖପାଖରେ ରହି ଆମ ଦୋଷତ୍ରୁଟିକୁ ସୁଧାରିଥାନ୍ତି। ଆମେ ଏଠି ଯାହା କିଛି କରୁଛ ସେ ସବୁ ଦେଖୁଛନ୍ତି ଏଣୁ ସର୍ବଦା ସତ ପଥରେ ଚାଲିବା ଆଉ ଧ୍ୟାନ ଦେଉଥିବା ଯେମିତି କେବେ କୌଣସି ଦୋଷତ୍ରୁଟି ରହିନଯାଏ। ଯିଏ ଆମର ଶୁଭଚିନ୍ତକ ଓ ମାର୍ଗଦର୍ଶକ ଭଲା ତାଙ୍କୁ କଣ ଆମେ ଅବମାନନା କରିପାରିବା। ଆମେ ଈଶ୍ୱରଙ୍କ ଅସ୍ତିତ୍ୱକୁ ନିଶ୍ଚୟଁ ଅନୁଭବ କରିପାରିବା ଏଥିଲାଗି ଲୋଡା କେବଳ ଗଭୀର ଭକ୍ତିଭାବ। ବାପା ଭଲ ଭାବରେ ଜାଣୁଥିଲେ ଈଶ୍ୱର ସମ୍ବନ୍ଧରେ ଲିପୁନ ପାଇଁ ଏତିକି ଶବ୍ଦ ହିଁ ଯଥେଷ୍ଟ। କଅଁଳ ବୟସ ଚଚଂଳିଆ ମନ ତା ମନରେ ଉଠିଥିବା ପ୍ରଶ୍ନ ଅଦିନିଆ ବର୍ଷାର ଏକ ଝଲକ ପରି। ସବୁ କଥା ଶୁଣି ଲିପୁନ ମୁଣ୍ଡ ଟୁଙ୍ଗାରିଲା ଆଉ ବାପା ତାଙ୍କ କାମରେ ମନଯୋଗ ଦେଲେ।

ତହିଁ ଆର ଦିନ ସନ୍ଧ୍ୟାରେ ବାପା ଅଫିସ୍‌ରୁ ଫେରିଲେ। ଲିପୁନ୍ ଦୌଡିଆସି ତାଙ୍କ ହାତରୁ ମୋବାଇଲ ଆଉ ଘଟଂାଟା ନେଇ ଯଥା ସ୍ଥାନରେ ସାଇତି ଦେଲା। ସବୁଦିନ ପରି ଆଜି ବି ବାପାଙ୍କ ହାତକୁ ପାଣି ଗିଲାସେଟେ ବଢେଇଦେଲା। ବାପା ପଚାରିଲେ ଆରେ ଲିପୁନ୍ ଆମ ପିଜୁଳି ଗଛରେ ଆଉ ପିଜୁଳି ଅଛି ନା ନାହିଁ ?। ଲିପୁନ୍ କହିଲା ବାପା ପିଜୁଳ ତ ବହୁତ ଥିଲା ହେଲେ ଆଜି ଖରାବେଳେ ଦଳଦଳ ମାଙ୍କଡ ଆସି ସବୁ ଛିଣ୍ଡେଇ ଖାଇଛନ୍ତି ମୁଁ ଯେତେ ଘଉଡେଇଲି ସେ ମାନିଲେ ନାହିଁ। ହେଲେ ବାପା ସେପଟେ ସୁଧା ମାଉସୀଙ୍କ ଗଛରେ ବହୁତ ପିଜୁଳି ହେଇଛି। ବାପା କହିଲେ ମୁଁ ଅଫିସ୍‌ରେ ଜଣଙ୍କୁ କହି ଆସିଛି କାଲି ତାଙ୍କ ପାଇଁ ପିଜୁଳି ନେବି ବୋଲି। ଗଲା ବର୍ଷ ଦେଇଥିଲି ଯେ ସେ ଭାରି ପ୍ରଶଂସା କରିଥିଲେ। କାଲି ପିଜୁଳି ନନେଲେ ସେ କାଳେ କଣ ଭାବିବେ। ହଉ ତେବେ ଠିକ୍ ଅଛି ଦେଖିବା ଏତିକି କହି ବାପା କିଛି କ୍ଷଣ ପାଇଁ ସୋଫା ଉପରେ ବସିପଡିଲେ।

ସଂଜ ନଇଁ ଅନ୍ଧାର ଘୋଟି ଆସିଲାଣି। ବାପାଙ୍କ ମୁଣ୍ଡରେ କଣ ଜୁଟିଲା କେଜାଣି ଡାକ ଦେଲେ ଆରେ ଲିପୁନ ଟର୍ଚ ଧରି ଟିକେ ଛାତ ଉପରକୁ ଆସିଲୁ। ବାପାଙ୍କ ଡାକ ଶୁଣି ଲିପୁନ୍ ସଙ୍ଗେ ସଙ୍ଗେ ତାଙ୍କ ପଛେ ପଛେ ଧାଇଁଲା। ଲିପୁନ୍ ତୁ ଏଇଠି ରହ ମୁଁ ସୁଧା ମାଉସୀଙ୍କ ଛାତ ଉପରୁ ଅଳ୍ପ ଦିଟା ପିଜୁଳି ତୋଳି ଆଣେ। ହଁ ଶୁଣୁ କେହି ଆସିଲେ ମତେ ଡାକି ଦେବୁ। ସୁନା ପିଲାଙ୍କ ପରି ଲିପୁନ ଜଗି ରହିଲା। ବାପା ଥିରି ଥିରି ପାଦ ବଢେଇଲେ ସୁଧା ମାଉସୀଙ୍କ ଛାତ ଉପରେ। ଆଖପାଖ ଆଲୁଅରେ ପାଚିଲା ପିଜୁଳି ସବୁ ସ୍ପଷ୍ଟ ଦିଶୁଥାଏ। ଏଇ ସମୟରେ ଲିପିନୁ ଧୀର ସ୍ୱରରେ ଡାକ ଦେଲା ବାପା ଫେରିଆସି କେହି ଦେଖୁଛନ୍ତି। ବାପା ଚୁପ୍ କିନା ନଇଁ ପଡିଲେ। କୋଉଠି କିଛି ତ ସୋରଶବ୍ଦ ନାହିଁ ଏ ଲିପୁନ୍ କାହାକୁ ଆଉ ଦେଖିଲା। ଛାତ ଉପର ଶିଉଳି ଦର୍ଶାଉ ଥାଏ ଆଗକୁ ଯିବା ବିପଦ। ନଣ୍ଡା ଛାତ ପୁଣି ବର୍ଷା ଗୋଟେ ପଟକୁ ଢାଙ୍କି ରହିଛି। ଫେରିଆସି ବାପା ପଚାରିଲେ ଆରେ ଲିପୁନ୍ କେହି ତ କୋଉଠି ନାହାନ୍ତି ତୁ କାହାକୁ ଦେଖିଲୁ। ଲିପୁନ ସଙ୍ଗେସଙ୍ଗେ କହି ଉଠିଲା ବାପା ସେଦିନ କହିଥିଲ ପା ଆମେ ଯାହା କିଛି କରୁ ଈଶ୍ୱର ସବୁ ଉପରେ ନଜର ରଖିଛନ୍ତି। ଆମେ ଯଦି ଭୁଲ ବାଟରେ ଯିବା ସେ କଣ ଆମକୁ କ୍ଷମା ଦେବେ। ପୁଅ ମୁହଁରୁ ସତଟା ଶୁଣି ବାପାଙ୍କ ମୁହଁ ଏକବାର ଫିକା ପଡିଗଲା। ନିଜ ଶବ୍ଦରୁ ଓହରି ଯାଇଥିବାରୁ ମନଟା ଖୁବ୍ କଷ୍ଟ ଲାଗିଲା। ମନେ ମନେ ଈଶ୍ୱରଙ୍କୁ ସ୍ମରଣ କଲେ ପ୍ରଭୁ ମତେ ଆଜି ଗୋଟେ ଭୁଲ କାର୍ଯ୍ୟରୁ ଆପଣ ନିବୃତ ରଖିଲେ ଆଉ ମୋ ଜୀବନ ବି ବଚାଂଇଲେ। ଆପଣଙ୍କୁ କୋଟି କୋଟି ପ୍ରଣାମ। ସେଦିନ କହିଥିବା କଥାକୁ ଆଜି ପାଳନ କରିଥିବାରୁ ବାପା ଲିପୁନ୍‌ର ପିଠି ଥାପୁଡେଇ ସାବାସି ଦେଲେ। ଆଉ କହିଲେ ଈଶ୍ୱର ଅଛନ୍ତି ଆଉ ସବୁ ଦେଖୁଛନ୍ତି ଆଉ ତାଙ୍କ ପରି ନ୍ୟାୟବନ୍ତ ଏ ଜଗତରେ ଆଉ କେହି ବି ନାହିଁ। ବାପାଙ୍କ କଣ୍ଠସ୍ୱର ଏବେ ବେସ୍ ଦମ୍ଭ ଜଣାପଡୁଥାଏ।

+ମଙ୍ଗଳାବାଗ, ନିୟୋଗି କଲୋନି,
କଟକ-୧ ,
ମୋ:୯୯୩୭୯୬୩୯୧୦

---

# ପ୍ରକୃତ ଦଣ୍ଡ
ନଗେନ୍ଦ୍ର ନାଥ ପଟ୍ଟନାୟକ





ଥରେ ଛତ୍ରପତି ଶିବାଜୀଙ୍କ ଗୁରୁ ସମର୍ଥ ରାମଦାନ ସତାରା ଯାତ୍ରା କରୁଥାନ୍ତି । ମଝିରେ ସେ ଦେହେ ଗ୍ରାମରେ ଅଟକିଗଲେ । ଶିଷ୍ୟ ଦତ୍ତୁବୁବା ବି ସାଙ୍ଗରେ ଥିଲେ । ଦତ୍ତୁବୁବା କହିଲେ -ଆପଣ ଏଇଠି ବସିପଡନ୍ତୁ । ମୁଁ କିଛି ଖାଦ୍ୟ ଦରବ ଯୋଗାଡ କରି ଆଣୁଛି । ଖୋଜେ ବାଟ ଗଲାପରେ ଦତ୍ତୁବୁବା ଭାବିଲେ ତାଙ୍କ ଫେରିବା ଡେରି ହୋଇପାରେ । ଏଣୁ ପାଖ ମକା କିଆରିରୁ ଚାରିମୁଠା ମକା ତୋଳି ଆଣିଲେ । ସେମାନେ ମକା ଖାଇବାକୁ ଗଲାବେଳକୁ କ୍ଷେତରେ ଧୂଆଁ ବାହାରିବା ଦେଖି ମାଲିକ ତତକ୍ଷଣାତ ଆସି ସେଠି ହାଜର ହୋଇଗଲା । ସେ ହାତରେ ଠେଙ୍ଗା ଉଁଚେଇ ରାମଦାସଙ୍କୁ ପ୍ରହାର କରିବା ଆରମ୍ଭ କରିଦେଲା । ଶିଷ୍ୟ ଦତ୍ତୁବୁବା ତାକୁ ରୋକିବାକୁ ଚେଷ୍ଟା କଲା ବେଳକୁ ସମର୍ଥ ରାମଦାସ ତାଙ୍କୁ ସେମିତି କରିବାକୁ ବାରଣ କଲେ । ପରେପରେ ଦତ୍ତୁବୁବା ନିଜ କର୍ମପାଇଁ ପଶ୍ଚାତାପ କଲେ । କାହିଁକିନା ତାଙ୍କ ଯୋଗୁ ଗୁରୁ ରାମଦାସଙ୍କୁ ଆଜି ତୁଛାଟାରେ ଠେଙ୍ଗାମାଡ ଖାଇବାକୁ ପଡିଲା ।

ତହିଁ ପରଦିନ ସେଇ ଲୋକଟି ସତାରାରେ ପହଁଚିଲା । ସମର୍ଥ ରାମଦାସଙ୍କ ମଥାରେ ପଟି ବନ୍ଧା ହୋଇଥିବା ଦେଖି ଶିବାଜୀ ତାଙ୍କୁ ଏ ସଂପର୍କରେ ପଚାରିଲେ । ଟିକିନିଖି କଥା ଜାଣିବାକୁ ପାଇଲେ । ତା ପରେ ସେ କ୍ଷେତ ମାଲିକକୁ ଡକାଇବାକୁ କଡା ଆଦେଶ ଦେଲେ । ସମ୍ରାଟ ଛତ୍ରପତି ଶିବାଜୀଙ୍କ ଆଜ୍ଞା ତ ଶିରୋଧାର୍ଯ୍ୟ । ସଙ୍ଗେ ସଙ୍ଗେ ସୈନ୍ୟମାନେ ଛୁଟିଯାଇ କ୍ଷେତ ମାଲିକକୁ ଠାବ କଲେ । ତାକୁ ଭିଡିଆଣି ସମ୍ରାଟ ଶିବାଜୀଙ୍କ ସମ୍ମୁଖରେ ହାଜର କରାଇଲେ । ଲୋକଟି ଗୋଟାପଣେ ବରଡା ପତ୍ର ଭଳି ଥରୁଥାଏ । ଶିବାଜୀ ତାଳରୁ ତଳିପା ଯାଏ ତାକୁ ଘଡିଏ ଅନେଇ ରହିଲେ ।

କ୍ଷେତ ମାଲିକ ଯେତେବେଳେ ଜାଣିଲା ଯେ କାଲି ସିଏ ଯାହାଙ୍କୁ ଲାଠି ପ୍ରହାର କରିଥିଲା ସେ ଜଣକ ଆଉ କେହି ନୁହଁନ୍ତି ଖୋଦ୍ ଶିବାଜୀଙ୍କ ଗୁରୁ ରାମଦାସ ସେତେବେଳେ ତାର ହୋସ ଉଡିଗଲା । ଶିବାଜୀ ସମର୍ଥ ରାମଦାସଙ୍କୁ ହାତଯୋଡି କହିଲେ -ମହାରାଜ କୁହନ୍ତୁ ,ଏବେ ୟାକୁ କି ଦଣ୍ଡରେ ଦଣ୍ଡିତ କରିବା ? କ୍ଷେତ ମାଲିକ ସ୍ୱାମୀ ରାମଦାସଙ୍କ ଚରଣରେ ଲୋଟିପଡିଲେ ଓ ତାଙ୍କଠୁ କ୍ଷମା ଯାଚନା କଲେ । ସମର୍ଥ ରାମଦାସ କହିଲେ -ଇଏ କୋଉ ଭୁଲକାମ କରିନି । ବରଂ ଇଏ ଏକ ପ୍ରକାର ମୋ ମନର ପରୀକ୍ଷା ନେଇଥିଲା । ଜଣେ ରାଜାଙ୍କ ଗୁରୁ ହିସାବରେ ମନରେ ମୋର ଅହଂକାର ଜାତ ହୋଇ ନ ଥିଲା ବୋଲି ୟା ମାଡରୁ ବେଶ୍ ଜଣାପଡିଗଲା । ତେଣୁକରି ତାକୁ ସଜା ବଦଳରେ ବହୁ ମୂଲ୍ୟବାନ ବସ୍ତ୍ର ଦାନ କରାଯାଇ ମାନ ସମ୍ମାନ ଓ ମର୍ଯ୍ୟାଦା ସହ ବିଦାୟ ଦିଆଯାଉ । ୟା ପାଇଁ ଏଟା ଇ ପ୍ରକୃତ ଦଣ୍ଡ ।

+୯୯୯ , ଜଗମୋହନ ନଗର,
ଜାଗମରା, ଖଣ୍ଡଗିରି
ଭୁବନେଶ୍ୱର,
ମୋ-୯୪୨୩୮୩୩୨୧୩୮

# ଖୋର୍ଦ୍ଧା ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ

ଖୋର୍ଦ୍ଧା/ଭୁବନେଶ୍ୱର,୧୩/୦୫ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ପ୍ରକଳ୍ପ ଉନ୍ନୟନ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଖୋର୍ଦ୍ଧା ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଜିଲ୍ଲାପାଳସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତହୋଇଯାଇଛି । ବୈଠକରେ ରାଜ୍ୟ ବିଜ୍ଞାନ ଓ କାରିଗରୀ କୌଶଳ, ସାଧାରଣ ଉଦ୍ୟୋଗ,ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର,ବେଗୁନିଆ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁ, ଜିଲ୍ଲାପରିଷଦ ଅଧ୍ୟକ୍ଷା ଶ୍ରୀମତୀ ରୂପଶ୍ରୀରାଣୀ ଗୁମାନ ସିଂଙ୍କ ସମେତ ଜିଲ୍ଲା, ଉପଖଣ୍ଡ, ତହସିଲ ଓ ବ୍ଲକ ସ୍ତରୀୟ ପ୍ରଶାସନିକ ଅଧିକାରୀ, ଜିଲ୍ଲାର ସମସ୍ତ ପଂଚାୟତ ସମିତି ଅଧ୍ୟକ୍ଷ, ଅଧ୍ୟକ୍ଷାଙ୍କ ଉପସ୍ଥିତିରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅନୂଜ କୁମାର ଦାସ ପଟ୍ଟନାୟକ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ସମ୍ପର୍କରେ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ ।

ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ମହାପାତ୍ର ଆଗାମୀ ମୌସୁମୀ ଋତୁରେ ସମ୍ଭାବ୍ୟ ବାତ୍ୟା ବା ବନ୍ୟା ପରିପ୍ରେକ୍ଷୀରେ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ବୈଠକରେ ଭୁବନେଶ୍ୱର ମହାନଗର ନିଗମରେ ଡ୍ରେନେଜ ସମସ୍ୟା ସଂପର୍କରେ ଆଲୋଚନା କରାଯାଇଥିଲା । ଏ ସଂପର୍କରେ ମନ୍ତ୍ରୀ ଶ୍ରୀ ପଣ୍ଡା ଜାଗମରାରୁ ଗଙ୍ଗୁଆ ପର୍ଯ୍ୟନ୍ତ ବିଏମସିର ୪୯ ନଂ ୱାର୍ଡ ଏବଂ ପାଖାପାଖି ଅଂଚଳରେ ଡ୍ରେନେଜ୍ ସମସ୍ୟାର ସମାଧାନକୁ ନେଇ ଗଙ୍ଗୁଆ ଆକ୍ସନ ପ୍ଲାନ୍ ପ୍ରସ୍ତୁତି ଓ ଏହାର କାର୍ଯ୍ୟକାରିତା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ଯୋଗଦେଇ ଖୋର୍ଦ୍ଧା ବିଧାୟକ ଶ୍ରୀ ମିତ୍ର ଖୋର୍ଦ୍ଧା ସହର ମଧ୍ୟରେ ବର୍ଷା ହେଲେ ଡ୍ରେନେଜ ସମସ୍ୟା ଉପୁଜୁଥିବାରୁ ଡ୍ରେନ୍ ଓ କଲଭର୍ଟ ନିର୍ମାଣ ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ପଦକ୍ଷେପ ନେବାକୁ ମତ ରଖିଥିଲେ ।ବେଗୁନିଆ ବିଧାୟକ ତଥାଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁ ବାଣପୁର ପୌରାଂଚଳରେ ଡ୍ରେନେଜ ସମସ୍ୟାର ସମାଧାନ ପାଇଁ ପୂର୍ତ୍ତ ବିଭାଗ ଜରୁରୀକାଳୀନ ପଦକ୍ଷେପ ନେଇ ବ୍ୟବସ୍ଥାଗ୍ରହଣ କରିବାକୁ ସେ ବୈଠକରେ ଦୃଷ୍ଟି ଆକର୍ଷଣ କରିଥିଲେ । ବୋଲଗଡରେ ନୂଆ ବାତ୍ୟା ଆଶ୍ରୟ ସ୍ଥଳ ନିର୍ମାଣ ପାଇଁ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ଶ୍ରୀ ସାହୁ ପ୍ରସ୍ତାବ ରଖିଥିଲେ । ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟରେ ସମସ୍ତେ ମିଳିମିଶି ମୁକାବିଲା କରିବାକୁ ସମସ୍ତ ଅଧିକାରୀ ଓ ଜନପ୍ରତିନିଧିମାନଙ୍କ ସହଯୋଗ କାମନା କରିଥିଲେ । ବୈଠକର ପ୍ରାରମ୍ଭରେ ଜିଲ୍ଲାପାଳ ୨୦୨୧ ମସିହାରେ ସଂଘଠିତ 'ଜୱାଦ' ବାତ୍ୟାରେ ଯେଉଁ ଚାଷୀମାନେ ଅଦ୍ୟାବଧି କ୍ଷତିପୂରଣ ପାଇନାହାଁନ୍ତି, ସେମାନଙ୍କୁ ଚଳିତ ମେ ମାସ ୨୫ ତାରିଖ ସୁଦ୍ଧା କ୍ଷତିପୂରଣ ପ୍ରାପ୍ୟ ଅର୍ଥ ପ୍ରଦାନ କରିବାକୁ ଜିଲ୍ଲାପାଳ ସଂପୃକ୍ତ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି 'ଫନୀ' ବାତ୍ୟାରେ ପାନବରଜ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସେମାନଙ୍କର ପ୍ରାପ୍ୟ ପ୍ରଦାନ କରିବାକୁ ଜିଲ୍ଲା କୃଷି ଅଧିକାରୀଙ୍କୁ ବୈଠକରେ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବୈଠକର ନିଷ୍ପତ୍ତି ଅନୁସାରେ ଓଡିଶା ରିଲିଫ କୋଡ୍ ଅନୁଯାୟୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜିଲ୍ଲା ଜରୁରୀ ବିଭାଗ, ଭୁବନେଶ୍ୱର ଓ ଖୋର୍ଦ୍ଧା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜିଲ୍ଲାର ସମସ୍ତ ତହସିଲ ଓ ବ୍ଲକ କାର୍ଯ୍ୟାଳୟ, ଜିଲ୍ଲାରେ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ନିୟନ୍ତ୍ରଣ କକ୍ଷ ଆସନ୍ତା ଜୁନ୍ ମାସ ପ୍ରଥମ ଦିବସରୁ ନଭେମ୍ବର ମାସ ଶେଷ ପର୍ଯ୍ୟନ୍ତ ଚବିଶ ଘଂଟିଆ କାର୍ଯ୍ୟକ୍ଷମ ହେବ । ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ଆବଶ୍ୟକ ସଂଖ୍ୟକ ପଲିଥିନ୍ ମହଜୁଦ ରଖାଯିବା ସଂପର୍କରେ ବୈଠକରେ ଆଲୋଚନା କରାଯାଇଛି । ଦୁର୍ବଳ ନଦୀ ଓ କେନାଲ ବନ୍ଧ ପ୍ରତି ନଜର ରଖି ତଦନୁସାରେ ପ୍ରସ୍ତୁତି ପାଇଁ ଜଳସେଚନ ବିଭାଗୀୟ ନିର୍ବାହୀଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଇତିମଧ୍ୟରେ ଜିଲ୍ଲା ଦେଇ ଯାଇଥିବା ବିଭିନ୍ନ ନଦୀର ନଦୀବନ୍ଧ ଉଚ୍ଚତା ବୃଦ୍ଧି କରାଯାଇଥିବା ସଂପୃକ୍ତ ନିର୍ବାହୀଯନ୍ତ୍ରୀମାନେ ପ୍ରକାଶ କରିଥିବା ବେଳେ ପରିସ୍ଥିତିକୁ ଦୃଷ୍ଟିରେ ରଖି ନଦୀରେ ବନ୍ୟା ଜଳପ୍ରବାହ ବେଳେ ସ୍ଥିତି ଅନୁଧାନ କରି ତଦନୁସାରେ ପ୍ରସ୍ତୁତି ରହିଲେ ନଦୀରେ ଘାଇ ସୃଷ୍ଟିର ସମ୍ଭାବନା ହେବ ନାହିଁ ବୋଲି ବୈଠକରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ସମସ୍ତ ନଦୀବନ୍ଧର ଯୁଗ୍ମ ତନଖି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଚିଛି । ଜଳସେଚନ ବିଭାଗର ସଂପୃକ୍ତ ଯନ୍ତ୍ରୀମାନେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ବନ୍ୟା ପ୍ରସ୍ତୁତି ଉପକରଣ ମହଜୁଦ ପାଇଁ ନେଇଥିବା ଆଗୁଆ ପଦକ୍ଷେପ ସଂପର୍କରେ ପ୍ରକାଶ କରିଥିଲେ ।

# ସ୍କୁଲରେ ଖୋଲିବ ଯୁବ ଟୁରିଜିମ୍ କ୍ଲବ୍

ଭୁବନେଶ୍ୱର ,୧୩/୦୫ (ନି.ପ୍ର): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ସହବନ୍ଧିତ ସ୍କୁଲରେ ଯୁବ ଟୁରିଜିମ୍ କ୍ଲବ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି । ବୋର୍ଡ ପକ୍ଷରୁ କୁହାଯାଇଛି ଯେ ଆଜାଦି କା ଅମୃତ ମହୋତ୍ସବ' ପାଳନ ଅଂଶସ୍ୱରୂପ ଦେଶରେ ଯୁବ ଟୁରିଜିମ(ପର୍ଯ୍ୟଟନ) କ୍ଲବ୍ ଖୋଲିବା ପାଇଁ ପର୍ଯ୍ୟଟନ ମନ୍ତ୍ରାଳୟ ପ୍ରୟାସ ଆରମ୍ଭ କରିଛି । ଯୁବବର୍ଗଙ୍କୁ ଦେଶର ଯଥାର୍ଥ ସଦିଚ୍ଛା ଦୂତ ଭାବେ ତିଆରି କରି ସମୃଦ୍ଧ, ସାଂସ୍କୃତିକ, ଆଧ୍ୟାତ୍ମିକ ଓ ପ୍ରାକୃତିକ ଐତିହ୍ୟର ପ୍ରଚାର ଓ ପ୍ରସାର ସମଗ୍ର ବିଶ୍ୱରେ କରାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଏଥିସହ ଯୁବବର୍ଗ ଅଧିକରୁ ଅଧିକ ଦେଶର ସଂସ୍କୃତି, ଐତିହ୍ୟ ଓ ପର୍ଯ୍ୟଟନ ପ୍ରତି ଆକୃଷ୍ଟ ହେଲେ, ସେମାନଙ୍କର ସ୍ୱଦେଶପ୍ରୀତି ଓ ଭାବନା ବଢ଼ିବ । ଦେଶର ପର୍ଯ୍ୟଟନ ବିକାଶରେ ସେମାନେ ଯଥାର୍ଥ ଯୋଗଦାନ କରିପାରିବେ । ଟୁରିଜିମ୍ କ୍ଲବରେ ଅଂଶଗ୍ରହଣ ଦ୍ୱାରା ସେମାନଙ୍କର ଦଳଗତ କାର୍ଯ୍ୟ, ପରିଚାଳନା, ନେତୃତ୍ୱ ଭଳି କୋମଳ ଦକ୍ଷତା(ସଫ୍ଟ ସ୍କିଲ) ବଢ଼ିବ । ଯୁବବର୍ଗ ପର୍ଯ୍ୟଟନ ବିକାଶରେ ଦାୟିତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାର ସୁଯୋଗ ପାଇବେ । ବିଭିନ୍ନ ସ୍କୁଲରେ ଯୁବ ଟୁରିଜିମ କ୍ଲବ୍ ଗଠିତ ହେବା ଦ୍ୱାରା ଜାତୀୟ ସଂହତିକୁ ସୁଦୃଢ଼ କରିବା ସହ ପ୍ରଧାନମନ୍ତ୍ରୀଙ୍କ 'ଏକ ଭାରତ ଶ୍ରେଷ୍ଠ ଭାରତ' ଲକ୍ଷ୍ୟ ପୂରଣ ସହାୟକ ହେବ । ଏହାଦ୍ୱାରା ଛାତ୍ରଛାତ୍ରୀ ଦେଶର ପର୍ଯ୍ୟଟନ ସ୍ଥଳୀଗୁଡ଼ିକ ବିଷୟରେ ଅଧିକ ଅବଗତ ହେବେ ଏବଂ ପର୍ଯ୍ୟଟନର ବିକାଶରେ ସହାୟକ ହୋଇପାରିବେ । ସେମାନେ ନିଜ ରାଜ୍ୟ ଓ ପଡ଼ୋଶୀ ରାଜ୍ୟଗୁଡିକର ସଂସ୍କୃତି, ପର୍ଯ୍ୟଟନ ଓ ଐତିହ୍ୟ ସମ୍ପର୍କ ଅଧିକ ଜାଣିବାକୁ ସୁଯୋଗ ପାଇବେ । ଏହା ଦେଶର ଏକତା ଓ ସଂହତିକୁ ସୁଦୃଢ଼ କରିବ । ଟୁରିଜିମ୍ କ୍ଲବ୍ ପରିଚାଳନା ପାଇଁ ପର୍ଯ୍ୟଟନ ମନ୍ତ୍ରାଳୟ ଏକ ହ୍ୟାଣ୍ଡବୁକ୍ ଯୋଗାଣ ବ୍ୟବସ୍ଥା କରିଛି । ଏହି ହ୍ୟାଣ୍ଡବୁକ୍‌ରେ କ୍ଲବ ଗଠନ ଓ ନିର୍ମାଣର ନୀତି ନିୟମ ତଥା ମାର୍ଗଦର୍ଶିକା ରହିଛି । କ୍ଲବରେ କିଭଳି କାର୍ଯ୍ୟ କରି ହେବ, ସେନେଇ ଏଥିରେ ଉଲ୍ଲେଖ ରହିଛି । ସ୍କୁଲଗୁଡ଼ିକ ଏଥିରେ 'ଏକ ଭାରତ ଶ୍ରେଷ୍ଠ ଭାରତ' କାର୍ଯ୍ୟକ୍ରମ, ଏକ୍ସକର୍ସନ, ଅନ୍‌ଲାଇନ୍ ବା ଇ-ଟୁରିଜିମ, ପେନ ପଲ୍(ପତ୍ରବନ୍ଧୁ) ଆଦିକୁ ସାମିଲ କରିପାରିବେ । ଗୋଟିଏ ରାଜ୍ୟର ପିଲା ଅନ୍ୟ ରାଜ୍ୟର ଭାଷା ଶିଖିବା ସହ ଭ୍ରମଣରେ ଯାଇ ଐତିହ୍ୟ, ସଂସ୍କୃତି, ବିବିଧତା ଓ ଐତିହ୍ୟ ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନ ଓ ଅନୁଭୂତି ଆହରଣ କରିପାରିବେ । ସେମାନେ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରହିବେ ।

# ଦ ଓଡ଼ିଶା ବିଜ୍ଞାନ ମଣ୍ଡଳ ତରଫରୁ ଜାତୀୟ ପ୍ରଯୁକ୍ତି ବିଦ୍ୟା ଦିବସ ପାଳିତ

ଭୁବନେଶ୍ୱର,୧୩/୦୫ (ନି.ପ୍ର): ଜାତୀୟ ପ୍ରଯୁକ୍ତି ବିଦ୍ୟା ଦିବସ ଅବସରରେ "ଦ ଓଡ଼ିଶା ବିଜ୍ଞାନ ମଣ୍ଡଳ" ତରଫରୁ ତିନୋଟି ଆଦିବାସୀ ଅଧ୍ୟୁସିତ ଅଂଚଳରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାକୁ ଲୋକପ୍ରିୟ କରିବାପାଇଁ ତିନୋଟି ସଂଗୋଷ୍ଠୀ ଅନୁଷ୍ଠିତ ହୋଇଯାଇଛି । ଭବାନୀପାଟଣା ସ୍ଥିତ ସରକାରୀ ଇଞ୍ଜିନିୟରିଂ ମହାବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କଳାହାଣ୍ଡି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ସତପଥି କହିଥିଲେ ଆମ ଶରୀର ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ ସବୁଠାରୁ ଜଟିଳ ପ୍ରଯୁକ୍ତି ବିଦ୍ୟାର ଉଦାହରଣ । ମୁଖ୍ୟବକ୍ତା ଭାବେ ଯୋଗଦେଇ ଦ ଓଡ଼ିଶା ବିଜ୍ଞାନ ମଣ୍ଡଳର ପ୍ରାକ୍ତନ ସଭାପତି ଓ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାପ୍ତନ ପ୍ରଫେସର ଡ. ଲମ୍ବୋଦର ପ୍ରସାଦ ସିଂ କହିଥିଲେ ଆମର ଏହି ବିଶ୍ୱ ବ୍ରହ୍ମାଣ୍ଡ ପ୍ରଯୁକ୍ତି ବିଦ୍ୟାର ଏକ ଅପୂର୍ବ ନିଦର୍ଶନ । ସେ ଆମର ଏହି ସୁନ୍ଦର ବିଶ୍ୱବ୍ରହ୍ମାଣ୍ଡର ସ୍ୱରୂପ ଉପରେ ବିଶଦ ଆଲୋଚନା କରିଥିଲେ । ମାଇକ୍ରୋସ୍କୋପଠାରୁ ଆରମ୍ଭକରି ଟେଲିସ୍କୋପ ପର୍ଯ୍ୟନ୍ତ ଯନ୍ତ୍ର ବ୍ୟବହାର କରି ମଣିଷ କିପରି ବ୍ରହ୍ମାଣ୍ଡ ଗବେଷଣାକୁ ନୂଆ ଦିଗନ୍ତ ଦେଇଛି ତାହା ବର୍ଣ୍ଣନା କରିଥିଲେ । ଡ. ଚିତ୍ତରଞ୍ଜନ ଦାଶ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ, ଡ. ସୁଶାନ୍ତ କୁମାର ମହନ୍ତ ଓ ବି.କେ. ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେହିପରି ପଦ୍ମପୁରର ଜେନିଥ୍ ଡିଗ୍ରୀ କଲେଜରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଶା ବିଜ୍ଞାନ ମଣ୍ଡଳର ପ୍ରାକ୍ତନ କାର୍ଯ୍ୟକାରୀ ସଭାପତି ଓ ସେ ଅଞ୍ଚଳ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ପଦ୍ମନାଭ ଯୋଶୀ ଭାରତର ପ୍ରଯୁକ୍ତି ବିଦ୍ୟାର ବିକାଶରେ ରମଣ, ହୋମିଜାହାଙ୍ଗୀର ଭାଭା, ରାଜା ରମନ୍ନା ଓ କଲାମ ପ୍ରଭୃତିଙ୍କ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଉପରେ ଆଲୋକପାତ କରିଥିଲେ । ସରକାରୀ ମହାବିଦ୍ୟାଳୟ, କୋରାପୁଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରତ କୁମାର ପଳିତା ମୁଖ୍ୟବକ୍ତା ଭାବେ ଯୋଗଦେଇ ଜୈବ ବିବିଧତା ଓ ଜଳବାୟୁ ପରିବର୍ତ୍ତନ ବିଷୟରେ ବିଶଦ ବର୍ଣ୍ଣନା କରିଥିଲେ । ସରକାରୀ ମହାବିଦ୍ୟାଳୟ, କୋରାପୁଟର ଅଧ୍ୟକ୍ଷ ଦୀପକ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବାବେଳେ, ପ୍ରାଣୀ ବିଜ୍ଞାନ ଅଧ୍ୟାପକ ଡ. ସୁଶୀଳ କୁମାର ଗଡ଼ନାୟକ, ଅନୀଲ କୁମାର ପରିଡ଼ା ଓ ଆଦିତ୍ୟ ପ୍ରସାଦ ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ବରିଷ୍ଠ ବୈଜ୍ଞାନିକ ଡ. ବିକାଶ କୁମାର ଜେନା, ପ୍ରଫେସର ହରିହର ମିଶ୍ର, ସୌଭାଗ୍ୟ ସ୍ୱାଇଁ, ଇଂ. ଅରୁଣ କୁମାର ସାହୁ, ଡ. ଗୌରୀଶଙ୍କର ସାହୁ "ଦ ଓଡ଼ିଶା ବିଜ୍ଞାନ ମଣ୍ଡଳ" ତରଫରୁ ଏ ସମସ୍ତ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଯୋଗଦାନ କରିଥିଲେ ।

# ପୂର୍ବତନ ରାଜ୍ୟପାଳ ଏମ୍.ଏମ୍. ରାଜେନ୍ଦ୍ରନଙ୍କ ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର,୧୩/୦୫ (ନି.ପ୍ର): ନିଜ ଦାୟିତ୍ୱ ଓ କର୍ତବ୍ୟ ପ୍ରତି ସଦା ସଚେତନ ଏବଂ ସମର୍ପିତ ବ୍ୟକ୍ତି ସବୁ ସ୍ତରରେ ପ୍ରଶଂସିତ ଓ ଏପରି ଏକ ସଫଳ ଦୃଷ୍ଟାନ୍ତ ହେଉଛନ୍ତି ଓଡ଼ିଶାର ପୂର୍ବତନ ରାଜ୍ୟପାଳ ଏମ୍. ଏମ୍. ରାଜେନ୍ଦ୍ରନ ଯେ କି ବିଭିନ୍ନ ଉଚ୍ଚ ପଦପଦବୀରେ କାର୍ଯ୍ୟ କରି ଓ ନିରନ୍ତର ସେବା ପ୍ରଦାନ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ଏବଂ ସେ ଯୁବପିଢିଙ୍କ ପାଇଁ ଆଦର୍ଶ ଓ ପ୍ରେରଣା ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି । ଗୁରୁବାର ପୂର୍ବାହ୍ନରେ ରାଜଭବନର ଅଭିଷେକ ହଲରେ ପୂର୍ବତନ ରାଜ୍ୟପାଳ ଏମ୍.ଏମ୍. ରାଜେନ୍ଦ୍ରନଙ୍କ ଦ୍ୱାରା ଲିଖିତ ଇଂରାଜୀ ପୁସ୍ତକ 'ସର୍ଭିସ୍ ଅନ୍‌ଇଂଟରପ୍‌ଟେଡ୍' କୁ ଲୋକାର୍ପଣ କରି ରାଜ୍ୟପାଳ ଶିଶୁମାନଙ୍କର ବିକାଶ ପାଇଁ ପୂର୍ବତନ ରାଜ୍ୟପାଳଙ୍କ କାର୍ଯ୍ୟ ଓ ଯୋଜନା ପ୍ରଣୟନରେ ଭୂମିକାକୁ ପ୍ରଶଂସା କରିବା ସହ ଶିଶୁମାନଙ୍କ ମଧ୍ୟରେ ଥିବା ଅସୀମିତ ସମ୍ଭାବନାକୁ ବାସ୍ତବତାରେ ପରିପ୍ରକାଶ କରିବା ପାଇଁ ଉଦ୍ୟମ ଆମର ସର୍ବଦା ପ୍ରାଥମିକତା ବୋଲି କହିଥିଲେ । ବିଶ୍ୱବିଦ୍ୟାଳୟର କାର୍ଯ୍ୟଧାରାରେ ଉନ୍ନତି ଆଣିବା ପାଇଁ ପୂର୍ବତନ ରାଜ୍ୟପାଳଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ସଂସ୍କାରମୂଳକ ପଦକ୍ଷେପ ବର୍ତମାନ ମଧ୍ୟ ମାର୍ଗଦର୍ଶନରେ ବେଶ୍ ସହାୟକ ହେଉଛି ଓ ଓଡ଼ିଶା ଜାତୀୟ ସ୍ତରରେ ପ୍ରଶଂସିତ ହେବା ଗୌରବର କଥା ବୋଲି ରାଜ୍ୟପାଳ କହିଥିଲେ । ନିଜର ଦୀର୍ଘ ଅଭିଜ୍ଞତା ଓ ପ୍ରଶାସନିକ ଦକ୍ଷତା ଏବଂ ଜ୍ଞାନକୁ ନେଇ ପୁସ୍ତକ ରଚନା କରିଥିବାରୁ ପୂର୍ବତନ ରାଜ୍ୟପାଳଙ୍କୁ ଅଭିନନ୍ଦନ ଜଣାଇବା ସହ ଏହା ସବୁ ବର୍ଗର ଜନସାଧାରଣଙ୍କ ପାଇଁ ଉପାଦେୟ ହେବ ବୋଲି ରାଜ୍ୟପାଳ କହିଥିଲେ । ଏହି ଅବସରରେ ଉଦ୍‌ବୋଧନ ଦେଇ ପୂର୍ବତନ ରାଜ୍ୟପାଳ ଏମ୍.ଏମ୍. ରାଜେନ୍ଦ୍ରନ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଭାବେ କାର୍ଯ୍ୟ କରିବା ସମୟରେ ଘଟିଥିବା କିଛି ଗୁରୁତ୍ୱପୂର୍ଣ୍ଣ ଘଟଣା ସମ୍ପର୍କରେ ଉଲ୍ଲେଖ କରିଥିଲେ । ସେ କହିଥିଲେ ଯେ ପ୍ରତିକୂଳ ପରିସ୍ଥିତିରେ ସେ ବିଚଳିତ ନ ହୋଇ ଏହାର ସାମ୍ନା କରିଛନ୍ତି ଓ ସଫଳ ମଧ୍ୟ ହୋଇଛନ୍ତି । ସେ ସର୍ବଦା କଠିନ ପରିଶ୍ରମ ଓ ନିଷ୍ଠାର ସହ କାର୍ଯ୍ୟ କରି ଆସିଛନ୍ତି ବୋଲି କହିବା ସହ ଆହ୍ୱାନ ଓ ଅସୁବିଧା ମଧ୍ୟରେ ଏଥିରୁ ଉତୀର୍ଣ୍ଣ ହେବା ପାଇଁ ଦୃଢ ମନୋବଳ ସହିତ ବାଟ କାଢିବା ପ୍ରକୃତ ପକ୍ଷେ ସଫଳତାର ରହସ୍ୟ । ଓଡ଼ିଶାର ରାଜ୍ୟପାଳ ଭାବେ କାର୍ଯ୍ୟ କରିବାର ଅନୁଭୂତି ଅନନ୍ୟ ଓ ଏହା ତାଙ୍କୁ ଅଶେଷ ଆତ୍ମ ସନ୍ତୋଷ ପ୍ରଦାନକରିଛି ଓ ସମ୍ମାନ ଆଣିଦେଇଛି ବୋଲି ସେ ପ୍ରକାଶ କରିଥିଲେ । ଯୁବଗୋଷ୍ଠୀଙ୍କୁ ପରାମର୍ଶ ଦେଇ ସେ କହିଥିଲେ ଯେ କୌଣସି କାର୍ଯ୍ୟ କରିଲେ ମଧ୍ୟ ତାହା ମଧ୍ୟରେ ନିଜର ସବୁ କିଛି ଦେଇ କାର୍ଯ୍ୟ କଲେ ସଫଳତା ସହ ସନ୍ତୋଷ ଆଣି ଦେବ ବୋଲି ସେ କହିଥିଲେ । ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ସ୍ୱର୍ଗତ ଏପିଜେ ଅବଦୁଲ କଲାମଙ୍କ ଠାରୁ ପାଇଥିବା ଉତ୍ସାହ ଓ ସହଯୋଗକୁ ସେ ଏହି ଅବସରରେ ସ୍ମରଣ କରିଥିଲେ । ଜନସାଧାରଣଙ୍କ ପାଇଁ ସେବା କରିବାର ପ୍ରତିଟି ସୁଯୋଗକୁ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରିଛନ୍ତି ଓ ଏହା ତାଙ୍କ ପାଇଁ ସବୁଠାରୁ ବଡ଼ ପୁରସ୍କାର ବୋଲି କହିଥିଲେ । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓଡ଼ିଶାର ପୂର୍ବତନ ପ୍ରଥମ ମହିଳା ଶ୍ରୀମତୀ ସୁଶୀଳା ରାଜେନ୍ଦ୍ରନ, ବିପିୟୁଟିରପ୍ରଥମ କୁଳପତି ଓଏଆଇସିଟିର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ ଓ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅଶୋକ କୁମାର ମହାପାତ୍ର ମଧ୍ୟ ଉଦ୍‌ବୋଧନ ଦେଇଥିଲେ । ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ମଧ୍ୟ ଉପସ୍ଥିତ ଥିଲେ । ହର ଆନନ୍ଦ ପବ୍ଲିକେସନ ଦ୍ୱାରା ପ୍ରକଶିତ ପୁସ୍ତକର ପ୍ରକାଶକ ନରେନ୍ଦ୍ର କୁମାର ପୁସ୍ତକ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସାଂସଦ ଡକ୍ଟର ଅଚ୍ୟୁତ ସାମନ୍ତଙ୍କ ସହ ବହୁ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ ।

# ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୧୯ କରୋନା ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୧୩/୦୫ (ନି.ପ୍ର): ଗତକାଲି ୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୧୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୧୧ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୮ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରୁ ୬ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ରାଜ୍ୟର ୬ଟି ଜିଲ୍ଲାରୁ ୧୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨୪ଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ । ଆଜି ନୂଆପଡ଼ା ଜିଲ୍ଲାରୁ ସର୍ବାଧିକ ୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି ।

# ବ୍ରଜରାଜନଗର ଉପନିର୍ବାଚନ ପାଇଁ ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ଜାରି କଲା କଂଗ୍ରେସ

ଭୁବନେଶ୍ୱର,୧୩/୦୫ (ନି.ପ୍ର): ବ୍ରଜରାଜନଗର ଉପନିର୍ବାଚନ ପାଇଁ କଂଗ୍ରେସ ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ଗୁରୁବାର ଜାରି କରିଛି । ଏଥିରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ଛତିଶଗଡର ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ, ସ୍ୱାସ୍ଥ୍ୟ ମନ୍ତ୍ରୀ ଟି.ଏସ. ସିଂହଦେଓ, କହ୍ନେୟା କୁମାର, ଜିଗ୍ନେଶ ମେୱାନୀ, ଓଡ଼ିଶା କଂଗ୍ରେସ ପ୍ରଭାରୀ ଡ. ଏ. ଚେଲ୍ଲାକୁମାର, ଜି. ରୁଦ୍ର ରାଜୁ, ନରସିଂହ ମିଶ୍ର, ସନ୍ତୋଷ ସିଂ ସାଲୁଜା, ତାରା ପ୍ରସାଦ ବାହିନୀପତି, ରମେଶ ଚନ୍ଦ୍ର ଜେନା, ଅଧିରାଜ ମୋହନ ପାଣିଗ୍ରାହୀ, ଡ. ସି.ଏସ୍. ରାଜନ ଏକ୍କା, ସୁରେଶ ରାଉତରାୟ, ଶରତ ପଟ୍ଟନାୟକ, ଯଜ୍ଞେଶ୍ୱର ବାବୁ, ଜୟଦେବ ଜେନା, ଭକ୍ତ ଚରଣ ଦାସ, ଉମେଶ ପଟେଲ, ସପ୍ତଗିରି ଉଲାକା, ମହମ୍ମଦ ମୋକିମ, ପ୍ରକାଶ ନାଏକ, ଜଗନ୍ନାଥ ପଟ୍ଟନାୟକ, ଅମରଜିତ ଭଗତ, ରାଜକିଶୋର ଷଡ଼ଙ୍ଗୀ, କବାସି ଲକ୍ଷ୍ମା, ମୋହନ ମାର୍କନ, ଚିରଞ୍ଜୀବୀ ବିଶ୍ୱାଳ, ଶରତ ରାଉତ, ଡ. ରାଗିଣୀ ନାଏକ, ଗଣେଶ୍ୱର ବେହେରା, ପଂଚାନନ କାନୁନଗୋ, ବିଜୟଲକ୍ଷ୍ମୀ ସାହୁ, ବନ୍ଦିତା ପରିଡ଼ା, ଡ. ହମିଦ ଅନସାରି, ଡ. ସ୍ମୃତି ରଂଜନ ଲେଙ୍କା, ସୟଦ ୱାସିର ନୱାଜ, ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଡ. ରାମଚନ୍ଦ୍ର ଖୁଂଟିଆ, ଡ. ଦେବାଶିଷ ପଟ୍ଟନାୟକଙ୍କ ନାମ ଥିବା ଜଣାଯାଇଛି । ଉଲ୍ଲେଖନୀୟ ଯେ ଆସନ୍ତା ୩୧ ତାରିଖରେ ବ୍ରଜରାଜନଗର ଉପନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ହେବ । ଏଥିପୂର୍ବରୁ ଗତକାଲି ରାଜ୍ୟର ୩ଟି ପ୍ରମୁଖ ଦଳର ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିସାରିଛନ୍ତି । ବିଜେଡି ପ୍ରାର୍ଥୀ ଅଳକା ମହାନ୍ତି, ବିଜେପି ପ୍ରାର୍ଥୀ ରାଧାରାଣୀ ପଣ୍ଡା ଓ କଂଗ୍ରେସ ପ୍ରାର୍ଥୀ କିଶୋର ଚନ୍ଦ୍ର ପଟେଲ ନିଜନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।

# ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ପର୍ଯ୍ୟଟନ ପ୍ରକଳ୍ପ ଅଗ୍ରଗତି ସମୀକ୍ଷା

ଭୁବନେଶ୍ୱର,୧୩/୦୫ (ନି.ପ୍ର): ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଭିତରକନିକା, ନୃସିଂହନାଥ ଓ ହରିଶଙ୍କର ଆଦି ସ୍ଥାନରେ ପର୍ଯ୍ୟଟନ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା କରି ଏହି ସବୁ ସ୍ଥାନରେ ପର୍ଯ୍ୟଟନ ସହାୟକ ଭିତିଭୂମି ପୂର୍ତ୍ତ ବିଭାଗ ମାଧ୍ୟମରେ ତ୍ୱରିତ କାର୍ଯ୍ୟାନ୍ୱୟନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ଲୋକସେବା ଭବନ ସଭାଗୃହରେ ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ପର୍ଯ୍ୟଟନ ବିଭାଗ ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାର ପ୍ରକଳ୍ପ ସମ୍ବନ୍ଧିତ ବୈଷୟିକ, ଆର୍ଥିକ ଓ ନିରନ୍ତର ପରିଚାଳନା ସମ୍ବନ୍ଧିତ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ । ପ୍ରକଳ୍ପଗୁଡିକର ସଦ୍ୟତନ ସ୍ଥିତି ସମୀକ୍ଷାକରି ପୁର୍ତବିଭାଗ ମାଧ୍ୟମରେ ସେଗୁଡିକର ତ୍ୱରିତ କାର୍ଯ୍ୟାନ୍ୱୟନ ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ଏଥି ପାଇଁ ତୁରନ୍ତ ଟେଣ୍ଡର ପ୍ରକ୍ରିୟା ଶେଷ କରିବାକୁ ପୁର୍ତ ବିଭାଗଙ୍କୁ କୁହାଯାଇଥିଲା । ଭିତରକନିକାରେ ସୃଷ୍ଟି କରାଯାଉଥିବା ପର୍ଯ୍ୟଟନ ସଂପତିର ରକ୍ଷଣାବେକ୍ଷଣ ଏବଂ ନିରନ୍ତର ପରିଚାଳନା ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା କରିବାକୁ ଶ୍ରୀ ମହାପାତ୍ର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତନ ବିଭାଗଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ପରିଚାଳନା ଓ ରକ୍ଷଣାବେକ୍ଷଣ ନିମନ୍ତେ ସମସ୍ତ ଷ୍ଟେକ୍-ହୋଲଡ଼ରମାନଙ୍କୁ ସାମିଲକରି ସ୍ଥାନୀୟ କମିଟି ଗଠନ କରାହେବ । ଏହି କାର୍ଯ୍ୟରେ ଯଥା ସମ୍ଭବ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସ୍ଥାନୀୟ ଯୁବକ ଯୁବତୀମାନଙ୍କୁ ସାମିଲ କରିବାକୁ ମଧ୍ୟ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ଆଧୁନିକ ପର୍ଯ୍ୟଟନ ଭିତିଭୂମି ମାଧ୍ୟମରେ ସଂପୃକ୍ତ ଅଂଚଳରେ ନୂତନ ଜିବୀକା ନିର୍ବାହ ଓ ରୋଜଗାର ପନ୍ଥା ସୃଷ୍ଟି ହେବ । ଭିତରକନିକାର ୪ ଟି ମୁଖ୍ୟ ଜୋନ୍‌ରେ ପର୍ଯ୍ୟଟନ ସୁବିଧା ସୃଷ୍ଟି କରାଯିବ । ଏଗୁଡିକ ହେଲା ଡାଙ୍ଗମାଳ, ଗୁପ୍ତି, ଖୋଲା ଏବଂ ଚାନ୍ଦବାଲି । ପ୍ରାଥମିକ ଭିତିଭୂମି ଭାବେ ଆଗମନ ଓ ଆତିଥ୍ୟ କେନ୍ଦ୍ର, ରହଣୀ-କଟେଜ୍, ବନ୍ୟଜନ୍ତୁ ନିରୀକ୍ଷଣ ସୁବିଧା, ବାଖ୍ୟାନ କେନ୍ଦ୍ର, ଶୌଚାଳୟ ଗାଡ଼ି ପାର୍କିଂ ସ୍ଥାନ ଓ ଜେଟ୍ଟି ଆଦି ସ୍ଥାପନ କରାଯିବ । ତିନିଟି ପର୍ଯ୍ୟାୟରେ ବିଭିନ୍ନ ପର୍ଯ୍ୟଟନ ଉନ୍ନୟନ କାର୍ଯ୍ୟ କରାଯିବ । ପ୍ରଥମ ପର୍ଯ୍ୟାୟ ପ୍ରାଥମିକ ଭିତିଭୂମି ପାଇଁ ପ୍ରାୟ ୪୬.୨୩ କୋଟି ଟଙ୍କା ବିନିଯୋଗ କରାଯିବ । ଗୁପ୍ତି, ଖୋଲା ଏବଂ କସ୍ତୁରୀକଣ ଠାରେ ପର୍ଯ୍ୟଟନ ପ୍ରକଳ୍ପପାଇଁ ଜମି ଅଧିଗ୍ରହଣ ଓ ବିକାଶ କରିବାକୁ ମୁଖ୍ୟ ଶାସନ ସଚିବ ଇଡକୋଙ୍କୁ ନିର୍ଦ୍ଦେଶ ଦେଇଥିଲେ । କେନ୍ଦ୍ରାପଡାର ଜିଲ୍ଲାପାଳ ଏବଂ ରାଜନଗର ବନଖଣ୍ଡ ଅଧିକାରୀ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ କ୍ଷେତ୍ରସ୍ତରୀୟ ତଥ୍ୟ ସହ ଉପଯୁକ୍ତ ଭିତିଭୂମି ସଂପର୍କିତ ପରାମର୍ଶ ଦେଇଥିଲେ । ସେହିପରି ଚନ୍ଦ୍ରଭାଗାଠାରେ ବୋଟିଂ ଏବଂ ବେଳାଭୂମି ପର୍ଯ୍ୟଟନ ଭିତିଭୂମି ନିମନ୍ତେ ପ୍ରାୟ ୪୨ କୋଟି ଟଙ୍କା ବିନିଯୋଗ ହେବ । ବରଗଡ଼ ଜିଲ୍ଲାର ନୃସିଂହନାଥ ଏବଂ ବଲାଙ୍ଗିର ଜିଲ୍ଲାର ହରିଶଙ୍କର ପୀଠରେ ପର୍ଯ୍ୟଟନ ଭିତିଭୂମି ନିମନ୍ତେ ୪୬ କୋଟି ଟଙ୍କା ବିନିଯୋଗ କରାହେବ । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ଼ଃ ମୋନା ଶର୍ମା, ପର୍ଯ୍ୟଟନ ବିଭାଗ ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାର, ଇଡକୋର ପରିଚାଳନା ନିର୍ଦ୍ଦେଶକ ଭୁପେନ୍ଦ୍ରସିଂ ପୁନିଆ, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ପର୍ଯ୍ୟଟନ ବିଭାଗ ଅତିରିକ୍ତ ଶାସନ ସଚିବ ଦୁର୍ଗା ପ୍ରସାଦ ମହାପାତ୍ରଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ସାହିତ୍ୟରେ ଲୋକଙ୍କ କଥା ସ୍ଥାନ ପାଉ : ସାତକଡ଼ି ହୋତା

ଭୁବନେଶ୍ୱର,୧୩/୦୫ (ନି.ପ୍ର): କିଛି ବର୍ଷ ହେବ, ଲୋକ ସାହିତ୍ୟ ସହ ଯୋଡ଼ି ହେଉଛନ୍ତି । ଏହା ଏକ ଶୁଭ ଲକ୍ଷଣ । ଲୋକଙ୍କ ଦୁଃଖ, କଷ୍ଟ, ଯନ୍ତ୍ରଣା ସାହିତ୍ୟରେ ସ୍ଥାନ ପାଇଲେ, ତାହା ଲୋକଙ୍କ ମନକୁ ଛୁଇଁବ । ଏହାଦ୍ୱାରା ଏକ ବୃହତ୍ତର ପାଠକ ସମାଜ ସୃଷ୍ଟି ହେବ ଓ ସାହିତ୍ୟ ଦୀର୍ଘଜୀବୀ ହେବ । 'ସମ୍ବାଦ' ଭବନରେ ସ୍ତମ୍ଭକାର ଚିନ୍ମୟ ହେତାଙ୍କ ପ୍ରବନ୍ଧ ସଂକଳନ 'ଏମିତି ଏମିତି'ର ଉନ୍ମୋଚନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି ସାହିତ୍ୟିକ ସାତକଡ଼ି ହୋତା । 'ସମ୍ବାଦ'ର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷତା କରିବା ସହ ଭିନ୍ନ ସ୍ୱାଦର ସୃଷ୍ଟି ପାଇଁ ଲେଖକଙ୍କୁ କୃତଜ୍ଞତା ଜଣାଇଥିଲେ । ସେ କହିଲେ, ସଫଳତାର ଶ୍ରେୟ ଦେବାରେ 'ସମ୍ବାଦ' କୁଣ୍ଠାବୋଧ କରେ ନାହିଁ । 'ସମ୍ବାଦ'ର ସମ୍ପାଦକୀୟ ପୃଷ୍ଠାରେ ଦୀର୍ଘ ଦିନ ଧରି ଚିନ୍ମୟ ହୋତାଙ୍କ ଯୋଗଦାନ 'ସମ୍ବାଦ' ସମ୍ପାଦକୀୟ ପୃଷ୍ଠାକୁ ଅନେକାଂଶରେ ଲୋକପ୍ରିୟ କରିପାରିଛି । ଓଡ଼ିଶାରେ ବ୍ୟଙ୍ଗ ସାହିତ୍ୟ ଏତେ ସମୃଦ୍ଧ ନୁହେଁ । ହେଲେ ଶ୍ରୀ ହୋତା ଆମ ଚାରିପାଖରେ ଘଟୁଥିବା ଘଟଣାକୁ ଭାଷା ଓ ଭାବର ସହ ଲେଖନ୍ତି, ଯେଉଁ ଲେଖାରେ ବ୍ୟଙ୍ଗ ସହ ରସ ଯୁକ୍ତ ହୋଇ ରହିଥାଏ । ଜଣେ ସାଧାରଣ ଲୋକ ମର୍ମକୁ ବୁଝୁ କି ନବୁଝୁ, ଲେଖାକୁ ଉପଭୋଗ କରେ ଓ ପଢୁ ପଢୁ ସବୁ ପଢ଼ି ହୋଇଯାଏ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । 'ପେ ?ରୁଷ'ର ସମ୍ପାଦକ ଅସିତ୍ ମହାନ୍ତି ପୁସ୍ତକକୁ ସମୀକ୍ଷା କରି କହିଲେ, ଲେଖକ ଯେକୌଣସି ସାଧାରଣ ପ୍ରସଙ୍ଗକୁ ନେଇ ଉଚ୍ଚସ୍ତରୀୟ ରଚନା କରିବାର ଦକ୍ଷତା ରଖିଛନ୍ତି । ଯେମିତିକି ଆଳୁରୁ ଧଉଳି, ଉଇରୁ ଆଣ୍ଠି ସବୁ ପ୍ରସଙ୍ଗ ପୁସ୍ତକରେ ସ୍ଥାନ ପାଇଛି । ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟ ଘରର ରାଜ୍ୟ ସମ୍ପାଦିକା ଶୁଭଶ୍ରୀ ଲେଙ୍କା, ପ୍ରଶାସନିକ ଅଧିକାରୀ ବିଜୟ ନାୟକ, ପ୍ରଫେସର ଜଗନ୍ନାଥ ଦାସ, ଗାଳ୍ପିକ ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, ସ୍ନେହଲତା ପୃଷ୍ଟି, ସରଳ ଦାସ, ସୁନନ୍ଦା ପ୍ରଧାନ ପ୍ରମୁଖ ଗାଳ୍ପିକ ଓ ପୁସ୍ତକ ସମ୍ପର୍କରେ ନିଜର ଅଭିବ୍ୟକ୍ତି ପ୍ରକାଶ କରିଥିଲେ । ଅଶୋକ ରଥ, ସଞ୍ଜୟ ହୋତା, ଗିରିଜା ଶଙ୍କର ଆଚାର୍ଯ୍ୟ, ଅର୍ଚ୍ଚନା ହୋତା ଉପସ୍ଥିତ ରହି ଲେଖଙ୍କ ପୁସ୍ତକର ବୃହତ୍ ପାଠକାଦୃତି ପାଇଁ ଶୁଭେଚ୍ଛା ଜଣାଇଥିଲେ । 'ଆମ ଓଡ଼ିଶା'ର ସମ୍ପାଦକ ସ୍ୱରାଜ ମିଶ୍ର ସଂଯୋଜନା କରିଥିବା ବେଳେ 'କଥା'ର ସହସମ୍ପାଦକ କ୍ଷେତ୍ରବାସୀ ନାୟକ ଧନ୍ୟବାଦ ଦେଇଥିଲେ ।

# ନିଯୁକ୍ତି ପରେ ବି ବ୍ଲକ୍ ଯାଉ ନାହାନ୍ତି ଆକାଉଣ୍ଟ୍ସ ଅଧିକାରୀ

ଭୁବନେଶ୍ୱର ,୧୩/୦୫ (ନି.ପ୍ର): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବାରେ ବ୍ଲକ୍ କାର୍ଯ୍ୟାଳୟଗୁଡ଼ିକର ମୁଖ୍ୟ ଭୂମିକା ରହୁଛି । ଏଠାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବାରୁ ଆକାଉଣ୍ଟ୍ସ ଅଧିକାରୀମାନଙ୍କର କାର୍ଯ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଏବେ ରାଜ୍ୟରେ ୫୦ରୁ ଅଧିକ ବ୍ଲକ୍‌ରେ ଆକାଉଣ୍ଟ୍ସ ଅଧିକାରୀ ନାହାନ୍ତି । କିଛି ବ୍ଲକ୍‌ରେ ଆକାଉଣ୍ଟ୍ସ ଅଧିକାରୀଙ୍କୁ ନିଯୁକ୍ତି ଦିଆଗଲା ପରେ ବି ସେମାନେ ଯାଉ ନାହାନ୍ତି । ଫଳରେ ବ୍ଲକ୍‌ଗୁଡ଼ିକରେ ଆକାଉଣ୍ଟ୍ସ ପରିଚାଳନାରେ ଅବ୍ୟବସ୍ଥା ଦେଖାଦେଉଛି । ଯେଉଁ ବ୍ଲକଗୁଡ଼ିକରେ ଆକାଉଣ୍ଟ୍ସ ଅଧିକାରୀ ନାହାନ୍ତି, ସେଠାରେ ଏବିଡିଓମାନେ ଦାୟିତ୍ୱରେ ରହୁଛନ୍ତି । କିନ୍ତୁ ସେମାନଙ୍କର ଆକାଉଣ୍ଟ୍ସ/ଟିକସ ବ୍ୟବସ୍ଥା ଉପରେ ସେତେଟା ଦଖଲ ନ ଥିବାରୁ ବହୁ ସମସ୍ୟା ସୃଷ୍ଟି ହେଉଛି । ଭୁଲ୍ ହିସାବ ପାଇଁ ବିଭିନ୍ନ ବ୍ଲକ୍‌ରେ ଅଭିଯୋଗର ତାଲିକା ବି ଲମ୍ବୁଛି । ଗୋଟିଏ ଗୋଟିଏ ବ୍ଲକ୍‌ରେ ୮/୧୦ ବର୍ଷ ଧରି ଏବିଡିଓ ହିଁ ଆକାଉଣ୍ଟ୍ସ ଅଧିକାରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି । ଏ ନେଇ ବିଭିନ୍ନ ଆଡୁ ଅଭିଯୋଗ ଆସିଲା ପରେ ଗତ ଏପ୍ରିଲ୍ ମାସ ୬ ତାରିଖରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ୩୭ ଜଣ ଅଧିକାରୀଙ୍କୁ ବିଭିନ୍ନ ବ୍ଲକ୍‌ର ଆକାଉଣ୍ଟସ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଥିଲା । ଏହା ମଧ୍ୟରେ ଏକ ମାସରୁ ଅଧିକ ସମୟ ବିତିଯାଇଥିଲେ ବି ଏମାନଙ୍କ ମଧ୍ୟରୁ ଅଧିକାଂଶ କାର୍ଯ୍ୟରେ ଯୋଗ ଦେଇ ନାହାନ୍ତି । ପଞ୍ଚାୟତିରାଜ ବିଭାଗ ବି ନିଯୁକ୍ତି ନିର୍ଦ୍ଦେଶ ଜାରି କରିଦିଆଯାଇ ଚୁପ୍ ବସିଯାଇଛି । ବାସ୍ତବରେ ଏହି ଅଧିକାରୀମାନେ ବ୍ଲକ୍ ଯିବାକୁ ଆଗ୍ରହ ପ୍ରକାଶ କରୁ ନାହାନ୍ତି ନା କୌଣସି ଚାପରେ ବ୍ଲକ୍‌କୁ ଜାଣିଶୁଣି ଆକାଉଣ୍ଟ୍ସ ଅଧିକାରୀଙ୍କୁ ପଠାଯାଉନି, ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି ।

# ବାଲିଆପାଳ ପଞ୍ଚାୟତ ସମିତିର ପ୍ରଥମ ବୈଠକ



ବାଲିଆପାଳ, ୧୩/୦୫ (ନି.ପ୍ର): ବାଲିଆପାଳ ପଞ୍ଚାୟତ ସମିତିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି ।ପଞ୍ଚାୟତ ସମିତି ଅଧକ୍ଷା ରଞ୍ଜିତା ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ,ସାଂସଦଙ୍କ ପ୍ରତିନିଧି ମହେଶ୍ୱର ଜେନା, ଉପାଧକ୍ଷ ରାଜେଶ ଚୌଧୁରୀ, ଜିଲ୍ଲା ପରିଷଷଦ ସଦସ୍ୟ ନିଶାକର ସେଠୀ, କାଞ୍ଚନ ଜେନା,ବେଣୁଧର ଜେନା,ବାବାଜୀ ଦେହୁରୀ, ବିଡିଓ ଦୀପକ କୁମାର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରାରମ୍ଭରେ ନବନିର୍ବାଚିତ ସରପଞ୍ଚ,ସମିତି ସଦସ୍ୟ ମାନଙ୍କୁ ସ୍ୱାଗତ କରାଯିବା ସହିତ ପଦ ଓ ଗୋପନୀୟତାର ଶପଥ ପାଠ କରାଯାଇଥିଲା । ବୈଠକରେ ଯୋଗାଣ ଓ ଖାଉଟି ବିଭାଗ, ଗ୍ରାମ୍ୟ ଗୃହନିର୍ମାଣ ଯୋଜନା,ଉନ୍ନୟନମୂଳଖ କାର୍ଯ୍ୟ ଉପରେ ଆଲୋଚନା ହେବାକୁ ଥିଲା । ପ୍ରାରମ୍ଭରେ ଯୋଗାଣ ବିଭାଗ ଉପରେ ଆଲୋଚନା ହେବା ମାତ୍ରେ ବଣିଆଡିହା ପଞ୍ଚାୟତ ସମିତି ସଦସ୍ୟ କଟି ମାରାଣ୍ଡି ପଞ୍ଚାୟତ ଗ୍ରାମସଭାରେ ସରପଞ୍ଚ ତାଙ୍କୁ ବୈଟକରୁ ବାହାର କରିଦେଇଥିବା ପ୍ରସଙ୍ଗ ଉଠାଇଥିଲେ ।ଯୋଗାଣ ବିଭାଗର ଆଲୋଚନା ପରେ ଏହି ପ୍ରସଙ୍ଗରେ ଆଲୋଚନା ହେବ ବୋଲି ଅଧକ୍ଷା କହିବା ପରେ ଜିଲ୍ଲା ପରିଷଦ ସଦସ୍ୟ ବେଣୁଧର ଜେନା ପ୍ରଥମେ ତାଙ୍କ କଥା ଶୁଣାଯାଉ ବୋଲି କହିଥିଲେ । ଏହାକୁ କଂଗ୍ରେସ ସମର୍ଥିତ ସମିତି ସଦସ୍ୟ ଓ ସରପଞ୍ଚ ମାନେ ବିରୋଧ କରିଥିଲେ ।ଅଧକ୍ଷା ମଧ ଯୋଗାଣ ବିଭାଗ ବିଷୟରେ ଆଲୋଚନା ପରେ ତାଙ୍କ ପ୍ରସଙ୍ଗ ଆଲୋଚନା ହେବ ବୋଲି କହିଥିଲେ । ଏଥିରେ ଅସନ୍ତୁଷ୍ଟ ହୋଇ ବିଜେଡି ସମର୍ଥିତ ଜିଲ୍ଲାପରିଷଦ,ସମିତିସଦସ୍ୟଓ ସରପଞ୍ଚ ମାନେ ପାଟିତୁଣ୍ଡ କରିଥିଲେ । ପରେ ବିଧାୟକ ସମେତ ଏହି ସଦସ୍ୟମାନେ ଗୃହଛାଡି ଚାଲିଆସିଥିଲେ । ତେବେ ବ୍ଲକ ଅଧକ୍ଷା ଶ୍ରୀମତୀ ନାୟକ ବିଧାୟକ ଏବଂ ଅନ୍ୟ ଅସନ୍ତୁଷ୍ଟ ସଦସ୍ୟମାନଙ୍କୁ ଅନୁରୋଧକରି ଗୃହକୁ ଫେରାଇ ଆଣିଥିଲେ । ପରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା ।ରେସନକାର୍ଡରୁ ବଂଚିତ ହୋଇଥିବା ଯୋଗ୍ୟ ହିତାଧିକାରୀ ଙ୍କ ନାମ ଯୋଗ କରିବା ସହ ମୃତ ଏବଂ ବିବାହିତ ବ୍ୟକ୍ତିମାନଙ୍କର ନାମକୁ ବାଦ ଦେବା ନେଇ ମଧୁପୁରା ସମିତିସଦସ୍ୟ ସୁଶାନ୍ତ ସେଠୀ ଦାବୀ ଉପସ୍ଥାପନ କରିଥିଲେ । ତେବେ ଆଜି ଯୋଗାଣ ବିଭାଗର ଅଧିକାରୀ ଉପସ୍ଥିତ ନଥିବାରୁ ଏନେଇ ଏକ ସ୍ୱତନ୍ତ୍ର ବୈଠକ ଆହୁତ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା । ସେହିପରି ଆବାସ ଯୋଜନାରେ ମରାମତି ବାବାଦ ଅର୍ଥ ପାଇବାରୁ ବଂଚିତ ହୋଇଥିବା ହିତାଧିକାରୀଙ୍କୁ ତୁରନ୍ତ ପ୍ରଦାନ କରିବା, ଦେଉଳା ପଞ୍ଚାୟତରେ ଭୂମିହୀନ ଆଦିବାସୀ ମାନେ ଦୀର୍ଘଦିନ ଧରି ଘରବାଡି ପଟ୍ଟା ପାଇବାରୁ ବଂଚିତ ହୋଇ ଆବାସ ଯୋଜନାରୁ ବାଦ ପଡୁଥିବା ନେଇ ସରପଞ୍ଚ ସରୋଜ କୁମାର ପିଳା ପ୍ରଶ୍ନ କରିଥିଲେ । ବିଡିଓ ତଥା ତହସିଲଦାର ଦୀପକ କୁମାର ଦାସ ଘରଡିହ ପାଇବା ପାଇଁ ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ପଟ୍ଟା ପ୍ରଦାନ କରାଯିବ ବୋଲି କହିଥିଲେ ।ଜଗତିପୁର ସମିତି ସଦସ୍ୟ ଶାନ୍ତନୁ କୁମାର ମହାପାତ୍ର ବସ୍ତା ବିଧାୟକଙ୍କୁ କୋଷ୍ଟକେନାଲର ପୁନଃରୁଦ୍ଧାର,ବାଲିଆପାଳ ସୂତାକଳ ପୁନଃ ପ୍ରଚଳନ ପାଇଁ କଣ ପଦେକ୍ଷପ ନେଇଛନ୍ତି ଏବଂ ସୁବର୍ଣ୍ଣରେଖା ବନ୍ଦର ଗ୍ରାମସଭା ମାଧମରେ କରାଯାଇଛି କି ନାହିଁ ସେ ବିଷୟରେ ବିଧାୟକ ମତ ରଖିବାକୁ ଦାବି କରିଥିଲେ । ସେହିପରି ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା ।ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଦେବ କୁମାର ଦେ, ଜଗନ୍ନାଥ ବିଶ୍ୱାଳ, ବନଲତା ଦାସ, ମହେଶ୍ୱର ଜେନା, ସତ୍ୟାନନ୍ଦ ମହାନ୍ତି, ସୁବାଷ ବେହେରା, ସନ୍ତୋଷ ଗିରି ,କସ୍ତୁରୀବାଳା ପାତ୍ର,ସମିତି ସଦସ୍ୟା କାବେରୀ ରାଣି ରାଉତ,ଜୟଲକ୍ଷ୍ମୀ ଅଣ୍ଡିଆ ପ୍ରମୁଖ ବିଭିନ୍ନ ସମସ ଉପସ୍ଥାପନ କରିଥିଲେ ।ତେବେ ଆଜିର ବୈଠକରେ ବହୁ ବିଭାଗୀୟ ଅଧିକାରୀ ଅନୁପସ୍ଥିତ ଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ରାଜ୍ୟସଭା ନିର୍ବାଚନ....

ସେ ଆହୁରି କହିଛନ୍ତି, ମୁଖ୍ୟମନ୍ତ୍ରୀ କହିଥିଲେ ରାଜ୍ୟସଭା ପଠାଇବା ପାଇଁ। ତାଙ୍କର ନିଷ୍ପତି ଉପରେ ନିର୍ଭର କରୁଛି। ମୋତେ ଯେଉଁ ଦାୟିତ୍ୱ ଦେଇଛନ୍ତି ମୁଁ ତାକୁ ସୁଚାରୁ ରୁପେ ପରିଚାଳନା କରିବା ପାଇଁ ଚେଷ୍ଟା କରିଛି। ଯେତେବେଳେ ଯାହା ବି ଦାୟିତ୍ୱ ଦେବେ ମୁଁ ତାହା ମାଧ୍ୟମରେ ଲୋକଙ୍କ ସେବା କରିବି। ମୁଖ୍ୟମନ୍ତ୍ରୀ କହିଥିଲେ ରାଜସଭା ପଠେଇବେ ବୋଲି ତେଣୁ ସେ ପଠେଇବେ କି ନାହିଁ ସେଇଟା ନିଜର ମାନବିକତା ବୋଲି ସେ କହିଛନ୍ତି। ସୂଚନା ଯୋଗ୍ୟ ଯେ ସାଂସଦ ଏନ ଭାସ୍କର ରାଓ , ପ୍ରସନ୍ନ ଆଚାର୍ଯ୍ୟ ଓ ସସ୍ମିତ ପାତ୍ରଙ୍କ କାର୍ଯ୍ୟକାଳ ଶେଷ ହେଉଥିବାରୁ ଗତକାଲି ଏହି ୩ ଟି ଆସନ ପାଇଁ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେହିପରି କଟକ ମେୟର ସୁବାସ ସିଂଙ୍କ ଇସ୍ତଫା ପରେ ଖାଲିଥିବା ଆସନରେ ଉପନିର୍ବାଚନ ପାଇଁ ଆଜି ବିଜ୍ଞପ୍ତି ପ୍ରକାଶ କରିଛନ୍ତି ନିର୍ବାଚନ କମିଶନ।

### ମେ' ୨୭ରେ କେରଳ....

ପ୍ରଭାବରେ ସମଗ୍ର ଦେଶରେ ୯୬%ରୁ ୧୦୪% ବର୍ଷା ହେବ। ଉତ୍ତର ଭାଗରର ଅଧିକାଂଶ ଅଞ୍ଚଳ, ଏହାକୁ ଲାଗି ରହିଥିବା କେନ୍ଦ୍ରୀୟ ଭାରତୀୟ ଅଞ୍ଚଳ ଓ ଉତ୍ତରପଶ୍ଚିମ ଭାଗର କିଛି ସ୍ଥାନରେ ସ୍ୱାଭାବିକ କିମ୍ବା ତା'ରୁ ଅଧିକ ବର୍ଷା ହୋଇପାରେ। ତେବେ ଉତ୍ତରପୂର୍ବ ଭାରତର ଅନେକ ସ୍ଥାନ, ଉତ୍ତର ପଶ୍ଚିମର କିଛି ଅଂଶ ଓ ଦକ୍ଷିଣପୂର୍ବ ଭାଗରେ ସ୍ୱାଭାବିକ ଠାକୁ କମ ବର୍ଷା ହେବାର ଆକଳନ କରିଛି ଭାରତୀୟ ପାଣିପାଗ ବିଭାଗ। ଲଙ୍ଗ ପିରିୟଡ ଆଭରେଜରେ ୯୯% ବର୍ଷା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏହାର ୫% କମ କିମ୍ବା ୫% ବେଶୀ ହେଲେ ମଧ ଏହାକୁ ସ୍ୱାଭାବିକ ବର୍ଷା ଭାବେ ବିବେଚନା କରାଯିବ।

### ଶେଷ ହେଲା ଏଲଆଇସିର ....

ଆବେଦନ କରିଥିଲେ, ସେମାନଙ୍କୁ କମ୍ ସୁଯୋଗ ମିଳିଥିଲା । କମ୍ପ୍ୟୁଟର ମାଧମରେ ଲଟେରି କରାଯାଉଥିବାରୁ ଯେଉଁଠି କମ୍ ଆବେଦନ ହୋଇଥିଲା, ସେଠି ଆଇପିଓ ମିଳିବାର ସୁଯୋଗ ଅଧିକ ରହିଥିଲା । ଏଲଆଇସି ଆଇପିଓ ଜରିଆରେ ୨୦ ହଜାର ୫୫୭ କୋଟି ଟଙ୍କାର ପୁଂଜି ପ୍ରତ୍ୟାହାର କରିଛନ୍ତି କେନ୍ଦ୍ର ସରକାର । ମାତ୍ର ୩.୫ ପ୍ରତିଶତ ଅଂଶଧନ ନିବେଶକମାନେ କିଣିଛନ୍ତି । ପୂର୍ବରୁ ୫ ପ୍ରତିଶତ ପୁଂଜି ପ୍ରତ୍ୟାହାର ପାଇଁ ଯୋଜନା କରିଥିଲେ ସରକାର । ଆଗକୁ ଆହୁରି ଆଇପିଓ ବଜାରକୁ ଛାଡିବ ଏଲଆଇସି ।

### ମୋଦି ସରକାରରେ ଓଡ଼ିଶାର....

ମୋଦି ସରକାର ମୁକ୍ତ ହସ୍ତରେ ରାଜ୍ୟକୁ ସହଯୋଗ କରୁଛନ୍ତି । ଏହି ସବୁ ପଦକ୍ଷେପ ଦ୍ୱାରା ରାଜ୍ୟରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଅଧିକ ସୁଦୃଢ଼ ହେଉଛି । ମୋଦି ସରକାରଙ୍କ ଦୂରଦୃଷ୍ଟିସମ୍ପନ୍ନ ନୀତି କାରଣରୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ବିପୁଳ ପୁଞ୍ଜି ନିବେଶ ହେଉଛି । ଜନଜାତି ଅଞ୍ଚଳରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରି ନାଗରିକ ମାନଙ୍କୁ ଉତମ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ମୋଦି ସରକାର କଟିବଦ୍ଧ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ସେହିପରି ବହୁ ପ୍ରତିକ୍ଷୀତ ଅନୁଗୋଳ ଜିଲ୍ଲା ତାଳଚେରରେ ମେଡ଼ିକାଲ କଲେଜ ଖୁବ ଶୀଘ୍ର ପୂର୍ଣ୍ଣାଙ୍ଗ ହେଉଥିବାରୁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ, କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ତାଳଚେରରେ ୪୯୨ କୋଟି ବ୍ୟୟରେ ମହାନଦୀ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡ଼ିକାଲ ସାଇନ୍ସ ଏଣ୍ଡ ରିସର୍ଚ୍ଚ ସ୍ଥାପନ ହୋଇଛି । ରାଜ୍ୟ ସରକାର ନୀତିଗତ ଭାବେ ଏହି ମେଡ଼ିକାଲର ପରିଚାଳନା ଦାୟିତ୍ୱ ନେବା ପାଇଁ ନିଷ୍ପତି ନେଇଛନ୍ତି । ଏହି ମେଡ଼ିକାଲ କଲେଜ ପାଇଁ ସମସ୍ତ ଖର୍ଚ୍ଚ ବହନ କରିବା ତଥା ଭାୟାବିଲିଟି ଗ୍ୟାପ୍ ଫଣ୍ଡିଂ ପାଇଁ ବ୍ୟବସ୍ଥା କରିବା ନିମନ୍ତେ ଏମସିଏଲ ସ୍ୱୀକୃତି ଦେଇଛି । ସୁନ୍ଦରଗଡ଼ ଠାରେ ଏନଟିପିସି ଦ୍ୱାରା ମେଡ଼ିକାଲ କଲେଜ ନିର୍ମାଣ ହୋଇଥିବା ବେଳେ ରାଉରକେଲା ଠାରେ ସେଲ୍ ଦ୍ୱାରା ସୁପର ସ୍ପେଶାଲିଟି ହସ୍ପିଟାଲ କାର୍ଯ୍ୟକ୍ଷମ ହୋଇଛି । ଏହାବ୍ୟତିତ ଭାରତ ସରକାରଙ୍କ କେନ୍ଦ୍ରୀୟ ରାଷ୍ଟ୍ରାୟତ ଉଦ୍ୟୋଗ କୋଭିଡ୍ ସମୟରେ ଓଡ଼ିଶାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ ।

### ରାୟପୁର ହେଲିକପ୍ଟର ଦୁର୍ଘଟଣାରେ....

ଭରିଥିଲା । ତେବେ କିଛି ସମୟ ପରେ ତାହା ବିମାନ ବନ୍ଦରରେ ଅବତରଣ କରୁଥିବା ବେଳେ ରନୱେ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ହେଲିକପ୍ଟରଟି କ୍ରାଶ ହୋଇଥିବା ଜଣାପଡ଼ିଛି । ଉକ୍ତ ସମୟରେ ହେଲିକପ୍ଟରରେ ୨ ପାଇଲଟ ଓଡ଼ିଶାର ଗୋପାଳକୃଷ୍ଣ ପଣ୍ଡା ଓ କ୍ୟାପଟେନ ଏପି ଶ୍ରୀବାସ୍ତବ ଥିବା ବେଳେ ସେମାନେ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଘଟଣାସ୍ଥଳରେ ଜଣକର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣଙ୍କୁ ହସ୍ପିଟାଲ ନିଆଯାଉଥିବା ବେଳେ ବାଟରେ ମୃତ୍ୟୁ ଘଟିଥିବା ଜଣାଯାଇଛି। ଏହି ଦୁର୍ଘଟଣାରେ ହେଲିକପ୍ଟରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ଟ୍ୱିଟ୍ ? କରି ମୃତ ଦୁଇ ପାଇଲଟଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।

## ଆଦିବାସୀ ଅଂଚଳରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଉତ୍ସବ

ଜଳେଶ୍ୱର, ୧୩/୫ (ନି.ପ୍ର): ରାଇବଣିଆ ଏକ ଆଦିବାସୀ ଅଧ୍ୟାସୀତ ତଥା ସଂଖ୍ୟାଲଘୁ ସଂପ୍ରଦାୟ ହୋଇଥିବାରୁ ସରକାରୀ ବିଦ୍ୟାଳୟକୁ ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରିବାଲାଗି ପ୍ରଧାନ ଶିକ୍ଷକ ବଂଶୀଧର ବାରିକ ଏକ ଅଭିନବ ଉପାୟ ଅବଲମ୍ବନ କରିଛନ୍ତି । ସ୍ୱାଗତ ଉତ୍ସବ ଅନୁଷ୍ଠିତ କରି ସ୍ଥାନୀୟ ସରପଂଚ ପୁଷ୍ପଲତା ଦାସ, ସମୀତି ସଦସ୍ୟ ସୀତା ମାରାଣ୍ଡି, ଜିଲାପରିଷଦ ସଦସ୍ୟ ତୁଳସୀ କିସ୍କୁ ପ୍ରମୁଖ ଯୋଗ ଦେଇ ନୂତନଭାବେ ଯୋଗ ଦେଇଥିବା ୮୯ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇଥିଲେ । ହାତୀଗଡ ଉଚ୍ଚ ବିଦ୍ୟାଳୟରେ ଏପରି ଏକ ଉତ୍ସବ ସେ ଅଂଚଳରେ ଏକ ଉଦାହରଣ ପାଲଟିଛି । ଏହି କାର୍ଯ୍ୟକ୍ରମରେ ଅବିଭାବକ ବସନ୍ତା ସାମଲ, ଲକ୍ଷ୍ମିକାନ୍ତ ଭୂୟା, ସତନୁ ଦାସ, ଧନଞ୍ଜୟ ବେହେରା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ସର୍ଟସର୍କିଟ ଯୋଗୁଁ ଘରପୋଡି

କନ୍ଧମାଳ, ୧୩/୦୫ (ନି.ପ୍ର): ସର୍ଟ ସର୍କିଟ ହେଲା କାଳ । ଆଖି ପିଛୁଳାକେ ସବୁ କିଛି ଜଳିପୋଡ଼ି ପାଉଁଶ ହୋଇଗଲା ସର୍ବସ୍ୱାନ୍ତ ହୋଇଗଲା ପରିବାର ଏଭଳି ଘଟଣା ଘଟିଛି କନ୍ଧମାଳ ଜିଲ୍ଲା ଦାରିଙ୍ଗିବାଡ଼ି ବ୍ଲକ୍ ? ଟିଲୋରି ପଂଚାୟତର ଜଗେରମାହା ଗାଁରେ ଘଟିଛି । ଶୁକ୍ରବାର ଗାଁର ଜୋସେଫ ଦିଗଲଙ୍କ ଘରେ ସର୍ଟ ସର୍କିଟ ଯୋଗୁଁ ହଠାତ୍ ? ନିଆଁ ଲାଗି ସବୁ ଜଳି ପୋଡ଼ି ପାଉଁଶ ହୋଇଯାଇଛି। ଚେଷ୍ଟା କରାଯାଇ ଥିଲେ ମଧ ନିଆଁକୁ ଆୟତ୍ତ କରାଯାଇ ପାରି ନଥିଲା। ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ହୋଇଥିବା ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ମାନେ ଦାବୀ କରିଛନ୍ତି ।

# କାଦୁଅ ପଚପଚ ୫୭ ରାଜ୍ୟ ରାଜପଥ : ପ୍ରତିଦିନ ବଢୁଛି ଦୁର୍ଘଟଣା

ଜଳେଶ୍ୱର, ୧୩/୫ (ନି.ପ୍ର): ଉତ୍ତର ବାଲେଶ୍ୱର ଚାଷୀଙ୍କର ଧାନଚାଷ ହିଁ ମୁଖ୍ୟ ଜିବିକା । ଏବେ ରବିଧାନ ଅମଳ ବେଳେ ବର୍ଷା ଲାଗି ରହୁଥିବାରୁ ବିଲରୁ ଫେରୁଥିବା ଧାନକଟ ମେସିନ୍(ହାର୍ଭେଷ୍ଟର) ଓ ଧାନବହୁ ଥିବା ଟ୍ରାକ୍ଟରରେ ବ୍ୟପକ କାଦୁଅ ଲାଗୁଥିବାରୁ ସଡକରେ ଗଡି କରୁଛି କର୍ଦ୍ଦମାକ୍ତ । ଫଳରେ ଗ୍ରାମାଞ୍ଚଳ ଠାରୁ ସହରାଞ୍ଚଳ ସମସ୍ତ ରାସ୍ତା ଏପରି କାଦୁଅ ପଚପଚ ହେଉଥିବାରୁ ପ୍ରତିଦିନ ଅଧିକରୁ ଅଧିକ ଦୁର୍ଘଟଣା ବଢି ଚାଲିଛି । ବିଲରୁ ଧାନ କାଟିବା ଓ ଧାନ ବୋହିଆଣି ଚାଷୀ ନିଜର ଅଭାବ ମେଣ୍ଟାବା ଲାଗି ତରବରିଆଭାବେ ମୁଖ୍ୟ ରାସ୍ତା କଡରେ ଥିବା ଧାନ ଖଟି ମାନଙ୍କରେ ବିକ୍ରୟ କରିଥାଏ । ପଶ୍ଚିମବଂଗର ମାଫିଆମାନେ ବହୁ



ସଂଖ୍ୟାରେ ଖଟି ଖୋଲି ବେପାର ପସରା ମେଲାଇଥିବା ବେଳେ ଚାଷୀ ଅଭାବି ବିକ୍ରିର ସମ୍ମୁଖିନ ହେଉଛି । ବଡ ବଡ ଟ୍ରକ୍ ଗୁଡିକ ରାସ୍ତାଉପରେ ଛିଡା କରାଇ ଲୋଡି କରୁଥିବାରୁ ବହୁ ସମୟରେ ରାସ୍ତା ଜାମ୍ ଓ ଦୁର୍ଘଟଣା ବଢୁଛି । ତେଣୁ ହାର୍ଭେଷ୍ଟର ଓ ଟ୍ରାକ୍ଟର ଗୁଡିକ ବିଲରୁ ସଡକକୁ ଆସୁଥିବାରୁ ତାର ଚକ ଗୁଡିକରେ ବହୁ ପରିମାଣରେ କାଦୁଅ ଲାଗି ରାସ୍ତାରେ ବିଛେଇ ହୋଇଯାଏ । ଏପରି ଘଟଣା ଆଖିରେ ନ ଦେଖିଲେ ବିଶ୍ୱାସ କରିହେବ ନାହିଁ । ବର୍ଷ ବେଳେ ଏହି କାଦୁଅ ସଡକରେ ଲଟକି ଥିବାରୁ ହଳ ଜମିର ଭ୍ରମ ସୃଷ୍ଟି କରେ । ପରେ ସଡକରେ ବାଇକ୍, ସାଇକେଲ ଓ ତିନି ଚକିଆ ଯାନ ଗଲାବେଳେ ବାରମ୍ବାର ବହୁ ଦୁର୍ଘଟଣାର ଶିକାର ହୋଇଥାଏ । ଏହା ବ୍ୟତିତ କାଦୁଅ ଗୁଡିକ ଶୁଖିଗଲା ପରେ ଖାଲ, ଢିପ ସୃଷ୍ଟି ହେବା ସହିତ ତାହା ଧୂଳିରେ ପରିଣତ ହୋଇ ପରିବେଶ ପ୍ରଦୋଷଣ କରିବା ସହିତ ଆରୋହୀ ବିପଦ ସୃଷ୍ଟି କରିଥାଏ । ଶହ ଶହ ଟ୍ରାକ୍ଟର ଓ ଧାନକଟା ମେସିନ୍ ଯାତାୟାତ କରୁଥିବାରୁ ଗ୍ରାମଂଚଳର କଂକ୍ରିଟ ରାସ୍ତା ଠାରୁ ଆରମ୍ଭ କରି ଜଳେଶ୍ୱର-ଚନ୍ଦନେଶ୍ୱର ୫୭ନଂ ରାଜ୍ୟ ରାଜପଥ ମରଣଯନ୍ତାରେ ପରିଣତ ହୋଇଛି । କେବଳ ଟ୍ରାକ୍ଟର ଓ ଧାନକଟା ମେସିନ୍ର ସଚେତନତା ସୃଷ୍ଟି ହେଲେ ଜମିରୁ ସଡକକୁ ଗଲାବେଳେ ଯାନର ଚକଗୁଡିକରୁ କାଦୁଆ ସଫକରି ଯାତାୟାତ କଲେ ଏପରି ସମସ୍ୟା ସୃଷ୍ଟି ହେବ ନାହିଁ ବୋଲି ଆଲୋଚନା ହେଉଛି । ଏ ସମ୍ପର୍କରେ ଫକିର ମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁର୍ଯ୍ୟେନ୍ଦୁକୁମାର ଦେ ଓ ବହୁ ବ୍ୟକ୍ତି ସ୍ଥାନ ବିଶେଷରେ ଜନମତ ସୃଷ୍ଟି କରିବାକୁ ନିବେଦନ କରିଛନ୍ତି । ଏହା ସହିତ ସ୍ଥାନୀୟ ପ୍ରଶାସନ ଓ ନେତୃମଣ୍ଡଳି ସଚେତନତା। କରିବା ସହିତ ପ୍ରତିକାର କରିବାକୁ ସାଧାରଣରେ ଦାବି ହେଉଛି ।

# କାଳିଆ ଯୋଜନାରେ ନାମ ଅନ୍ତର୍ଭୁକ୍ତ ଥାଇବି ମିଳୁନି ଆର୍ଥିକ ସହାୟତା

ଜଳେଶ୍ୱର, ୧୩/୫ (ନି.ପ୍ର): ସରକାର ଗରିବ ଓ ନାମମାତ୍ର ଚାଷୀଙ୍କ ଲାଗି ଆର୍ଥିକ ସହାୟତା ବ୍ୟବସ୍ଥା ରଖିଥିବା ବେଳେ ବିଭିନ୍ନ କାରଣରୁ ହୀତାଧିକାରୀଙ୍କୁ ତାହା ମିଳିପାରୁନାହିଁ । ଏପରି ଘଟଣା ବାଲେଶ୍ୱର ଜିଲାର ଜଳେଶ୍ୱରରେ ବହୁ ବ୍ୟକ୍ତିଙ୍କଠାରେ ଦେଖିବାକୁ ମିଳୁଥିବା ବେଳେ ନେତୁଆ ଗାଁର ସୁଖଦେବ ଦତ୍ତ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସୁଖ ଦେବ ଜଣେ ଜଣେ ଗରିବ ଚାଷୀ ହୋଇଥିବା ବେଳେ ୨୦୧୮ ମସିହାରେ କାଳିଆ ଯୋଜନାରେ ଆବେଦନ କରିଥିଲା । ଫଳରେ ୨୦୧୯ ଜାନୁଆରୀ ୨୫ ଓ ନଭେମ୍ବର ୨୨ ତାରିଖରେ କାଳିଆ ଯୋଜନାରେ ୨ହଜାର ଟଙ୍କା ଲେଖାଏଁ ଭାରତୀୟ ଷ୍ଟେଟ ବ୍ୟାଙ୍କରୁ ପାଇପାରିଥିଲା । କିନ୍ତୁ ଅଦ୍ୟାବଧି ୩ବର୍ଷ ଧରି କାଳିଆ ଯୋଜାରେ ଆର୍ଥିକ ସହାୟତା ପାଉନଥିବାରୁ ସ୍ଥାନୀୟ କୃଷି ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ । ଏକ ତଥ୍ୟରୁ ପ୍ରକାଶ ସୁଖଦେବ ଦତ୍ତଙ୍କ ଆର୍ଥିକ ସହାୟତା ଜଳେଶ୍ୱର ଶାଖର ଷ୍ଟେଟବ୍ୟାଙ୍କକୁ ନ ଆସି ଝାଡଖଣ୍ଡର ଆଇଡିବିଆଇ ବ୍ୟାଙ୍କକୁ ଯାଉଛି । ୨୦୨୧ ଫେବୃଆରୀ ୧୫, ଏପିଲ ୮, ମେ ୧୫, ସେପ୍ଟେମ୍ବର ୨୨ ଓ ୨୦୨୨ ମେ ୪ ତାରିଖରେ ତା ନାମରେ କାଳିଆ ଯୋଜନାରେ ଅର୍ଥ ଆସୁଥିଲେ ମଧ୍ୟ ସେ ପାଇପାରି ନାହିଁ । ଏ ସମ୍ପର୍କରେ ସ୍ଥାନୀୟ କୃଷି ଅଧିକାରୀ ଅକ୍ଷମତା ପ୍ରକାଶ କରିବାରୁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ଝୁଂଟୁଣା ବେଆଇନ ବାଲି ପରିବହନକାରୀ ରାସ୍ତା କାଟିଲେ ତହସିଲଦାର

ଭଦ୍ରକ,୧୩/୦୫ (ନି.ପ୍ର): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ତହସିଲ ଅନ୍ତର୍ଗତ ବୈତରଣୀ ନଦୀର ଝୁଂଟୁଣାରୁ ବେଆଇନ ବାଲି ପରିବହନ ପାଇଁ ନିର୍ମାଣ କରାଯାଇଥିବା ଭିନ୍ନ ଏକ ରାସ୍ତାକୁ ଗତକାଲି ରାତ୍ରରେ ତହସିଲଦାର ସରୋଜକାନ୍ତ ନାୟକ ଓ ଅତିରିକ୍ତ ତହସିଲଦାର ସତ୍ୟପ୍ରକାଶ ଧଳ ଜେସିବି ମେସିନ ସହାୟତାରେ ଟ୍ରେ ଖୋଳି କାଟି ଦେଇଥିବା ଜଣାଯାଇଛି। ପୂର୍ବରୁ ଗୋଟଏ ରାସ୍ତାକୁ ତହସିଲଦାର ଅନୁରୂପ ଭାବେ ଟ୍ରେ ଖୋଳି କାଟି ଦେଇଥିଲେ। ମାତ୍ର ବାଲି ଉଠାଣ ଓ ପରିବହନ ବନ୍ଦ ନହେବାରୁ ଆଉ ଏକ ପରିବହନକାରୀ ରାସ୍ତାକୁ କାଟି ଦେଇଛନ୍ତି।

# ଗୋଟିଏ ଦିନରେ ୧୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୩/୦୫ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୮୨୭୨ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୮୯୭୨ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୨୧ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୧୧ ଜଣ ସଂଗରୋଧରୁ ଓ ୮ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୬ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାରୁ ୧, କଟକ ଜିଲ୍ଲାରେ ୧. ଗଜପତି ଜିଲ୍ଲାରେ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ବିଜୁପଟ୍ଟନାୟକ ନର୍ସିଂ ଟ୍ରେନିଂ ସେଣ୍ଟରରେ ନର୍ସେସଡ଼େ ପାଳିତ



ବାରିପଦା, ୧୩/୦୫ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ବାରିପଦାର ତକତପୁର ଠାରେ ଥିବା ବିଜୁପଟ୍ଟନାୟକ ଏ.ଏନ.ଏମ, ଜି.ଏନ.ଏମ ନର୍ସିଂ ଟ୍ରେନିଂ ସେଣ୍ଟରରେ ନର୍ସେସଡ଼େ ପାଳିତ ହୋଇଯାଇଛି । ମେ ୧୨ ଫ୍ଲୋରେନ୍ସ ନାଇଟଏଙ୍ଗେଲଙ୍କ ଜନ୍ମ ଦିନକୁ ସାରା ପୃଥିବୀରେ ଏବଂ ସମସ୍ତ ନର୍ସିଂ ସ୍କୁଲ କଲେଜ ମାନଙ୍କରେ ନର୍ସେସଡେ ରୂପେ ପାଳନ କରାଯାଏ । ସେ ଜଣେ ବ୍ରିଟିଶ ନାଗରିକ ଥିଲେ । ୧୯୫୪ ରେ ଯେତେବେଳେ ବ୍ରିଟିଶ ଯୁଦ୍ଧ ଆରମ୍ଭ ହେଲା କେତେ କେତେ ସୈନ୍ୟମାନେ ଆହତ ଏବଂ ମୃତ୍ୟୁ ବରଣ କଲେ ସେହି ସମୟରେ ଫ୍ଲୋରେନ୍ସ ନାଇଟଏଙ୍ଗେଲ ରାତ୍ରି ସମୟରେ ଯେତେବେଳେ ସମସ୍ତେ ଶୋଇଯାନ୍ତି ସେହି ସମୟରେ ସେ ଲଂଠନ ଧରି ତାଙ୍କର ସେବା କରିବା ପାଇଁ ଯାନ୍ତି, ସେଥିପାଇଁ ତାଙ୍କୁ ଲେଡି ୱିଥ ଦା ଲ୍ୟାମ୍ପ ବୋଲି ମଧ କୁହାଯାଏ । ଏହି ଫ୍ଲୋରେନ୍ସ ନାଇଟଏଙ୍ଗେଲ ଦିବସରେ ନର୍ସିଂ କଲେଜର ପ୍ରିନ୍ସିପାଲ ଶ୍ରୀମତୀ ମଞ୍ଜୁଳା କୁମାରୀ ସାହୁ, ଡା. ନିମାଇ ଚରଣ ହାନସଦା, ଡା. ପ୍ରତାପ ଚନ୍ଦ୍ର ମହାନ୍ତ ଏବଂ ଷ୍ଟାଫ ପୁନମ ବାରିକ, ସ୍ୱୀତିପ୍ରଜ୍ଞାନ ମାଜୀ, ଝୁନୀ ପାତ୍ର, ମଧୁସ୍ମିତା ବାରିକ, ସୁଚିସ୍ମିତା ବାରିକ, ଶ୍ରେୟାଂଜଳି ସେଠୀ, କବିତା ମହାନ୍ତ, ଶୁଭଶ୍ରୀ ପଣ୍ଡା ଏବଂ କଲେଜର ମନିଟର କୋଏଲ ସାହୁ, ଶ୍ରେୟା ଚକ୍ରବର୍ତୀ, ପ୍ରିୟଙ୍କା ବେରା, ତନିଶା ଘୋଷ, ସୁଦିପ୍ତା ବେରା, ଅଙ୍କିତା ଗିରି, ଶୃତି ଓଝା, ସାଗରିକା ପାତ୍ର, କମଳିକା ବାନାର୍ଜୀ, ମୋନାଲିସା ସିଂହ, ସୁମନା ପରି, ଅନାମିକା ପାଲ, ମୋନିକା ପାଲ, ଶୀମ୍ପିତା ସାମନ୍ତଙ୍କ ତତ୍ତ୍ୱାବଧାନରେ ଏହି ଦିବସଟି ପାଳିତ ହୋଇଥିଲା । ଶ୍ରୀମତୀ ମଞ୍ଜୁଳା କୁମାରୀ ସାହୁ ଫ୍ଲୋରେନ୍ସ ନାଇଟଏଙ୍ଗେଲଙ୍କ ଛବି ପ୍ରତିମୂର୍ତିରେ ପୁଷ୍ପ,ଚନ୍ଦନ, ମଲ୍ୟ ଅର୍ପଣ କରି ଦୀପ ପ୍ରଜ୍ୱଳନ କରିଥିଲେ । ପରେ ପରେ ସମସ୍ତ ଷ୍ଟାଫ ଫ୍ଲୋରେନ୍ସ ନାଇଟଏଙ୍ଗେଲଙ୍କ ଶପଥ ପାଠ କରିଥିଲେ । ସ୍କୁଲର ପ୍ରିନ୍ସିପାଲ ଶ୍ରୀମତୀ ମଞ୍ଜୁଳା କୁମାରୀ ସାହୁଙ୍କ ସହ ସମସ୍ତ ଷ୍ଟାଫ ଫ୍ଲୋରେନ୍ସ ନାଇଟଏଙ୍ଗେଲଙ୍କ ବିଷୟରେ ବକ୍ତୃତା ପ୍ରଦାନ କରିଥିଲେ ।

# ରାଜ୍ୟ ସରକାରଙ୍କୁ ଅପରାଜିତାଙ୍କ ଟାର୍ଗେଟ



ବାରିପଦା, ୧୩/୦୫ (ନି.ପ୍ର): ଆଜି ଭୁବନେଶ୍ୱର ସାଂସଦ ତଥା ବିଜେପିର ରାଷ୍ଟ୍ରିୟ ପ୍ରବକ୍ତା ଅପରାଜିତା ଷଡଙ୍ଗୀ ବାରିପଦାକୁ ଏକ ରାମ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିବା ଅବସରରେ ସର୍କିଟ ହାଉସ ଠାରେ ନାଗରୀକ ମଂଚର କର୍ମକର୍ତା ମାନଙ୍କ ସହ ଜିଲ୍ଲାର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିବା ସହ ହୋଟେଲ ଅମ୍ବିକା ସମ୍ମିଳନୀ କକ୍ଷ ଠାରେ ଭୁଗୁଡାକଟା ଟେମ୍ପୁଲ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ଜିଲ୍ଲାର ବହୁବିଧ ସମସ୍ୟା ଉପରେ ଆଲୋଚନା କରି ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିବାର ଦେଖାଯାଇଛି । ମୟୂରଭଂଜ ଗଡଜାତ ରାଜ୍ୟର ଭାରତବର୍ଷ ସହ ମିଶ୍ରଣ ସମୟରେ ରାଜା ମହାରାଜା ମାନେ ରାଜ୍ୟରେ ଥିବା ମଠ ମନ୍ଦିର ଗୁଡିକର ରିଚାଳନା ପାଇଁ ମୋଟ ୪୪,୨୨୧ ଏକର ୯୬ ଡେସିମିଲ ମୂଲ୍ୟବାନ ଭୁସମ୍ପତି ଦାନ କରି ଯାଇଥିଲେ । ଯାହା ମୟୂରଭଂଜ ମିଶ୍ରଣ ପରେ ଦେବତୋର ବିଭାଗ ଅଧୀନରେ ପରିଚାଳିତ ହେଉଥିଲା । ତେବେ କାଳକ୍ରମେ ଦେବତୋର ବିଭାଗର ଖାମଖିଆଲି ନିତି ଓ କିଛି ପ୍ରତିପତିଶାଳି ବ୍ୟକ୍ତି ଏବଂ ସରକାରୀ ବିଭାଗ ସମୂହ ଠାକୁରଙ୍କ ଏହି ସମ୍ପତି ଉପରେ ବେଆଇନ ଜବର ଦଖଲ କରି ନିଜ ଅକ୍ତିଆରକୁ ନେଇଯାଇଛନ୍ତି । ଏପରିକି ବାରିପଦା ପୌରପରିଷଦ କାର୍ଯ୍ୟାଳୟ ସହ ଅନେକ ଅଫିସ, ଦୋକାନ ଗୃହ, ବାସଗୃହ, ନାମିଦାମୀ ହୋଟେଲ, ମୋଲ ମଧ ଆଜିବି ବେଆଇନ ଭାବରେ ଦେବତୋର ଜମୀରେ ରହିଛି । କିଛି ପ୍ରତିପତିଶାଳି ବ୍ୟକ୍ତି ଚଂଚକତା କରି ଠାକୁର ଜମୀକୁ ଶାଗମାଛ ଦରରେ ଲିଜ ନେଇ ଲିଜ ଅବଧି ସରିଯାଇଥିଲେ ମଧ ଛାଡୁ ନାହାନ୍ତି କିମ୍ବା ଠାକୁରଙ୍କ ନିତ୍ୟାନି ପୂଜାପାଠ ବା ପର୍ବପର୍ବାଣି ଏବଂ ରକ୍ଷଣାବେକ୍ଷଣ ପାଇଁ ମଧ ଜମୀ ବାବଦରେ କିଛି ଦେଉ ନାହାନ୍ତି । ଏବେ ମୋଟ ୪୪,୨୨୧ ଏକର ୯୬ ଡେସିମିଲ ଦେବତୋର ଜମୀମଧରୁ ପ୍ରାୟ ୮ରୁ ୧୦ ଶତକଡା ଜମୀ ମଠ ମନ୍ଦିର ଗୁଡିକର ଆୟତରେ ରହିଥିବା ବେଳେ ବାକି ୯୦ ଶତାଂଶ ଜମୀ ସିଧାସିଧା ହଡପ ହୋଇ ଯାଇଛି । ରାଜ୍ୟସରକାରଙ୍କ ନିକଟରେ ବାରମ୍ବାର ଦାବୀ ଓ ଏଣ୍ଡାମେଂଟ କମିଶନରଙ୍କ ପାଖରେ ଦେବତୋର ଜମୀର ପୁନରୁଦ୍ଧାର ପାଇଁ ଅଭିଯୋଗ ହେବା ପରେ ଗତ ତା ୨୦/୦୯/୨୧ ରିଖ ଠାରୁ ତା ୨୪/୦୯/ ୨୧ ରିଖ ପର୍ଯ୍ୟନ୍ତ ୫ଦିନ ଧରି ଦେବତୋର କମିଶନର ଶ୍ରୀ ଏସ.ଜେନା ବାରିପଦା ଦେବତୋର ଜମୀ ହଡପ ମାମଲାର ତଦନ୍ତ କରି ସରକାରଙ୍କୁ ରିପର୍ଟ ଦେଇଥିଲେ । ରିପର୍ଟରେ କମିଶନ ବ୍ୟାପକ ଅନୀୟମିତତା ହୋଇଥିବା ଦର୍ଶାଇବା ସହିତ ଠାକୁର ଜମୀକୁ ଜବର ଦଖଲ ମୁକ୍ତ କରିବାକୁ ସରକାରଙ୍କୁ ସୁପାରିଶ ମଧ କରିଥିଲେ । ଏହି ତଦନ୍ତ ରିପର୍ଟ ଆଧାରରେ ଗତ ତା ୧୩/୦୪/ ୨୨ ରିଖ ଆଇନ ବିଭାଗର ପ୍ରିନସିପାଲ ସେକ୍ରେଟାରୀ ଆଲୋଚନା କଲେ ସତ ହେଲେ ବେଆଇନ ଜବର ଦଖଲରେ ଥିବା ଦେବତୋର ଜନମୀକୁ ଜବରଦଖଲ ମୁକ୍ତ କରିବାକୁ କୌଣଷି ପଦକ୍ଷେପ ନେଇ ନାହାନ୍ତି ବା କମିଶନଙ୍କୁ ମଧ ସହଯୋଗ କରୁ ନଥିବା ପ୍ରସଙ୍ଗ ଉଠାଇ ଅପରାଜିତା ରାଜ୍ୟ ସରକାରଙ୍କୁ ଘେରିବା ସହିତ ଏହି ଠାକୁର ସମ୍ପତି କେବେ ପୁଣି ଦେବତୋର ଖାତାକୁ ଫେରିବ ବୋଲି ପ୍ରଶ୍ନ ଉଠାଇଛନ୍ତି ।

# ନୀଳଗିରି ଯୁବ ମହୋତ୍ସବ ୨ୟ ସନ୍ଧ୍ୟା : ଦର୍ଶକଙ୍କ ମନମୋହିଲେ ବଲିଉଡ କଣ୍ଠଶିଳ୍ପୀ ବିନୋଦ ରାଠୋର

ନୀଳଗିରି, ୧୩/୦୫ (ନି.ପ୍ର): ନୀଳଗିରିସ୍ଥିତ କେ.ସି.ହାଇସ୍କୁଲ ପଡ଼ିଆରେ ନୀଳଗିରି ଯୁବ ମହୋତ୍ସବ ୨୦୨୨ ର ଦ୍ୱିତୀୟ ସନ୍ଧ୍ୟାରେ ପ୍ରବଳ ଜନସମାଗମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ମହୋତ୍ସବର ଆଜି ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଭାଇସଚାନସେଲର ସନ୍ତୋଷ ତ୍ରିପାଠୀ ଉପସ୍ଥିତ ରହି ଏହି ଭଳି ଉତ୍ସବ ଆୟୋଜନ କରି ନୀଳଗିରି ଭଳି ଆଦିବାସୀ ଅଧ୍ୟୁଷିତ ଅଂଚଳର ଲୁକାୟିତ ପ୍ରତିଭାମାନେ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରି ରାଜ୍ୟ ତଥା ଦେଶର ପ୍ରମୁଖ ଭୂମିକା ଗ୍ରହଣ କରିବା ସହିତ ଅଂଚଳର ବିକାଶ ଦିଗରେ ଦିଗଦର୍ଶକ ସାଜିବେ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବୀ ନୀଳଗିରି ଉପଜିଲ୍ଲାପାଳ ଦୀପ୍ତିରଂଜନ ସେଠୀ, ତହସିଲଦାର ଅଶେଷ ନାୟକ, ଏସ.ଡି.ପି.ଓ. ରୀତେଶ ମହାପାତ୍ର ଉପସ୍ଥିତ ରହି ଯୁବକମାନଙ୍କର ଏଭଳି ଉଦ୍ୟମକୁ ପ୍ରଶଂସା କରିଥିଲେ । ଏହି ସନ୍ଧ୍ୟାରେ ପ୍ରମୁଖ ଆର୍କଷଣଭାବେ ବଲିଉଡ୍ କଣ୍ଠଶିଳ୍ପୀ ବିନୋଦ ରାଠୋଡଙ୍କ ମନଛୁଆଁ ଗୀତରେ ଉପସ୍ଥିତ ଦର୍ଶକ ମନ୍ତ୍ରମୁଗ୍ଧ ହୋଇଥିଲେ । ନୀଳଗିରି ଅଂଚଳର ଯୁବ କଣ୍ଠଶିଳ୍ପୀ ତଥା ଓଡ଼ିଶାର ଆଗଧାଡ଼ିର କଣ୍ଠଶିଳ୍ପୀ ବିଷ୍ଣୁମୋହନ କବିଙ୍କ ଗୀତରେ ଦର୍ଶକମାନେ ଝୁମିଥିଲେ । ପ୍ରାରମ୍ଭରେ ସ୍ଥାନୀଂଚଳର କଳାକାରମାନଙ୍କ ଦ୍ୱାରା ଗୀତ ନାଚ ପରିବେଷଣ କରାଯାଇଥିଲା । ଏହି ଯୁଥଫେଷ୍ଟ କାର୍ଯ୍ୟକ୍ରମରେ ଏସୋସିଏସନର ସଦସ୍ୟ ତାପସ କୁମାର ପରିଡ଼ା, ସବ୍ୟସାଚୀ ମହାପାତ୍ର, ନଟୁ ସରକାର, ରମେଶ ରାଉତ, କୁମାର ରାୟ, ପ୍ରଦୀପ ଦାସ, ଗୟାଧର ବେହେରା, ଚିନ୍ମୟୀ ବାବୁ, ରଶ୍ମିରଂଜନ ରାଉତ, ବିସ୍ମୟ ମଲିକ, ମନୋରଂଜନ ଦାସବାବୁ, ବିଶ୍ୱରଂଜନ ମହାନ୍ତି, ମହେଶ୍ୱର ଖୁଂଟିଆ, ସମେତ ବହୁ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ରାଜ୍ୟରେ ଧାନସଂଗ୍ରହ ମଣ୍ଡିଗୁଡ଼ିକର ଭିତ୍ତିଭୂମି ବିକାଶ କରାଯିବ

ଭୁବନେଶ୍ୱର, ୧୩/୦୫ (ନି.ପ୍ର): ରାଜ୍ୟରେ ମଣ୍ଡିଗୁଡ଼ିକରେ ଧାନସଂଗ୍ରହ ପରିମାଣ ବୃଦ୍ଧି ପାଇଥିବା ପରିପ୍ରେକ୍ଷୀରେ ମଣ୍ଡିର ଧାନସଂଗ୍ରହ କାର୍ଯ୍ୟକୁ ସୁଚାରୁ ରୂପେ କରିବା ନିମନ୍ତେ ଭିତିଭୂମିର ଉନ୍ନତି କରିବା ପାଇଁ ସମବାୟ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ଏହିସବୁ ଭିତ୍ତିଭୂମିର ଯୋଜନା ପ୍ରସ୍ତୁତି ଓ ନିର୍ମାଣ ଓ ଆବଶ୍ୟକ ବ୍ୟୟ ଭାର ବହନ କରିବା ଦିଗରେ ବିଭାଗ ପକ୍ଷରୁ ଏକ ସଂକଳ୍ପନାମା ଜାରି କରାଯାଇଛି । ଚାଷୀମାନେ ଯେପରି ସହଜରେ ଓ ସୁବିଧାରେ ସେମାନଙ୍କର ଧାନ ବିକ୍ରି କରିପାରିବେ, ସେଥିନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ସମବାୟ ସମିତି ନିବନ୍ଧକଙ୍କୁ କୁହାଯାଇଛି । ଯେଉଁସବୁ ମଣ୍ଡିଗୁଡ଼ିକରେ ଭିତିଭୂମି ବିକାଶର ଆବଶ୍ୟକତା ରହିଛି, ସେଠାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ନିମନ୍ତେ ଆବଶ୍ୟକତାର ପୁନଃଆକଳନ ଓ ଖର୍ଚ୍ଚ ଅଟକଳ ତୁରନ୍ତ ପ୍ରସ୍ତୁତ କରି ବିଭାଗକୁ ଅବଗତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅଦିନିଆ ବର୍ଷା ଏବଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଚାଷୀମାନଙ୍କ ଧାନ ସୁରକ୍ଷିତ ରଖିବା ଦିଗରେ ପ୍ରତ୍ୟେକ ଧାନସଂଗ୍ରହ କେନ୍ଦ୍ରର ପିଣ୍ଡିଗୁଡ଼ିକ ଉଚ୍ଚ କରିବା, ଉପର ଛାତ ଏବଂ ଗୋଦାମ ଗୃହ ଆଦିର ନିର୍ମାଣ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ଯେଉଁ ମଣ୍ଡିରେ ଏହିସବୁ ସୁବିଧା ନାହିଁ, ସେଠାରେ ଉପଯୁକ୍ତ ସରକାରୀ ଜମିର ହସ୍ତାନ୍ତରଣ କରିବା ପାଇଁ ସଂପୃକ୍ତ ତହସିଲଦାରଙ୍କ ନିକଟରେ ଆବେଦନ କରିବା ପାଇଁ ସମବାୟ ସମିତିର ଡେପୁଟି ରେଜିଷ୍ଟ୍ରାରମାନଙ୍କୁ ବିଭାଗ ପକ୍ଷରୁ ଅଧିକୃତ ଅଧିକାରୀ ଭାବେ ନିୟୋଜିତ କରାଯାଇଛି । ତେବେ ସଂପୃକ୍ତ ନିୟନ୍ତ୍ରିତ ବଜାର କମିଟି ସେମାନଙ୍କ ଦ୍ୱାରା ଧାନସଂଗ୍ରହ ସମୟରେ ଆଦାୟ କରାଯାଇଥିବା ଉନ୍ନୟନ ଫିସ୍ ଏବଂ ପ୍ୟାକ୍ସ ଓ ଲ୍ୟାମ୍ପସ୍ କୁ ଧାନସଂଗ୍ରହ ବାବଦକୁ ମିଳୁଥିବା କମିଶନ ଅର୍ଥକୁ ମଣ୍ଡିର ପିଣ୍ଡିକୁ ଉଚ୍ଚ କରିବା, ଉପର ଛାତ, ଗୋଦାମ ଗୃହ ନିର୍ମାଣ ସହିତ ଅନ୍ୟାନ୍ୟ ମୌଳିକ ଭିତିଭୂମି ନିର୍ମାଣ ନିମନ୍ତେ ଖର୍ଚ୍ଚ କରାଯାଇପାରିବ । ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନେ ମଣ୍ଡି ଭିତିଭୂମି ନିର୍ମାଣ କାର୍ଯ୍ୟର ଯୋଜନା ଓ ବ୍ୟୟ ଅଟକଳକୁ ଅନୁମୋଦନ କରିବେ।

# ଜୁନରେ 'ବାଲେଶ୍ୱର ପଲ୍ଲିଶ୍ରୀ ମେଳା-୨୦୨୨'



ବାଲେଶ୍ୱର,୧୩/୦୫ (ନି.ପ୍ର): ଜିଲା ପ୍ରଶାସନ ପକ୍ଷରୁ 'ବାଲେଶ୍ୱର ପଲ୍ଲିଶ୍ରୀ ମେଳା-୨୦୨୨' ଆୟୋଜନ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଆସନ୍ତା ଜୁନ ମାସ ପ୍ରଥମାର୍ଦ୍ଧରେ ସ୍ଥାନୀୟ ଆଇଟିଆଇ ପଡ଼ିଆରେ ପଲିଶ୍ରୀ ମେଳାର ଆୟୋଜନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା । ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ, ଉପ-ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ସମେତ ବିଭିନ୍ନ ବିଭାଗୀୟ ପଦାଧିକାରୀ ଏହି ବୈଠକରେ ଉପସ୍ଥିତ ରହି ମେଳାର ରୂପରେଖ ଓ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ମେଳାରେ ଡିଆରଡିଏ, ଓରମାସ, ସ୍ୱୟଂ ସହାୟକ ଗୋଷ୍ଠୀ ସମେତ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ଏବଂ ଘରୋଇ ସଂସ୍ଥାର ଷ୍ଟଲ ସ୍ଥାନୀତ କରାଯିବାକୁ ସିଦ୍ଧାନ୍ତ ନିଆଯାଇଛି । ଏହା ବ୍ୟତୀତ ସାଂସ୍କୃତିକ ଓ ମନୋରଂଜନ କାର୍ଯ୍ୟକ୍ରମର ଆୟୋଜନ ପାଇଁ ମଧ୍ୟ ସହମତି ପ୍ରକାଶ ପାଇଥିଲା । ବାଲେଶ୍ୱର ସମେତ ରାଜ୍ୟର ଅନ୍ୟାନ୍ୟ ଜିଲା ଓ ପଡ଼ୋଶୀ ରାଜ୍ୟରୁ ବ୍ୟବସାୟିକ ସଂସ୍ଥା ଓ ସାଂସ୍କୃତିକ ଦଳକୁ ଆମନ୍ତ୍ରଣ କରିବାକୁ ଉପସ୍ଥିତ ସଦସ୍ୟମାନେ ମତ ରଖିଥିଲେ। ମେଳା ଆୟୋଜନ ନିମନ୍ତେ ବିଭିନ୍ନ କମିଟି ଗଠନ, ଆଇନଶୃଙ୍ଖଳା ଓ ଟ୍ରାଫିକ୍ ବ୍ୟବସ୍ଥାର ସୁପରିଚାଳନା, ହୋର୍ଡିଂ ଓ ଷ୍ଟଲ୍ ସ୍ଥାପନ, ପାନୀୟ ଜଳ, ଅଗ୍ନିଶମ ବ୍ୟବସ୍ଥା, ମେଳାର ପ୍ରଚାର-ପ୍ରସାର, ଉଦଘାଟନୀ ଓ ଉଦଯାପନୀ ଉତ୍ସବ ଇତ୍ୟାଦି ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓରମାସ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ମେଳାକୁ ଅଧିକ ଆକର୍ଷଣୀୟ ତଥା ସଫଳ କରିବା ଲାଗି ସବୁ ସ୍ତରରେ ଉଦ୍ୟମ କରିବାକୁ ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତ୍ତୀ ପରାମର୍ଶ ଦେଇଛନ୍ତି। ବୈଠକରେ ଓରମାସ ଉପମୁଖ୍ୟ ପରିଚାଳକ ଜିତେନ୍ଦ୍ର ବିଶ୍ୱାଳ ମେଳା ସମ୍ପର୍କିତ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ ।

# ମୟୁରଭଞ୍ଜ ଗସ୍ତ ବେଳେ ଭଦ୍ରକରେ ସାଂସଦ ଅପରାଜିତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା



ଭଦ୍ରକ, ୧୩/୦୫ (ନି.ପ୍ର): ମୟୁରଭଞ୍ଜ ବାରିପଦାରେ ନୂତନ ଶ୍ରୀରାମ ମନ୍ଦିର ଉଦ୍‌ଘାଟନ କରିବାକୁ ଯାଉଥିବା ସମୟରେ ଭୁବନେଶ୍ୱରର ସାଂସଦ ତଥା ବିଜେପିର ରାଷ୍ଟ୍ରୀୟ ମୁଖପାତ୍ର ଅପରାଜିତା ସଡ଼ଙ୍ଗୀଙ୍କୁ ଭଦ୍ରକରେ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଦିବା ଦଶ ଘଟିକା ସମୟରେ ଭଦ୍ରକ ବନ୍ତଛକରେ ଜାତୀୟ ରାଜପଥ ପାର୍ଶସ୍ଥ ଆଞ୍ଚଳିକ ରାସ୍ତାରେ ବିଜେପି କର୍ମୀ ଓ କିଛି ସାଧାରଣ ଲୋକେ ସାଂସଦ ଶ୍ରୀମତୀ ସଡ଼ଙ୍ଗୀଙ୍କୁ ଗାଡ଼ି ଅଟକାଇ ପୁଷ୍ପ ଗୁଚ୍ଛ ପ୍ରଦାନ ପୂର୍ବକ ଭାବ ବିହୋଳ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଶ୍ରୀମତୀ ସଡ଼ଙ୍ଗୀ ଆନନ୍ଦିତ ହୋଇ କିଛି ସମୟ କଥାବାର୍ତ୍ତା କରିଥିଲେ। ଏହି ସ୍ୱାଗତ କାର୍ଯ୍ୟକ୍ରମ ଯୁବ ନେତା ରଶ୍ମି ରଞ୍ଜନ ବେହେରାଙ୍କ ନେତୃତ୍ୱରେ ହୋଇଥିବା ବେଳେ ପୂର୍ବତନ ବିଜେପି କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂ, ବନ୍ତ ବ୍ଲକ ଯୁବ ନେତା ବସନ୍ତ କୁମାର ବିଶ୍ୱାଳ, ଅବସର ପ୍ରାପ୍ତ ସୈନିକ ବାପି ସ୍ୱାଇଁ, ନାରୀ ନେତ୍ରୀ ରାଜଲକ୍ଷ୍ମୀ ଦାସ, ଦମୟନ୍ତି ଜେନା, ସତ୍ୟଭାମା ଘଡ଼େଇ, ସଞ୍ଜୟ ଦାସ, ଅଜୟ ସାହୁ, ନବ ବେହେରା, ଭଗବାନ ନାୟକ, ବଟକୃଷ୍ଣ ଜେନା, ସଞ୍ଜୟ ବେହେରା ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ହୋଇ ସମ୍ବର୍ଦ୍ଧନା ଜଣାଇଥିଲେ।

# ଯୁବକଙ୍କୁ ଗିରଫ କରିବା ପ୍ରତିବାଦରେ ପରିବାର ବର୍ଗଙ୍କ ଆତ୍ମହୁତି ଉଦ୍ୟମ

ଭଦ୍ରକ, ୧୩/୦୫ (ନି.ପ୍ର): ଯୁବକଙ୍କୁ ଗିରଫ କରିବା ପ୍ରତିବାଦରେ ଭଦ୍ରକ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପରିବାରବର୍ଗଙ୍କ ଆତ୍ମହୁତି ଉଦ୍ୟମ।ଆତ୍ମହୁତି ଉଦ୍ୟମ ବେଳେ ପୋଲିସ ପହଁଚି ପରିବାରବର୍ଗଙ୍କୁ କାବୁ କରି ଟାଉନଥାନାରେ ଅଟକ ରଖିଛି । ସୂଚନା ଅନୁଯାୟୀ ସହରାଞ୍ଚଳ ଥାନା ଗବସଛହି ଅଞ୍ଚଳରେ ଗତ ଏପ୍ରିଲମାସ ୧୩ତାରିଖ ରାତିରେ ଜମିବାଡ଼ି ବିବାଦ ଓ ପୂର୍ବ ଶତ୍ରୁତାକୁ ,କେନ୍ଦ୍ରକରି ସୁଦର୍ଶନ ଦାସ ଓ ବଟ ଦାସଙ୍କ ପରିବାର ବର୍ଗ ରାତିରେ ଶୋଇଥିବା ବେଳେ ଘରୁ ବାହାରୁ ତାଲା ପକାଇ ଦୁର୍ବୃତ୍ତମାନେ ଘରେ ବିଳମ୍ବିତ ରାତିରେ ନିଆଁ ଲଗାଇଲେ । ତେବେ ନିଆଁ ଲାଗିବା ଜାଣିବା ପରେ ଘର ପଛପଟୁ ପରିବାର ଲୋକେ ବାହାରି ପଳାଇଆସିଥିଲେ ।ତେବେ ଏହି ନିଆଁ ଲାଗିବା ଦେଖି ପାଖ ପୋଡଶି ନିଆଁ ଲିଭାଇବା ସହ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ କୁ ଆୟତ କରିଥିଲା । ତେବେ ପରିବାର ସଦଶ୍ୟ ଅଳ୍ପକେ ରକ୍ଷା ପାଇଯାଇଥିବା ବେଳେ, ଲକ୍ଷାଧିକ ଟଙ୍କାର ସମ୍ପତି ଜଳିଯାଇଥିଲା । ପୂର୍ବଶତ୍ରୁତା ଓ ଜମିବାଡ଼ି ବିବାଦକୁ ନେଇ ସାମ୍ପର୍କୀୟ ମାନେ ଏହି କାଣ୍ଡ ଭିଆଇଥିବା ଟାଉନ ଥାନାରେ ଅଭିଯୋଗ ହୋଇଥିଲା । ତେବେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଏହି ନିଆଁ ଲଗେଇବା ଘଟଣାରେ ସଂପୃକ୍ତ ଥିବା ଦୁଇ ଜଣକୁ ଅଟକ ରଖି ତଦନ୍ତ କରିଥିଲା । ତେବେ ଏହି ଘରପୋଡି ଘଟଣାରେ ସମ୍ପୃକ୍ତ ଥିବା ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ପୋଲିସ । ତେବେ ଏହି ଘଟଣାକୁ ନେଇ ଉଭୟ ପକ୍ଷରେ ମଧ ମାମଲା ରୁଜୁ ହୋଇଥିଲା ।ତେବେ ଆଜି ପୋଲିସ ଏହି ଘଟଣାରେ ସଂପୃକ୍ତ ଥିବା ଯୁବକଙ୍କୁ ଗିରଫ କରିଥିବାବେଳେ,ପରିବାର ବର୍ଗ ତାଙ୍କୁ ଛାଡିବା ପାଇଁ କହିଥିଲେ। ତେବେ ପୋଲିସ ନ ଛାଡିବାରୁ ପରିବାର ବର୍ଗ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପେଟ୍ରୋଲ ଢାଳି ନିଆଁ ଲଗାଇବାକୁ ଉଦ୍ୟମ କଲାବେଳେ ପୋଲିସ କାବୁ କରିଥିଲା । ତେବେ ପରିବାର୍‌ଗର୍ଗଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

# ବିସିଇଟିରେ କ୍ୟାମ୍ପସ ଚୟନ ପ୍ରକ୍ରିୟା

ବାଲେଶ୍ୱର,୧୩/୦୫ (ନି.ପ୍ର): ସେରଗଡ଼ ସ୍ଥିତ ବାଲେଶ୍ୱର କଲେଜ ଅଫ ଇଞ୍ଜିନିୟରି ଏଣ୍ଡ ଟେକ୍ନୋଲୋଜି (ବିସିଇଟି)ରେ ପୁଣେ ସ୍ଥିତ ଆର୍ନ୍ତଜାତୀୟ କମ୍ପାନୀ ରୋଞ୍ଚ ପଲିମର୍ସ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା କ୍ୟାମ୍ପାସ୍ ନିଯୁକ୍ତି ପ୍ରକ୍ରିୟା ଶେଷ ହୋଇଛି। କମ୍ପାନୀର ମାନବ ସମ୍ବଳ ଅଧିକାରୀ ଶୁଭଲକ୍ଷ୍ମୀ ତ୍ରିପାଠୀ ଏବଂ ବୈଷୟିକ ମୁଖ୍ୟ ଅଂଶୁମାନ ପଣ୍ଡା ଯୋଗଦେଇ ବିଭିନ୍ନ ବିଭାଗରୁ ୨୨ଜଣ ଛାତ୍ର ଛାତ୍ରୀଙ୍କୁ ମନୋନୀତ କରି ନିଯୁକ୍ତି ପତ୍ର ଦେଇଛନ୍ତି। ଅନୁଷ୍ଠାନର ତାଲିମ ଓ ନିଯୁକ୍ତି ବିଭାଗୀୟ ମୁଖ୍ୟ ତଥା ଉପ-ନିର୍ଦ୍ଦେଶକ ଶୁଭ୍ରାଂଶୁ ଶେଖର ସାମନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉପରୋକ୍ତ କ୍ୟାମ୍ପସ ମାଧ୍ୟମରେ ନିଯୁକ୍ତି ପ୍ରକ୍ରିୟା ତ୍ୱରାନିତ ହୋଇଥିଲା। ପ୍ରକାଶ ଥାଉକି ଚଳିତ ଶିକ୍ଷା ବର୍ଷରେ କ୍ୟାମ୍ପସ ଚୟନ ମାଧ୍ୟମରେ ୧୮ଗୋଟି ଜାତୀୟ ଏବଂ ଆନ୍ତର୍ଜାତୀୟ କମ୍ପାନୀ ଦ୍ୱାରା ୧୨୮ଜଣ ଛାତ୍ର ଛାତ୍ରୀ ନିଯୁକ୍ତି ପାଇଛନ୍ତି। ଅନୁଷ୍ଠାନର ସଭାପତି ଡ. ମନ୍ମଥ କୁମାର ବିଶ୍ୱାଳ, ନିର୍ଦ୍ଦେଶକ ଡ. ଶରତ କୁମାର ମିଶ୍ର, ଅଧ୍ୟକ୍ଷ ଡ. ଶିବେନ୍ଦ୍ର କୁମାର ଘରାଇ, ଉପାଧ୍ୟକ୍ଷ ଇଂ ମିଥୁନ କୁମାର କରଙ୍କ ସମେତ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା କ୍ୟାମ୍ପସ ନିଯୁକ୍ତିରେ ସଫଳ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ କମ୍ପାନୀ ସମୂହଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ପିଆଇବି ଓ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ ପକ୍ଷରୁ ଯୋଗ ଶିବିର ଆୟୋଜିତ

ଭୁବନେଶ୍ୱର, ୧୩/୦୫ (ନି.ପ୍ର): ଅନ୍ତର୍ଜାତୀୟ ଯୋଗ ଦିବସ ପୂର୍ବରୁ ୭୫ଦିନିଆ ଅବଗଣନାର ଅଂଶବିଶେଷ ସ୍ୱରୂପ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱର ପକ୍ଷରୁ ଶୁକ୍ରବାର ଦିନ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି । ପିଆଇବି ଏବଂ କେନ୍ଦ୍ର ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ (ସିବିଏଫସି) ପକ୍ଷରୁ ମିଳିତ ଭାବେ ଭୁବନେଶ୍ୱରସ୍ଥିତ ଗୁରୁ କେଳୁଚରଣ ପାର୍କ ଠାରେ ଆୟୋଜିତ ଏହି ଯୋଗ ଶିବିରରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ, କର୍ମଚାରୀଙ୍କ ସମେତ ସେମାନଙ୍କ ପରିବାରବର୍ଗ ଅଂଶଗ୍ରହଣ କରି ଯୋଗ ଅଭ୍ୟାସ କରିଥିଲେ। ଅବସରପ୍ରାପ୍ତ ଭାରତୀୟ ସୂଚନା ସେବା ଅଧିକାରୀ ସୁଧାଂଶୁ ଶେଖର ଧଡ଼ା ଅଂଶଗ୍ରହଣକାରୀ ମାନଙ୍କୁ ଯୋଗ ଅଭ୍ୟାସ କରାଇଥିଲେ। ପତ୍ର ସୂଚନା କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ଓ ସିବିଏଫସି କଟକର ମୁଖ୍ୟ ଡ. ଗିରିଶ-ଚନ୍ଦ୍ର ଦାଶ, ଗଣ ଯୋଗାଯୋଗ ଅଧିକାରୀ ପ୍ରଦୀପ ଚୌଧୁରୀଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ମଧ ଶିବିରରେ ଉପସ୍ଥିତ ଥିଲେ । ଏହି ଅବସରରେ ଯୋଗର ଉପକାରିତା ସମ୍ପର୍କରେ ସାଧାରଣ ଜନତାଙ୍କୁ ସଚେତନ କରାଯାଇଥିଲା। ସୂଚନା ଯୋଗ୍ୟ ଯେ ଆସନ୍ତା ଜୁନ୍ ୨୧ ତାରିଖରେ ଅନ୍ତର୍ଜାତୀୟ ଯୋଗ ଦିବସ ଆୟୋଜିତ ହେବ ।

# ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପେନସନ ମେଳା



ବାରିପଦା, ୧୩/୦୫ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା), ମୟୂରଭଞ୍ଜ ସହଯୋଗରେ ଏପ୍ରିଲ ମାସରେ ଚାକିରୀରୁ ଅବସର ନେଇଥିବା ମାଧ୍ୟମିକ ସ୍କୁଲ ଶିକ୍ଷକ ଓ କର୍ମଚାରୀ ମାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସହିତ ପ୍ରୋଭିଜନାଲ୍ ପେନସନର କାଗଜପତ୍ର ପ୍ରଦାନ କରାଯାଇଛି । ଏହି ଅବସରରେ ଜିଲ୍ଲା ଶିକ୍ଷାଧିକାରୀ ନବକିଶୋର ଗିରିଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରିଣୀ ଦୀପ୍ତ ନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ, ବିଜ୍ଞାନ ପରିଦର୍ଶକ ଜ୍ଞାନରଂଜନ ଆଚାର୍ଯ୍ୟ, ଅଫିସ ସହକାରୀ ପିନାକୀ ବେରା ଓ ସହାୟକ ଦେବ ପ୍ରସାଦ ମହାନ୍ତଙ୍କ ସହିତ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ଜିଲ୍ଲା ସଭାପତି ଦ୍ୱୟ ସନ୍ତୋଷ କୁମାର କାସ୍ତ ଓ ମନୋରଞ୍ଜନ ରାଉତ, ଜିଲ୍ଲା ସଂପାଦକ ଚିତରଂଜନ ପଲତା, ବାମନଘାଟୀ-ଫଚପୀଢ ସମ୍ପାଦକ ଦୁର୍ଯ୍ୟୋଧନ ବେହେରା ଓ ବାରିପଦା ବ୍ଲକ ସଂପାଦକ ପ୍ରଦୀପ ଚନ୍ଦ୍ର ମହାନ୍ତଙ୍କ ଉପସ୍ଥିତିରେ ପ୍ରଧାନ ଶିକ୍ଷକ ପଦରୁ ଅବସର ଗ୍ରହଣ କରିଥିବା ହୀରାଲାଲ ମହାନ୍ତ, ସିଦ୍ଧେଶ୍ୱର ମିଶ୍ର, ପ୍ରଦୀପ କୁମାର ସାହୁ, ଡମ୍ବରୁଧର ମହାନ୍ତ ଓ ମଧୁସୂଦନ ସେନାପତି, ସହକାରୀ ଶିକ୍ଷକ ପଦରୁ ଅବସର ଗ୍ରହଣ କରିଥିବା ଶରଣ ପଂଜର ଦାସ, ଯଦୁନାଥ ପାଣିଗ୍ରାହୀ, ଅଜିତ କୁମାର ମହାନ୍ତ, ସୋମନାଥ ମହାନ୍ତ ଓ କାମିନୀକାନ୍ତ ପାଣିଗ୍ରାହୀ, ଅଫିସ୍ ସହାୟକ ପଦରୁ ଅବସର ନେଇଥିବା ଗୋପବନ୍ଧୁ ନାୟକ ଏବଂ ପିଅନ ପଦରୁ ଅବସର ନେଇଥିବା ବିମଳ ଚନ୍ଦ୍ର ଭୋଇ, ସୁରେନ୍ଦ୍ର ପ୍ରଧାନ, ରମାକାନ୍ତ ମହାନ୍ତ ଓ ଦେବେନ୍ଦ୍ର ନାଥ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲା ଶିକ୍ଷାଧିକାରୀଙ୍କ ଠାରୁ ମାନପତ୍ର, ଅନ୍ୟାନ୍ୟ ଅବସରଜନିତ କାଗଜପତ୍ର ଓ ପୁଷ୍ପଗୁଚ୍ଛ ଗ୍ରହଣ କରିଥିଲେ । ଅବସର ଗ୍ରହଣ କରିଥିବା ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନେ ସେମାନଙ୍କର ଦୀର୍ଘ ଦିନର ଚାକିରୀ ଅନୁଭୂତି ଉପରେ ଆଲୋକପାତ କରିଥିଲେ ।

# 'କରୁଣା ଗୌରୀ ଆଶ୍ରୟସ୍ଥଳ'ରୁ ଘରକୁ ଫେରିଲେ ମହିଳା ଓ ଶିଶୁ

ବାଲେଶ୍ୱର,୧୩/୦୫ (ନି.ପ୍ର): ସ୍ୱାମୀର ଅନ୍ୟ ଯୁବତୀ ସହିତ ସମ୍ପର୍କ ଥିବା ଜାଣି ଅନ୍ୟ ଜଣେ ଯୁବକ ସହ ଛଅ ମାସର ଶିଶୁ ପୁତ୍ରକୁ ଧରି ଘରୁ ପଳାଇ ଯାଇ ପ୍ରତାରିତ ହେବା ପରେ ଆତ୍ମହତ୍ୟା ପାଇଁ ଉଦ୍ୟମ ବେଳେ ଉଦ୍ଧାର ହୋଇଥିବା ମହିଳାଙ୍କୁ କରୁଣା ଗୌରୀ ଆଶ୍ରୟସ୍ଥଳୀ ପକ୍ଷରୁ ପରିବାରକୁ ହସ୍ତାନ୍ତର କରାଯାଇଛି। ରେଳଧାରଣାରେ ଆତ୍ମହତ୍ୟା କରୁଥିବା ବେଳେ ସମ୍ପୃକ୍ତ ମହିଳାଙ୍କୁ ନିରଞ୍ଜନ ନାମକ ଭଦ୍ରବ୍ୟକ୍ତି ଉଦ୍ଧାର 'କରୁଣା ଗୌରୀ ଆଶ୍ରୟସ୍ଥଳ' ଜିମାରେ ଦେଇଥିଲେ। ପ୍ରତିଭା ମାତୃମଙ୍ଗଳ ସେବା କେନ୍ଦ୍ର'ରେ ମାଆକୁ ଏବଂ 'ଅନ୍ୱେଷ ବାତ୍ସଲ୍ୟ ମମତା ଗୃହ' ରେ ପୁଅକୁ ରଖାଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଗଣେଶ୍ୱର ରାଉତ ବ୍ୟକ୍ତିଗତ ଭାବରେ ସମସ୍ତ ସହଯୋଗ କରିଥିବା ବେଳେ ପୀଡ଼ିତା ମହିଳା ଏବଂ ୬ ମାସର ପିଲାକୁ ଆଜି ତ ଶାଶୂ ସୁନାମଣି ସରେନ, ମାଆ ବାସନ୍ତି ହାଁସଦା ଭାଇ ଘାସିରାମ ମାଝୀ, ବାପା ଘନସା ହାଁସଦା ଓ ସ୍ୱାମୀ ସୁକଲାଲ ସରେନ୍ ସହିତ ଘରକୁ ପଠାଇ ଦିଆଯାଇଛି। ଅକ୍ତିଆରପୁରସ୍ଥିତ ଆଶ୍ରୟସ୍ଥଳରୁ ସକାଳ ଘ: ୯.୩୦ମିନିଟ ରେ ସମସ୍ତ ପ୍ରମାଣ ପତ୍ର ରଖି ମହିଳା ଓ ତାଙ୍କର ଶିଶୁଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅନୁଷ୍ଠାନର ସମ୍ପାଦିକା ସସ୍ମିତା ହରିଚନ୍ଦନ ରାଉତ, ସଭାପତି ଅମୂଲ୍ୟ କୁମାର ମହାନ୍ତି, ସଦସ୍ୟ ପିୟୂଷ ନନ୍ଦୀ , ସୁଦର୍ଶନ ବେହେରା ସମସ୍ତ ସହଯୋଗ କରିଥିବା ବେଳେ ପ୍ରଧାନ ଶିକ୍ଷକ ତ୍ରିଲୋଚନ ବେହେରା, ମାନସୀ ସାହୁ, କବିତା ବେହେରା, ସାଲକା ମୁର୍ମୁ ସେବା ଯୋଗାଇ ଦେଇଥିଲେ। ଗତ ୫ ମାସ ମଧ୍ୟରେ ପାରିବାରିକ ହିଂସାରେ ପୀଡ଼ିତା ୨୧ ଜଣ ମାଆ ଭଉଣୀ ଏବଂ ସେମାନଙ୍କର ନିରୀହ ଶିଶୁଙ୍କର ସମସ୍ୟାକୁ ଖୁବ ସ୍ୱଳ୍ପ ସମୟ ମଧରେ ସମାଧାନ କରି ପାରିଥିବାରୁ ଗଣେଶ୍ୱର ରାଉତ ସନ୍ତୋଷ ପ୍ରକାଶ କରିଛନ୍ତି।

# ମାନସିକ ଅନଗ୍ରସର ପିଲାଙ୍କ ସହିତ ଭାବବିନିମୟ କଲେ ବି.ଇ.ଡି-ଏମ.ଇ.ଡି ଛାତ୍ରଛାତ୍ରୀ



ବାରିପଦା, ୧୩/୦୫ (ନି.ପ୍ର): ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଅଧିନ ଇଣ୍ଟିଗ୍ରେଟେଡ଼ ବି.ଇଡି -ଏମ.ଇଡି ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ମାନେ ରାଜବେଡା ଦାମୋଦରପୁରସ୍ଥିତ ମନୋବିକାଶ ସ୍ୱତନ୍ତ୍ର ବିଦ୍ୟାଳୟର ଅନ୍ତେବାସୀ ଥିବା ମାନସିକ ଅନଗ୍ରସର ଓ ଦିବ୍ୟାଙ୍ଗ ଛାତ୍ରୀମାନଙ୍କ ସହିତ ଏକ ସୁଖଦ ଭାବବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଭାଗୀୟ ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟର ଛାତ୍ରୀମାନଙ୍କ ସହିତ ସୁଖଦ ସମୟ ଅତିବାହିତ କରିବା ସହିତ ଭିଭିନ୍ନ ପ୍ରକାରର ଶିକ୍ଷଣୀୟ କାର୍ଯ୍ୟମାନ କରାଇଥିଲେ, ସେମାନଙ୍କର ଦିନଚର୍ଯ୍ୟା ଓ ଶିକ୍ଷା ପଦ୍ଧତି ବିଷୟରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଠାରୁ ପଚାରି ବୁଝିଥିଲେ ଓ ଭିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରି ପିଲାମାନଙ୍କର ମନରଂଜନ କରାଇଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମଟି ବିଭାଗୀୟ ମୁଖ୍ୟ ପ୍ରାଧାପକ ଡ଼. ସମୀର କୁମାର ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭାଗର ସହଯୋଗୀ ପ୍ରାଧାପକ ଡ଼. ରମେଶ କୁମାର ପରୁଆ ଓ ଅଧାପକ ଶୁଭାଶିଷ ମହାନ୍ତ ଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିବାବେଳେ ଉକ୍ତ ବିଦ୍ୟାଳୟର ଅଧକ୍ଷା ଭଗିନୀ ରସଲିଟ ଓ ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ନିଜର ଆବଶ୍ୟକୀୟ ଉପସ୍ଥିତି ପ୍ରଦାନକରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଉଦଳାରେ ଆନ୍ତର୍ଜାତୀୟ ସେବିକା ଦିବସ ପାଳିତ




ଉଦଳା, ୧୩/୦୫ (ନି.ପ୍ର): ଉଦଳାସ୍ଥିତ ଉପଖଣ୍ଡ ସରକାରୀ ଚିକିତ୍ସାଳୟର ବୈଠକ ଗୃହ ପରିସରରେ ଉପଖଣ୍ଡ ଚିକିତ୍ସାଳୟ ଅଧିକ୍ଷକ ଡ଼ାକ୍ତର ଶିବାନନ୍ଦ ମହାନ୍ତିଙ୍କ ଅଧକ୍ଷତାରେ ଚଳିତ ମଇ ୧୨ ତାରିଖ ଦିନ ଆନ୍ତର୍ଜାତୀୟ ସେବିକା ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡ଼ାକ୍ତର ଲକ୍ଷ୍ମୀକାନ୍ତ ପତି ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ସାରା ପୃଥିବୀରେ ଆଜିର ଦିବସ ଟିକୁ କାହିଁକି ସେବିକା ଦିବସ ରୂପେ ପାଳନ କରାଯାଉଛି ଓ ଏହାର ଉଦେଶ୍ୟ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ରକ୍ତଭଣ୍ଡାର ଦାୟିତ୍ୱରେ ଥିବା ଡ଼ାକ୍ତର ପ୍ରଜ୍ଞାପ୍ରୀୟଦର୍ଶନୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ସେବିକା ମାନଙ୍କର ସ୍ନେହ ମମତା ଆଗରେ ରୋଗ ହାର ମାନିଥାଏ ଓ ରୋଗୀ ସାରା ଜୀବନ ସେବିକାଙ୍କୁ ଭୁଲିନଥାଏ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧରେ ଡ଼ାକ୍ତର ମଧୁସ୍ମିତା ବେହେରା, ଡ଼ାକ୍ତର ଜ୍ୟୋତି ରଂଜନ ପ୍ରଧାନ, ଡ଼ାକ୍ତର ଶିଶିର ବେହେରା ଓ ଡ଼ାକ୍ତର ସୁଜାତା ଟୁଡ୍ଡୁ ପ୍ରମୁଖ ଅଂଶ ଗ୍ରହଣ କରି ସେବିକା ମାନଙ୍କର ଧର୍ଯ୍ୟ, ସାହସ ଓ କଷ୍ଟ ସହିଷ୍ଣୁତା ଗୁଣ ଆଗରେ ସମସ୍ତେ ମୁଣ୍ଡ ନୁଆଁଇ ଥାଆନ୍ତି ବୋଲି କହିଥିଲେ । ଆଜିର କାର୍ଯ୍ୟକ୍ରମ ପାଇଁ ମାରୁଆଡ଼ି ମହିଳା ମଞ୍ଚ ଉଦଳା ଶାଖା ତରଫରୁ ଉପଖଣ୍ଡ ଚିକିତ୍ସାଳୟରେ କାର୍ଯ୍ୟରତ ସମସ୍ତ ସେବିକା ମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୁର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଶେଷରେ ମିଷ୍ଟାନ୍ନ ବଣ୍ଟନ ସହିତ କାର୍ଯ୍ୟକ୍ରମର ଯବନିକା ପଡ଼ିଥିଲା ।

# ଜନପ୍ରିୟ ନେତା ଇକ୍‌ବାଲ ଖାନ୍ ଆଉ ନାହାନ୍ତି

ଭଦ୍ରକ,୧୩/୦୫ (ନି.ପ୍ର): ଭଦ୍ରକ ପୌର ରାଜନିତୀର ଅନ୍ୟତମ ବରିଷ୍ଠ ଓ ଟାଣୁଆ ନେତା ଇକବାଲ ଖାନ୍‌ଙ୍କ ତାଙ୍କ ପୈତୃକ ବାସଭବନ ପୁରୁଣାବଜାରସ୍ଥିତ ଛଡ଼ାକମହଲା ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା । ଦୀର୍ଘ ମାସ ଧରି ସେ ଅସୁସ୍ଥ ଥିଲେ । ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପତ୍ନୀ ପ୍ରାକ୍ତନ ପାରିଷଦ ଜେବା ଇକବାଲ, ଦୁଇ ଭାଇ ଶେର ଅଲ୍ଲୀ ଖାନ, ଡ. କମାଲ ଖାନ, ତିନି ଭଉଣୀ, ଏକମାତ୍ର ପୁତ୍ର ସରବୁଲନ୍ଦ ଖାନ, ପୁତ୍ରବଧୂ, ଦୁଇ ଝିଅ ଗୁଲାମ ଦାନ ଖାନ, ବକମଲା ଖାନ, ଭାଣିଜୀ ନବ ନିର୍ବାଚିତା ପୌରାଧକ୍ଷା ଗୁଲମକ୍ସୀ ହବିବ, ଭଉଣୀ ପ୍ରାକ୍ତନ ପୌର ଉପାଧକ୍ଷା ତାହେରା ଖାତୁନ, ଓ ସମସ୍ତ ପରିବାର ସଦସ୍ୟ ଉପସ୍ଥିତ ଥିଲେ । ଶ୍ରୀ ଖାନଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସମଗ୍ର ଭଦ୍ରକ ପୌରାଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା । ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଂଜିବ ମଲ୍ଲିକ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବିଜେଡି ରାଜ୍ୟ ସଂପାଦକ ଇଂ. ପ୍ରୟାସକାନ୍ତୀ ସାମଲ, ମଳୟ ଜେନା, କବି ଅଶୋକ ନାୟକ, ଶିକ୍ଷାବିତ୍ ଏସ.ଏମ.ଫାରୁକ୍ ?, ହରି ନନ୍ଦ, ଅନୱାର ହୋସେନ, ବିଜେଡି ନଗର ସଭାପତି ତାହେର ମହମ୍ମଦ, ଶୁଭଙ୍କର ମହାପାତ୍ର, ଜାହିଦ ହବିବ୍, ପୌର ପରିଷଦର ସମସ୍ତ କାଉନସିଲର, ଅଧିକାରୀ ଓ କର୍ମଚାରୀ, ସମାଜସେବୀ ସୁଧାକର ରାଉତ୍, ଜୁବୁଲି ଷ୍ଟାର କ୍ଲବର ସଂପାଦକ ଶେଖ ଅନୱର, ପ୍ରତିଷ୍ଠାତା ସଭାପତି ଥିବା ଜବୁଲି ଷ୍ଟାର କ୍ଲବ ଓ ରୋଭର୍ସ କ୍ଲବ୍ ?ର ସମସ୍ତ କର୍ମକର୍ତ୍ତାଙ୍କ ସମେତ ହଜାର ହଜାର ବ୍ୟକ୍ତିବିଶେଷ ସ୍ୱର୍ଗତ ଖାନଙ୍କ ବାସଭବନରେ ପହଞ୍ଚି ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପ୍ରକାଶଯୋଗ୍ୟ ଅଶୀ ଦଶକରେ ଶ୍ରୀ ଖାନ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଅବିଭକ୍ତ ଜନତା ଦଳରେ ଯୋଗ ଦେବା ସହିତ ଆଜି ପର୍ଯ୍ୟନ୍ତ ନିଜର ଅସୁସ୍ଥତା ସତ୍ତ୍ୱେ ବିଜେଡି ରାଜନିତୀରେ ସକ୍ରିୟ ଥିଲେ । ସେ ପୂର୍ବରୁ ୩ଥର ଭଦ୍ରକ ପୌର ପରିଷଦର ପାରିଷଦ ରହିବା ସହ ବିଜେଡିର ବିଭିନ୍ନ ସାଂଗଠନିକ ପଦ ପଦବୀରେ ରହି ନିଷ୍ଠାର ସହ କାର୍ଯ୍ୟ ତୁଲାଇଥିଲେ । ଦଳ ପ୍ରତି ତାଙ୍କ ଅବଦାନ ଓ ସାଂଗଠନିକ ଦକ୍ଷତା ନିମିତ୍ତ ଦଳ ପକ୍ଷରୁ ତାଙ୍କୁ ବହୁବାର ସମ୍ମାନିତ କରାଯାଇଥିଲା । ସେ ରୋଭର୍ସ କ୍ଲବର ଜଣେ ପୂର୍ବତନ ଆଗଧାଡ଼ିର ଫୁଟବଲ ଖେଳାଳୀ ଥିଲେ । ସ୍ୱର୍ଗତ ଖାନଙ୍କୁ କ୍ରାଇସିସ ମ୍ୟାନେଜର ବୋଲି ବିଧାୟକ ଶ୍ରୀ ମଲ୍ଲିକ କହିଥିବାବେଳେ, ସାଂସଦ ଶ୍ରୀମତୀ ମଣ୍ଡଳ ତାଙ୍କର ମୃତ୍ୟୁ କେବଳ ବିଜେଡି ପାଇଁ ନୁହେଁ ବରଂ ସମଗ୍ର ଭଦ୍ରକ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଛନ୍ତି । ଆଜି ରାତ୍ରୀର ଏସାଁ ନମାଜ ପରେ ଜନାଜା ନମାଜ ପାଠ ପରେ ତାଙ୍କୁ ସମାଧି ଦିଆଯିବ ବୋଲି ପରିବାର ସୂତ୍ରରୁ ପ୍ରକାଶ ।

# ସଚ୍ଚି ରାଉତରାୟଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩/୦୫ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶିଷ୍ଟ ସାହିତ୍ୟିକ ସଚ୍ଚି ରାଉତରାୟଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ବିଶିଷ୍ଟ ସାହିତ୍ୟିକ ସଚ୍ଚି ରାଉତରାୟଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି ଜଣାଉଛି। ତାଙ୍କ ରଚିତ 'ଛୋଟ ମୋର ଗାଁଟି' ସଙ୍ଗୀତ ଆଜି ବି ସମସ୍ତଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। 'ଜନ କବି' ଭାବେ ଓଡ଼ିଆ ଭାଷା ଓ ସାହିତ୍ୟ ଜଗତକୁ ସମୃଦ୍ଧ କରୁଥିବା ତାଙ୍କ ସୃଜନ ସୃଷ୍ଟି ପାଇଁ ସେ ସର୍ବଦା ସ୍ମରଣୀୟ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା।
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo